
# ଶିଖର-୨

## (ଘରେ ରହି ଶିଖିବା)

### ଦ୍ୱିତୀୟ ଶ୍ରେଣୀ



ମୋର ନାମ : ______________________

ମୋ ବିଦ୍ୟାଳୟ ନାମ : ______________________


ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଓଡ଼ିଶା, ଭୁବନେଶ୍ୱର

Language and Learning
foundation

# ଶିଖର - ୨
# (ଘରେ ରହି ଶିଖିବା)

ପ୍ରାରମ୍ଭିକ ଭାଷା ଶିକ୍ଷଣ କାର୍ଯ୍ୟକ୍ରମରେ 'ଶିଖର - ୨, ଘରେ ରହି ଶିଖିବା' ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସୋପାନ ଅଟେ। ଭାଷା ଶିକ୍ଷଣ ଏକ ସ୍ୱଭାବିକ ପ୍ରକ୍ରିୟା ଅଟେ। ପ୍ରତ୍ୟେକ ପିଲା ପ୍ରତି ମୁହୂର୍ତ୍ତରେ ତା'ର ପରିବେଶରୁ କିଛି ନା କିଛି ଶିଖୁଥାଏ। ପିଲାମାନଙ୍କର ଶିଖିବାର ପ୍ରକ୍ରିୟା ସାଧାରଣତଃ ତା'ର ପରିବାରରୁ ଆରମ୍ଭ ହୋଇଥାଏ। ଜ୍ଞାନ ଆହରଣ ପାଇଁ ଆଗ୍ରହ, ସୃଜନଶୀଳତା, ଆବେଗକୁ ବୁଝିବା, ଭାବ ପ୍ରକାଶକୁ ନିୟନ୍ତ୍ରଣ କରିବାର ଦକ୍ଷତା - ପିଲାଟି ଭାଷା ମାଧ୍ୟମରେ ନିଜର ପରିବାର, ପଡ଼ୋଶୀ, ସାହି ତଥା ଗୋଷ୍ଠୀ ସହ ଅନ୍ତଃକ୍ରିୟା କରି ଶିଖିଥାଏ।

ଅଧୁନା କୋଭିଡ୍ - ୧୯ ର ବିଷମ ପରିସ୍ଥିତି ହେତୁ ବିଦ୍ୟାଳୟ ଖୋଲିବା ଓ ଶିକ୍ଷଣ ପ୍ରକ୍ରିୟା ଜାରି ରଖିବାରେ ପ୍ରାୟତଃ ବିଳମ୍ୱ ହୋଇ ଚାଲିଛି। ତେଣୁ ପିଲାମାନଙ୍କର ଶିଖିବାର ସୁଯୋଗକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରଖି ଉପଯୁକ୍ତ ସମ୍ୱଳ ସମ୍ୱଳିତ 'ଶିଖର' କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହା ପ୍ରାଥମିକ ବିଦ୍ୟାଳୟରେ ନୂଆ କରି ପ୍ରବେଶ କରୁଥିବା ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କ ନିମନ୍ତେ ପ୍ରଥମ ଶ୍ରେଣୀସ୍ତରର ସମାପ୍ତିରେ ଆଶା କରାଯାଉଥିବା ପ୍ରତ୍ୟାଶିତ ଫଳାଫଳ ପର୍ଯ୍ୟବେସିତ ଶିକ୍ଷଣ ଦୃଢ଼ୀକରଣ ବା ପୁନରାଲୋଚନା କାର୍ଯ୍ୟ ଅଟେ। ଏହି କାର୍ଯ୍ୟରେ ପିଲାମାନଙ୍କ ଘରର ଭାଷା ଓ ଅନୁଭୂତିକୁ ଆଧାର କରି ମୌଖିକ ଭାଷାର ବିକାଶ ସହିତ ପଠନ ଓ ଲିଖନକୁ ଗୁରୁତ୍ୱ ଦିଆଯାଇଛି।

ଜାତୀୟ ଶିକ୍ଷାନୀତି - ୨୦୨୦ରେ ପିଲାମାନଙ୍କ ପଠନ, ଲିଖନ ଓ ଗଣନର ମୂଳଦୁଆକୁ ବିକାଶ କରାଇବା- ଏକ ରାଷ୍ଟ୍ରୀୟ ମିଶନ ରୂପେ ଗ୍ରହଣ କରାଯାଇଛି। ଶିକ୍ଷଣ ଏକ ସାମାଜିକ ପ୍ରକ୍ରିୟା। ତେଣୁ ପିଲାମାନଙ୍କର ଶିକ୍ଷଣ ମୂଳଦୁଆକୁ ପ୍ରାସଙ୍ଗିକ ତଥା ଅର୍ଥପୂର୍ଣ୍ଣ କରିବା ପାଇଁ ନିଜ ପରିବାରର ଗୁରୁଜନମାନଙ୍କ ସହାୟତାରେ ଭାଷା ଜ୍ଞାନର ବିକାଶ କରିବା ଉପରେ 'ଶିଖର'ରେ ଗୁରୁତ୍ୱ ଦିଆଯାଇଛି।

**'ଶିଖର' ର ମୁଖ୍ୟ ଉଦ୍ଦେଶ୍ୟ :**

- ଗୀତ, ଗଳ୍ପ ଓ ସାଧାରଣ ନିର୍ଦ୍ଦେଶକୁ ଶୁଣି କରି ବୁଝିବେ।
- ପରିଚିତ ଦୃଶ୍ୟ / ଚିତ୍ରକୁ ଶବ୍ଦ ଓ ବାକ୍ୟରେ ପ୍ରକାଶ କରିବେ।
- ବିଭିନ୍ନ ପରିସ୍ଥିତିରେ ନିଜ ଭାବ ପ୍ରକାଶ କରିବେ।
- ଚିନ୍ତା ଓ ସୃଜନଶକ୍ତିର ବିକାଶ କରିବା ପାଇଁ ସୁଯୋଗ ସୃଷ୍ଟିକରିବେ।
- ନିଜ ପରିବେଶରେ ଥିବା ବିଭିନ୍ନ ବସ୍ତୁ, ଲୋକ, କାର୍ଯ୍ୟ ଆଦି ବିଷୟରେ ଜାଣିବେ।
- ଚିତ୍ର ବିଶିଷ୍ଟ ସମ୍ୱଳକୁ ଦେଖି ବୁଝିବା ଓ ଚର୍ଚ୍ଚା କରିବେ।
- ଚିତ୍ର, ଖେଳ, କାର୍ଯ୍ୟକଳାପ (ଗତିବିଧି) ଓ କଥୋପକଥନ ମାଧ୍ୟମରେ ଶିଖିବେ।
- ମୌଖିକ ଭାଷାର ବିକାଶ ସହିତ ପଠନ ଓ ଲିଖନର ବିକାଶ ନିମନ୍ତେ ସୁଯୋଗ ସୃଷ୍ଟି କରିବେ।

ପିଲାମାନଙ୍କର ମାନସିକ ସ୍ତର, ଅଭିଜ୍ଞତା, ଅନୁଭୂତି ତଥା ପରିବାରର ଗୁରୁଜନମାନଙ୍କ ସହାୟତାରେ ପିଲାମାନେ ନିଜେ କରି ନିଜେ ଶିଖିବାକୁ ମୌଳିକ ଉପାଦାନ ରୂପେ ନେଇ ଶିଖର ପରିକଳ୍ପନା କରାଯାଇଛି। ଆଶା, ଏହା ପିଲାମାନଙ୍କ ଶିକ୍ଷଣ ନିମନ୍ତେ ଉପାଦେୟ ହେବ।

## ଶିକ୍ଷଣ କାର୍ଯ୍ୟକ୍ରମରେ ଭାଷା ଶିକ୍ଷଣ

ଭାଷା କେବଳ ଭାବର ଆଦାନପ୍ରଦାନ ନୁହେଁ, ଏହା ଜ୍ଞାନ ଲାଭ କରିବାର ଏକ ମାଧ୍ୟମ। ପିଲାମାନେ ବୁଝିବା ସହିତ, ପଢ଼ିବା ଓ ଲେଖିବା ଦକ୍ଷତା ହାସଲ କରିବା ଭାଷା ଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ। ଭାଷା ବିକାଶ କହିଲେ- ଶ୍ରବଣ, କଥନ, ପଠନ ଓ ଲିଖନ ଭଳି ପରସ୍ପର ସମ୍ପର୍କିତ ଓ ପରିପୂରକ କୌଶଳଗୁଡ଼ିକ ହାସଲ କରିବାକୁ ବୁଝାଏ। ପିଲାର ପଢ଼ିବା ଓ ଲେଖିବା ଜନ୍ମରୁ ଆରମ୍ଭ ହୋଇଥାଏ ଏବଂ ଏହା ଭାବ ବିନିମୟର ଆବଶ୍ୟକତା ଉପରେ ଗଢ଼ି ଉଠି ଥାଏ। ପିଲାମାନେ ବିଭିନ୍ନ ଉପାୟରେ ଓ ଭିନ୍ନ ବେଗରେ ପଢ଼ି-ଲେଖି ଶିଖନ୍ତି।

ଭାଷାଗତ ବିକାଶ ପାଇଁ ପ୍ରାରମ୍ଭିକ ଶିକ୍ଷଣକାର୍ଯ୍ୟରେ ସମ୍ବାଦ ପଠନ, ଗଳ୍ପ କଥନ, ଶବ୍ଦ ଅକ୍ଷର ଧ୍ୱନି ଓ ସଙ୍କେତର ପରିଚୟ, ଚିତ୍ର ବର୍ଣ୍ଣନା ଓ ଅନ୍ୟ ମୌଖିକ ଖେଳ, କାର୍ଯ୍ୟ, ଆଲୋଚନା କରିବା, ଗୀତ ଗାଇବା, ଶୁଣିବା ଆଦି କରାଯାଇପାରିବ।

ଶିଶୁମାନେ ପ୍ରଥମେ ମୌଖିକ ଦକ୍ଷତା / କୌଶଳ ହାସଲ କରନ୍ତି। ଏହାପରେ ହିଁ ସେମାନେ ପଢ଼ିବା ଓ ଲେଖିବା ଶିଖିବା ଆରମ୍ଭ କରନ୍ତି। ଶ୍ରବଣ, କଥନ, ପଠନ, ଲିଖନ ଓ ଚିନ୍ତନ ଏକା ସଙ୍ଗରେ ଶିଖିବା ପାଇଁ ପିଲାମାନେ ସକ୍ଷମ। କୌଣସି ଅର୍ଥପୂର୍ଣ୍ଣ ପ୍ରସଙ୍ଗରେ ଭାଷା ବ୍ୟବହାର କରି ପିଲାମାନେ ଭାଷା ଶିଖନ୍ତି।

ଏଣୁ ଭାଷା ଆହରଣ କରାଯାଏ, ଶିଖାଯାଏ ନାହିଁ। ଭାଷା ଶିଖିବା ପାଇଁ ଏକ ନିରାପଦ ଓ ଅର୍ଥପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିବା ଆବଶ୍ୟକ। ପଠନ, ଲିଖନ, ବୋଧଗମ୍ୟତା, କଥନ ଆଦି ଭାଷାର ବିଭିନ୍ନ ଅଂଶ ଅଟେ। ଭାଷା ଆହରଣରେ ମୌଖିକ ଭାଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ଶୁଣିବା ଓ କହିବା କୌଶଳକୁ ନିଜର ପରିବେଶରୁ ସ୍ୱାଭାବିକ ଭାବେ ଶିଖିଯାଆନ୍ତି। କିନ୍ତୁ ପଢ଼ିବା ଓ ଲେଖିବା ଶିଖିବାର କାର୍ଯ୍ୟ ସ୍ୱାଭାବିକ ଭାବେ ହୁଏ ନାହିଁ। ଏହା ପାଇଁ ବ୍ୟବସ୍ଥାପିତ ପ୍ରଣାଳୀ ଆବଶ୍ୟକ। ପଠନ କୌଶଳ ସହିତ ଶବ୍ଦାବଳୀର ପରିଚୟ, ବାକ୍ୟ ବିନ୍ୟାସ ଏବଂ ଅର୍ଥ ନିର୍ମାଣର ବିଭିନ୍ନ ଉପାୟମାନ ପିଲାମାନେ ପଢ଼ି କରି ବୁଝିବା ଓ ଶିଖିବା ଆବଶ୍ୟକ। ଚିତ୍ର ଆଙ୍କି ଅଭିବ୍ୟକ୍ତି କରିବା ଓ ପ୍ରାକ୍ ଲିଖନରୁ ଲିଖନ ପ୍ରକ୍ରିୟାର ଆରମ୍ଭ ହୁଏ। ଏହା ପରେ ଛାପାଲେଖା ଅବଧାରଣା, ଧ୍ୱନିର ସଙ୍କେତ ଚିହ୍ନ, ଅକ୍ଷର, ଶବ୍ଦ ଚିହ୍ନିବାରୁ ଡିକୋଡିଂର ଆରମ୍ଭ ହୁଏ।

## ପ୍ରାରମ୍ଭିକ ପଠନର ଆବଶ୍ୟକ ଅଂଶ:

- ଭାଷା ମାଧ୍ୟମରେ ଭାବ ପ୍ରକାଶ କରିବାର ସାମର୍ଥ୍ୟ
- ପରିବାର, ଗୋଷ୍ଠୀ ଓ ପରିବେଶ ସମ୍ବନ୍ଧୀୟ ଜ୍ଞାନ
- ଆବେଗ ଓ ଅନୁଭୂତିକୁ ବୁଝିବା, ପ୍ରକାଶ କରିବା, ନିୟନ୍ତ୍ରଣ କରିବା।
- ଗୀତ, ଗପ, ନାଚ, ଖେଳ, ଅଭିନୟ ଓ କାର୍ଯ୍ୟ ମାଧ୍ୟମରେ ଶିଖିବା।
- କୌଣସି ବିଷୟବସ୍ତୁ ସମ୍ବନ୍ଧରେ ପରିବେଶ ଓ ଘଟଣାବଳୀକୁ ପରୀକ୍ଷା କରି ଶିଖିବା ପାଇଁ ଯଥେଷ୍ଟ ସୁଯୋଗ ପାଇବା।

## ଶିଖରରେ କରିବାକୁ ଥିବା ଶିକ୍ଷଣକାର୍ଯ୍ୟର ଉଦ୍ଦେଶ୍ୟ

- କଥୋପକଥନ- ବାର୍ତ୍ତାଳାପ ପ୍ରଣାଳୀ ଶିଖିବା ବହୁତ ଆବଶ୍ୟକ। ବୟସ୍କଙ୍କ ସହିତ କ୍ରିୟାକଳାପ ମାଧ୍ୟମରେ ମୌଖିକ ଭାଷାର ବିକାଶ ହୁଏ।
- ଚିତ୍ର ପଠନ- ପିଲାମାନେ ଚିତ୍ର ଦେଖି, ସେ ବିଷୟରେ ସାମାନ୍ୟ ଚର୍ଚ୍ଚା, ଆଲୋଚନା କରବେ ଓ ବର୍ଣ୍ଣନା କରିବେ। ପିଲାଙ୍କୁ ମନଯୋଗ ସହିତ ଚିତ୍ର ଦେଖି ମୁକ୍ତ ଭାବରେ କହିବା ପାଇଁ ସୁଯୋଗ ଦିଆଯିବ। ଚିତ୍ର ବିଷୟରେ କିଛି କୌତୁକିଆ ପ୍ରଶ୍ନ ପଚରା ଯାଇପାରିବ। ପିଲା ଚିତ୍ର ସମ୍ପର୍କିତ ଚିତ୍ରାଙ୍କନ ମଧ୍ୟ କରିପାରିବେ ଓ ରଙ୍ଗ ଦେବେ।
- ଛାପା ଅକ୍ଷରକୁ ପଢ଼ିବା, ଛାପା ଅକ୍ଷରକୁ ପଢ଼ି ବୁଝିବା, ଛାପାଲେଖା ଧ୍ୱନି ଚେତନା ଓ ଲିଖନର ପ୍ରସ୍ତୁତି ପ୍ରାରମ୍ଭିକ ପଠନର ଏକ ଅଂଶ। ପ୍ରିଣ୍ଟିଂ ବୁଝି କୌଣସି କଥା ବା ଘଟଣାକୁ ଲେଖି କରି ମଧ୍ୟ ପ୍ରକାଶ କରାଯାଇପାରିବ।
- ଶ୍ରବଣ ଦକ୍ଷତା - ଗଳ୍ପକଥନ, ମୁକ୍ତ ଓ ସଂଗଠିତ ବାର୍ତ୍ତାଳାପ, କଥୋପକଥନ, ଗୀତ ଓ ଅଭିନୟ ସଂଗୀତ, ଶବ୍ଦ ଚିହ୍ନଟ ଓ ଧ୍ୱନି ଭେଦ କରିବା।
- କଥନ ଦକ୍ଷତା - ଗଳ୍ପକଥନ, ମୁକ୍ତ ବାର୍ତ୍ତାଳାପ, ଅଭିନୟ, କଣ୍ଢେଇ ଖେଳ, ଛବି ପଠନ, ଖେଳ ଆଦି ଦ୍ୱାରା।
- ଶବ୍ଦର ବୋଧଗମ୍ୟତା- ଛବି ପଠନ, ପ୍ରଶ୍ନୋତ୍ତର, ଗଳ୍ପ କଥନ, ଶବ୍ଦ ପଢ଼ିବା, ଚିହ୍ନିବା ଆଦି ଦ୍ୱାରା।
- ପ୍ରାକ୍-ପଠନ- ଛବି ପଠନ, ଛାପା ଅକ୍ଷରକୁ ପଢ଼ି ବୁଝିବା, ଶବ୍ଦ ଚିତ୍ର ଯୋଡ଼ି ଚିହ୍ନିବା, ଶବ୍ଦକୁ ଚିତ୍ର ପରି ଚିହ୍ନିବା, ଅଭିନୟ ପଠନ ଆଦି।
- ପ୍ରାକ୍-ଲିଖନ - ଚିତ୍ର କରିବା, ରଙ୍ଗ କରିବା, ଗାରେଇବା, ବିନ୍ଦୁ ଯୋଡ଼ିବା, ଦେଖି ଦେଖି ଲେଖିବା ଆଦି ଦ୍ୱାରା।
- ଅଭିନୟ ପଠନ:

  ୨-୩ ଥର ଗଳ୍ପ କଥନ କରାଇ ଧାଡ଼ି, ଧାଡ଼ିରୁ ଶବ୍ଦ କୁହାଯିବ। ଗଳ୍ପକୁ ବଡ଼ କରି ଚାର୍ଟ, କଳାପଟା, ଚଟାଣ ଉପରେ ଲେଖି ଆଙ୍ଗୁଳି ରଖି ଶବ୍ଦକୁ ଦେଖାଇ ୨-୩ ଥର ଅଭିଭାବକ ପଠନ କରି ସାରିଲା ପରେ ପିଲାଙ୍କୁ ଶବ୍ଦ ଚିହ୍ନି ଅଭିନୟ ପଠନ କରିବାକୁ କୁହାଯାଇପାରିବ।

- ପ୍ରାକ୍-ଗାଣିତିକ ପ୍ରତ୍ୟୟ ଧାରଣା ପାଇଁ ଶବ୍ଦ ଭଣ୍ଡାରର ଅଭିବୃଦ୍ଧି।
- ବସ୍ତୁର ଚିତ୍ର ସହ ନାମ ମିଶାଇ ସମାଧାନ କରିବା।
- ଧାରାବାହିକ ଚିନ୍ତନ ପାଇଁ ଫୁଲ, ପତ୍ର, କାଗଜଟୁକୁଡ଼ା ଯୋଡ଼ି- ଆକାର କରିବା, ଗପକୁ ଧାରାବାହିକ ଭାବେ କହିବା, ନିର୍ଦ୍ଦେଶ ମନେରଖି କାର୍ଯ୍ୟ କରିବା।
- ପ୍ରକୃତି ପର୍ଯ୍ୟବେକ୍ଷଣ, ପୂର୍ବଜ୍ଞାନ, ସାଧାରଣ ଜ୍ଞାନରୁ ମୁକ୍ତ ଓ ସଂଗଠିତ ବାର୍ତ୍ତାଳାପ, ପଶୁ-ପକ୍ଷୀ, କୀଟପତଙ୍ଗ, ଗଛପତ୍ର, ପନିପରିବା,ଦିଗ, ଗାଁ ହାଟ-ବଜାର, ପରିବାର ଗୋଷ୍ଠୀ ସମ୍ବନ୍ଧୀୟ ଧାରଣା, ପର୍ବପର୍ବାଣୀ ପାଳନ, ଆଦିରୁ ପରିବେଶଗତ ପ୍ରତ୍ୟୟ ସମ୍ବନ୍ଧୀୟ ଧାରଣା ଜାଣିବା।

• ଅଭିନୟ ଗୀତ:

ଗୀତଟିକୁ ଅଭିନୟ କରି ଅଭିଭାବକ ୩/୪ ଥର ଆବୃତ୍ତି କରିବେ । ପଦରୁ ଧାଡ଼ି, ଧାଡ଼ିରୁ ଅଧା- ଧାଡ଼ି, ଅଧା- ଧାଡ଼ିରୁ ଶବ୍ଦ (ସମତାନ ଶବ୍ଦ), ଶବ୍ଦରୁ ପ୍ରଥମ ଅକ୍ଷର, ଧ୍ୱନି ଚିହ୍ନଟ କରାଇବେ ।

ଏନ୍.ସି.ଇ.ଆର.ଟିର ୮ ସପ୍ତାହ ପାଇଁ ଉଦ୍ଦିଷ୍ଟ ବିକଳ୍ପ ଶୈକ୍ଷିକ କ୍ୟାଲେଣ୍ଡର୍ (Alternative Academic Calender) ଆଧାର କରି ଅଭ୍ୟାସ ପୁସ୍ତିକା ତିଆରି ହୋଇଛି । ଏହି ଅଭ୍ୟାସ ପୁସ୍ତିକା ପ୍ରତ୍ୟେକ ପିଲାପାଇଁ ଉଦ୍ଦିଷ୍ଟ । କାର୍ଯ୍ୟଫର୍ଦ୍ଦରେ ଲେଖାଯାଇଥିବା ନିର୍ଦ୍ଦେଶ ଅଭିଭାବକ ଓ ଚିତ୍ରବିଶିଷ୍ଟ ସୂଚକ ପିଲାଙ୍କ ପାଇଁ ଉଦ୍ଦିଷ୍ଟ । ନିର୍ଦ୍ଦେଶ ଅନୁସାରେ ଅଭିଭାବକ ପିଲାଙ୍କୁ ଅଭ୍ୟାସ ପୁସ୍ତିକାରେ କାର୍ଯ୍ୟ କରିବାକୁ କହିବେ । କାର୍ଯ୍ୟ କରିବା ପାଇଁ ପିଲାମାନେ ପେନସିଲ୍ ବ୍ୟବହାର କରିବେ । ଚିତ୍ରରେ ରଙ୍ଗ ଦେବା ପାଇଁ ରଙ୍ଗ ପେନ୍‌ସିଲ୍ ଅଥବା କ୍ରେୟନ ବ୍ୟବହାର କରିବେ ।

## ପିଲାମାନଙ୍କ ନିମନ୍ତେ ଭାଷାଗତ ଦକ୍ଷତା

| | |
|---|---|
| ୧. ଶୁଣିକରି ବୁଝିବା | ୧. ଗୋଟିଏ ସରଳ ସୂଚନାକୁ ଅନୁସରଣ କରିବେ ।<br>୨. ୨ ରୁ ୩ ଟି ସରଳ ସୂଚନା ଅନୁସରଣ କରିବେ । |
| ୨. ଗପ କହିବା, ବୁଝିବା | ୧. ଗୋଟିଏ ଛୋଟ ଓ ସରଳ ଗପର ମୁଖ୍ୟ ଅଂଶଗୁଡ଼ିକ କହିବେ ।<br>୨. ଗପଟିକୁ ଧାରାବାହିକ ଭାବେ କହିବେ । |
| ୩. ଶବ୍ଦଭଣ୍ଡାର ଅଭିବୃଦ୍ଧି | ୧. ପରିଚିତ ବସ୍ତୁର ନାମ କହିବେ ।<br>୨. ଅନେକ ଜିନିଷର ନାମ କହିପାରିବେ, ବ୍ୟବହାର କରିବେ । |
| ୪. ଅଭିବ୍ୟକ୍ତି / ଭାବ ପ୍ରକାଶ କରିବା | ୧. ନିଜର ଭାବନାକୁ ଶବ୍ଦ, ଖଣ୍ଡବାକ୍ୟ ଓ ସରଳ ବାକ୍ୟରେ ପ୍ରକାଶ କରିବେ ।<br>୨. କୌଣସି ଭାବଧାରା / ଅନୁଭୂତିକୁ ପୂର୍ଣ୍ଣ ବାକ୍ୟରେ ପ୍ରକାଶ କରିବେ । |
| ୫. ଅଭିନୟ ଗୀତ / କବିତା | ୧. ଗୋଟିଏ ଛୋଟ ଓ ସରଳ ଶିଶୁଗୀତ / ଅଭିନୟ ଗୀତ ଅଭିନୟ ମାଧ୍ୟମରେ ବୋଲିବେ ।<br>୨. ଗୋଟିଏ ଛୋଟ ଓ ସରଳ ଶିଶୁଗୀତ / କବିତା / ଅଭିନୟ ଗୀତ ନାଟକୀୟ ଭଙ୍ଗୀରେ ବୋଲିବେ । |

## ପ୍ରାକ୍ ପଠନ / ପଠନ ପ୍ରସ୍ତୁତି

| | |
|---|---|
| କଥନ | • ପରିଚିତ ଛବିରେ ଥିବା ବସ୍ତୁକୁ ଚିହ୍ନିପାରିବେ ଓ ନାମ କହିବେ। |
| | • ଛବିରେ ଥିବା ବସ୍ତୁ ଓ ଚିତ୍ରକୁ ଛୋଟ ବାକ୍ୟରେ ବର୍ଣ୍ଣନା କରିବେ। |
| | • ଏକ ପ୍ରକାରର ଛବିଗୁଡ଼ିକୁ ମେଳ କରିବେ। |
| | • ଭିନ୍ନ ଭିନ୍ନ ଛବି ଓ ଆକାରଗୁଡ଼ିକୁ ବାଛି ପାରିବେ ଓ ଛବିରେ ଥିବା ନିର୍ଦ୍ଦିଷ୍ଟ ଆକାର ବାଛିବେ। |
| | • ଶବ୍ଦର ଧ୍ୱନି ଓ ବସ୍ତୁ ମଧ୍ୟରେ ପ୍ରଭେଦ ଜାଣିବେ। |
| | • ପ୍ରିଣ୍ଟିଂ ବୁଝିପାରିବେ, ଶବ୍ଦ ଚିହ୍ନିବେ। |
| ପଠନ | • ଅଭିନୟ ପଠନ କରିବେ। |
| | • ନିଜେ ପରିଚିତ ଶବ୍ଦ, ଛୋଟ ବାକ୍ୟାଂଶ ପଢ଼ିବାକୁ ଚେଷ୍ଟା କରିବେ। |
| ପ୍ରାକ୍-ଲିଖନ | • ମୁକ୍ତ ଭାବରେ ଗାରେଇ ପାରିବେ, ବିନ୍ଦୁ ଯୋଡ଼ିବେ। |
| | • ରଙ୍ଗ କରିବେ, ଆଙ୍କିବେ, ନାମ ଲେଖିବେ। |
| ଲିଖନ | • ଦେଖି- ଦେଖି ନାମ ଲେଖିବେ। |
| | • ପରିଚିତ ଶବ୍ଦ ଲେଖିବେ। |
| | • ଅକ୍ଷର ସଙ୍କେତ ଲେଖିବେ। |

## ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ରେ ଭାଷା ଶିକ୍ଷଣ:

ଶିକ୍ଷା ଶାସ୍ତ୍ରରେ ସମୟ ସମୟରେ ବିବିଧ ସିଦ୍ଧାନ୍ତ ଓ ପ୍ରୟୋଗ ମଧ୍ୟରେ ଏକ ସମ୍ପର୍କ ସ୍ଥାପନ କରି ନୂତନ ପ୍ରଣାଳୀରେ ଶିକ୍ଷାଦାନକୁ ସଶକ୍ତ କରିବା ଶିକ୍ଷାର ଲକ୍ଷ୍ୟ। ନୂତନ ପଦ୍ଧତିରେ ପିଲାଙ୍କ ବୌଦ୍ଧିକ କ୍ଷମତା ଓ ସହନଶୀଳତାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା ଗବେଷଣାରେ ଭାଷା ଶିଖିବାର ନୂଆ କୌଶଳ (ନୀତି ୨୦୨୦ରେ ରାଷ୍ଟ୍ରୀୟ ଶିକ୍ଷା କୌଶଳ) ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ଭାଷା ଶିକ୍ଷଣର କୌଶଳ- ମୌଖିକ ଭାଷା ବିକାଶ, ଅର୍ଥପୂର୍ଣ୍ଣ ବୋଧଗମ୍ୟ ପଠନ, ଲିଖନ ଉପରେ ଗୁରୁତ୍ୱ ଦିଆଯାଇଛି। ମୌଖିକ ଭାଷା ବିକାଶର ଭିତ୍ତି ହିଁ ଭାଷା ଶିକ୍ଷଣ କୌଶଳର ମହତ୍ୱପୂର୍ଣ୍ଣ ଅଙ୍ଗ, ଯେଉଁଥିରେ କି ସମଗ୍ର ଶ୍ରେଣୀରେ କଥାବାର୍ତ୍ତା ବା ଶିକ୍ଷଣକାର୍ଯ୍ୟ ଜରିଆରେ ପଠନ ଓ ଲିଖନ କରାଯିବ। ଏଲ୍.ଏଲ୍. ଏଫ୍ (LLF) ଭାଷା ଶିକ୍ଷଣ ଏହି ସିଦ୍ଧାନ୍ତ ଉପରେ ନିର୍ଦ୍ଧାରିତ।

# ଅଭିଭାବକଙ୍କ ପାଇଁ ସୂଚନା

'ଶିଖର' କାର୍ଯ୍ୟକ୍ରମରେ ବାପାମାଆ ତଥା ଘରର ଅନ୍ୟ ବୟୋଜ୍ୟେଷ୍ଠମାନଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ତତ୍ତ୍ୱାବଧାନରେ ପିଲା ଘରେ ରହି ଶିଖିବେ।

- ସୋମବାର ଠାରୁ ଶନିବାର, ସବୁ ଦିନ ସକାଳ ୧୦.୦୦ - ୧୦.୪୫ ପର୍ଯ୍ୟନ୍ତ ପିଲାମାନେ ଭାଷାଗତ ଶିକ୍ଷଣକାର୍ଯ୍ୟ କରିବେ।
- 'ଶିଖର' ଅଭ୍ୟାସ ପୁସ୍ତିକାରେ ପିଲାଙ୍କ ପାଇଁ ପ୍ରତି ସପ୍ତାହରେ ପ୍ରସଙ୍ଗ ଅନୁଯାୟୀ ଅଭିନୟ ଗୀତ, ଗପ, ଶିକ୍ଷଣକାର୍ଯ୍ୟ, କଥୋପକଥନ ପାଇଁ ବିନ୍ଦୁ ଓ ୬ ଟି କାର୍ଯ୍ୟଫର୍ଦ୍ଦ ଦିଆଯାଇଛି।
- ଏହା ଛଡ଼ା ଅଧିକ ଅଭ୍ୟାସ ପାଇଁ ସୋମବାରରୁ ଶନିବାର ପର୍ଯ୍ୟନ୍ତ ସନ୍ଧ୍ୟା ୭ଘ: ରୁ ୮ଘ: ସମୟ ପର୍ଯ୍ୟନ୍ତ ଭାଷା ବିକାଶ (ଗପ, ଗୀତ, ଚିତ୍ର, ରଙ୍ଗ ଦେବା) ଓ ଲିଖନ ଅଭ୍ୟାସ ପାଇଁ ମଧ୍ୟ ସୁଯୋଗ ରହିଛି।
- ସକାଳୁ ୪୫ ମିନିଟ୍ ଭାଷା କାର୍ଯ୍ୟରେ ପିଲାମାନେ ବାପାମାଆ କିମ୍ବା ବଡ଼ ଭାଇଭଉଣୀଙ୍କର ସହଯୋଗରେ ଗୀତ, ଗଳ୍ପ, ଶିକ୍ଷଣକାର୍ଯ୍ୟ, କଥୋପକଥନ ମାଧ୍ୟମରେ ମୌଖିକ ଭାଷା ବିକାଶ, ପ୍ରାରମ୍ଭିକ ପଠନ, ଶବ୍ଦର ଅର୍ଥ ନିର୍ମାଣ ପାଇଁ କିଛି କାର୍ଯ୍ୟ କରିବେ ଓ କାର୍ଯ୍ୟଫର୍ଦ୍ଦ ମାଧ୍ୟମରେ ଲିଖନ ଅଭ୍ୟାସ କରିବେ। ଅଧିକ ସୂଚନା ପାଇଁ ଶେଷ ପୃଷ୍ଠାରେ ଦିଆଯାଇଥିବା ଦୈନିକ ଯୋଜନା ଦେଖିବେ।
- ଯଥାସମ୍ଭବ ପିଲାମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବେ ଓ ସେମାନଙ୍କୁ ଅଧିକ କହିବାପାଇଁ ସୁଯୋଗ ଦେବେ।
- ସନ୍ଧ୍ୟା ସମୟରେ ଗପ, ଗୀତ ଶୁଣି ଆନନ୍ଦ ନେବା ପାଇଁ ଓ କିଛି ଲିଖନ ଅଭ୍ୟାସ ପାଇଁ (ପ୍ରଥମ ଶ୍ରେଣୀ ପାଇଁ ପ୍ରାକ୍ ଲିଖନ, ଚିତ୍ରାଙ୍କନ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଅକ୍ଷର ଓ ବର୍ଣ୍ଣ ଅଭ୍ୟାସ) କାର୍ଯ୍ୟ ଦିଆଯାଇଛି। ପିଲାମାନେ ଅଜା, ଆଈ / ଜେଜେମାଆ, ଜେଜେବାପାଙ୍କ ସଙ୍ଗେ ଗୀତ ଗାଇ ଓ ଗପ ଶୁଣି ଖୁସି ହେବା ପାଇଁ ସୁଯୋଗ ଅଛି।
- ଅଧିକ ଅଭ୍ୟାସ ପାଇଁ ଦିଆଯାଇଥିବା ଗପ, ଗୀତର ଭିଡ଼ିଓ ଲିଙ୍କ୍ ସ୍ମାର୍ଟଫୋନ୍ ଥିବା ପିଲାଙ୍କୁ ଯୋଗାଇ ଦିଆଯିବ।
- ପ୍ରତ୍ୟେକ ଦିନର କାର୍ଯ୍ୟଫର୍ଦ୍ଦରେ ସ୍ୱାକ୍ଷର କରିବେ।
- କୌଣସି ସ୍ଥାନରେ କିଛି ଅସୁବିଧା ହେଲେ ଶିକ୍ଷକଙ୍କୁ ଫୋନ୍‌ରେ ଯୋଗାଯୋଗ କରି କିମ୍ବା ସେ ଘରକୁ ଆସିଥିବା ସମୟରେ ପଚାରି ବୁଝି ପାରିବେ। ହ୍ୱାଟ୍ସ ଆପ୍ ସୁବିଧା ଥିଲେ କିମ୍ବା ମେସେଜ୍ କରି ମଧ୍ୟ ଶିକ୍ଷକଙ୍କଠାରୁ ବୁଝି ପାରିବେ।
- ଅଭ୍ୟାସ ପୁସ୍ତିକାରେ କାର୍ଯ୍ୟ କରାଇବା ପୂର୍ବରୁ ବ୍ୟବହାର ପାଇଁ ଦିଆଯାଇଥିବା ସୂଚନା ଓ ସୂଚକକୁ ଦେଖିବେ।

# ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ 'ଶିଖର' କାର୍ଯ୍ୟକ୍ରମ ବିଷୟରେ ଫୋନ୍ ବା ପ୍ରତ୍ୟକ୍ଷ ଭାବେ ଅଭିଭାବକଙ୍କୁ ସୂଚନା ଦେବେ ।
- ସାପ୍ତାହିକ ବିଷୟବସ୍ତୁ ସମ୍ପର୍କରେ ପିଲାମାନଙ୍କର ଧାରଣା ସ୍ପଷ୍ଟ କରିବେ ।
- ପିଲାଙ୍କ ସହ ଫୋନ୍‌ରେ ଯୋଗାଯୋଗ ସମୟରେ କାର୍ଯ୍ୟପୁସ୍ତିକାରେ ଥିବା ବିଭିନ୍ନ ଶିକ୍ଷଣକାର୍ଯ୍ୟ କିପରି ସଂପାଦନ କରିବେ ତାହା ବୁଝାଇ କହିବେ ।
- କାର୍ଯ୍ୟକ୍ରମର ପ୍ରାରମ୍ଭ ସମୟରେ ଅଭିଭାବକଙ୍କୁ ପ୍ରତ୍ୟେକ ଶିକ୍ଷଣକାର୍ଯ୍ୟ (ଅଭିନୟ, ଗୀତ ଆବୃତ୍ତି, ଗଳ୍ପକଥନ, ସାପ୍ତାହିକ ଗତିବିଧି ଓ କଥୋପକଥନ କରିବାର ପ୍ରସ୍ତାବିତ ଯୋଜନା ଓ କ୍ରମ) ବିଷୟରେ ବୁଝାଇ କହିବେ ।
- ପ୍ରତ୍ୟକ୍ଷ ବା ଫୋନ୍ ଯୋଗାଯୋଗ ମାଧ୍ୟମରେ ପ୍ରତ୍ୟେକ ସପ୍ତାହ ପାଇଁ ନିର୍ଦ୍ଧାରିତ ବିଷୟବସ୍ତୁରେ ପିଲାମାନଙ୍କର ପ୍ରଗତିକୁ ସୁନିଶ୍ଚିତ କରିବା ପାଇଁ ଶିକ୍ଷକ ନିର୍ଦ୍ଦେଶିକାରେ ଦିଆଯାଇଥିବା ବିଷୟ ବସ୍ତୁକୁ ଅନୌପଚାରିକ ଆକଳନ କରିବେ । ଆବଶ୍ୟକତା ଅନୁଯାୟୀ ସାହାଯ୍ୟ ପ୍ରଦାନ କରିବେ ।
- ପ୍ରତ୍ୟକ୍ଷ ବା ଫୋନ୍ ଯୋଗାଯୋଗ ଦ୍ୱାରା ଅଭିଭାବକଙ୍କର ସ୍ୱାକ୍ଷରକୁ ସୁନିଶ୍ଚିତ କରିବେ । ନିଜେ ସ୍ୱାକ୍ଷର କରିବେ ।
- ହ୍ୱାଟ୍ସ ଅପ୍‌ରେ ପ୍ରତି ସପ୍ତାହ ପଇଁ ନିର୍ଦ୍ଦିଷ୍ଟ କବିତା ଓ ଗପର ଭିଡ଼ିଓ ଲିଙ୍କ୍ ପିଲାଙ୍କୁ ପଠାଇବେ । (ସ୍ମାର୍ଟ ଫୋନ୍ ନଥିବା ପିଲାଙ୍କ ପାଇଁ ସାଧାରଣ ଫୋନ୍‌ରେ ଆଲୋଚନା କରା ଯାଇପାରିବ ।)
- ଏନ୍.ସି.ଇ.ଆର୍.ଟି ଦ୍ୱାରା ପ୍ରସ୍ତାବିତ blended learning (ମିଶ୍ରିତ ପ୍ରଣାଳୀ) ଅନୁସାରେ ଘରେ ରହି ଶିଖିବା କାର୍ଯ୍ୟକ୍ରମରେ ୧୬ଟି କବିତା ଓ ୧୬ଟି ଗପ 'ଶିଖର' ଅଭ୍ୟାସ ପୁସ୍ତିକାରେ ଦିଆଯାଇଛି । ହ୍ୱାଟ୍ସ ଆପ୍‌ରେ ଏହି ଗପ ଓ ଗୀତଗୁଡ଼ିକର ଭିଡ଼ିଓ ଲିଙ୍କ୍ ପଠାଯିବ । ଏହି କବିତା, ଗପଗୁଡ଼ିକ ସନ୍ଧ୍ୟା ସମୟର କାର୍ଯ୍ୟ । ଏହାକୁ ପିଲା ନିଜ ସୁବିଧା ଅନୁସାରେ ଖାଲି ସମୟରେ ବି କରିପାରିବେ । ଏହି କାର୍ଯ୍ୟର ଉଦ୍ଦେଶ୍ୟ ଘରର ଗୁରୁଜନମାନଙ୍କ ସହିତ କିଛି ସମୟ ଅତିବାହିତ କରିବା, ଗପ ବା ଗୀତ ଶୁଣିବା, ଶିଖିବା, ଆଲୋଚନା କରିବା ଓ ଲିଖନ ଅଭ୍ୟାସ କରିବା ।

## ସୂଚକ

| | |
|---|---|
|  | ନିଜେ ଦେଖିବା, ପଢ଼ିବା, କହିବା ଆଉ ଲେଖିବା |
|  | ଅଜା, ଆଈ/ଜେଜେବାପା, ଜେଜେମାଆଙ୍କ ସାହାଯ୍ୟ ନେଇ ଶୁଣିବା ଆଉ କହିବା । |
|  | ବାପାମାଆଙ୍କ ସାହାଯ୍ୟ ନେଇ ପଢ଼ିବା, କହିବା ଆଉ ଲେଖିବା । |

# ଶିଖର - ୨
## ସାପ୍ତାହିକ କାର୍ଯ୍ୟକ୍ରମ

| ସପ୍ତାହ | ପ୍ରସଙ୍ଗ | ଅଭିନୟ ଗୀତ | ଗଳ୍ପକଥନ | ଗତିବିଧି | କଥୋପକଥନ | ଲିଖନ | ଅତିରିକ୍ତ ଗଳ୍ପ, ଗୀତ ଓ ଚିତ୍ରାଙ୍କନ | ଅଭ୍ୟାସ କାର୍ଯ୍ୟ |
|---|---|---|---|---|---|---|---|---|
| ୧. | ମୋ ପସନ୍ଦର ଖାଇବା ଜିନିଷ | ଆମ କୁନା ଯିବ ମାମୁଘର | ମୀନାର ମିଠେଇଖିଆ | କାଳ୍ପନିକ ପିଠା ତିଆରି | ଆମ ପସନ୍ଦର ଖାଦ୍ୟ | କାର୍ଯ୍ୟପତ୍ର ୧-୬ | କୁହାମୁଣ୍ଡା କପିଳା / ଲୋଭର ଫଳ / ଗୋଲଗୋଲ ଗୁପୁଚୁପୁ / ଟିକି ହାତ ସାବଧାନ | ପ୍ରାକ୍ ଲିଖନ, ଅକ୍ଷର ଲିଖନ, ଅକ୍ଷର ଗୀତ |
| ୨. | କୀଟପତଙ୍ଗ ଓ ପଶୁପକ୍ଷୀ | ନାଲି ଟୁକ୍ ଟୁକ୍ ସାଧବବୋହୂ | ପିମ୍ପୁଡ଼ି ଉପକାର ଶୁଝିଲା | ଆମେ ସବୁ ପରଜାପତି | କୀଟପତଙ୍ଗଙ୍କ ଉପକାରିତା / ଅପକାରିତା | କାର୍ଯ୍ୟପତ୍ର ୧-୬ | ହେଟା ହେଲା ହଟହଟା / ନାଲି ଟୁକ୍ ଟୁକ୍ / ମନ୍ଦ ବୁଦ୍ଧି ବିଲୁଆ / ଗୋଟେ ଶୁଆ ଥିଲା | ଅଭ୍ୟାସ କାର୍ଯ୍ୟ |
| ୩. | ଆମ ଗଛଲତା | ଗଛ କହିଲା | ଦୟାଳୁ ଆମ୍ବଗଛ | ଆମେ ସବୁ ମଞ୍ଜି | ଗଛର ଉପକାରିତା | କାର୍ଯ୍ୟପତ୍ର ୧-୬ | ଧର୍ମ ସଙ୍କଟ / ଆକୁରେ ଆକୁ / କାଉ ବସାରେ କୋଇଲି / ଆଈମାଆ .... ଆଈ ମାଆ | ଅଭ୍ୟାସ କାର୍ଯ୍ୟ |
| ୪. | ସାତ ଦିନ ଓ ବାର ମାସ | ପବନ ବହେ ଥିରିଥିରି | ବାରଟି ପରୀ କଥା | ବଇଶାଖ ଟାଣ ଖରା | ବାରମାସର କଥା | କାର୍ଯ୍ୟପତ୍ର ୧-୬ | ଭାଲୁ ଓ ମହୁମାଛି କଥା / ଟିକିଟିକି ପିଲା ଆମେ/ ଲଢ଼େଇ / ଝୁମ୍ ଝୁମ୍ ତାଳ ପକାଇ | ଅଭ୍ୟାସ କାର୍ଯ୍ୟ |
| ୫. | ଆକାଶ ରାଇଜ, ଦିନ ଓ ରାତି | ନୀଳ ଆକାଶରେ | ସୂର୍ଯ୍ୟ ଓ ଆକାଶ | ଆସ ଆମେ ଯିବା ଉଡ଼ିରେ | ଆକାଶ, ଦିନ ଓ ରାତି | କାର୍ଯ୍ୟପତ୍ର ୧-୬ | କୁକୁଡ଼ା କାହିଁକି ସକାଳୁ ଡ଼ାକେ ସୂରୁଜ ଉଇଁଲା / ଜେବ୍ରା ଦେହରେ ଗାର କାହିଁକି / ରାତି ପାହିଲା ସକାଳ ହେଲା | ଅଭ୍ୟାସ କାର୍ଯ୍ୟ |
| ୬. | ଯାନବାହନ, ଟ୍ରାଫିକ୍ ନିୟମ ଓ ଆମ ସୁରକ୍ଷା | ମୁଁ ହେଉଛି ଗାଡ଼ି | ଲାଲୁ ପୁରସ୍କାର ପାଇଲା | କେଁକଟର | ସଡ଼କ ସୁରକ୍ଷା | କାର୍ଯ୍ୟପତ୍ର ୧-୬ | ଜହ୍ନ ଦେହରେ ଠେକୁଆ / ସ୍କୁଲ ବସ୍/ ଓଧ ଓ ବିରାଡ଼ି କଥା / ଛୁକ୍ ଛୁକ୍ ଚାଲେ ରେଳଗାଡ଼ି | ଅଭ୍ୟାସ କାର୍ଯ୍ୟ |
| ୭. | ଆମ ଦେଶ, ଆମ ରାଜ୍ୟ | ଓଡ଼ିଶା ରାଇଜେ ଆମରି ଘର | ତୁଳସୀ ଦୁଇ ପତ୍ରରୁ ବାସେ | ଦେଖରେ ଦେଖ | ଆମ ଦେଶ ଓ ରାଜ୍ୟ | କାର୍ଯ୍ୟପତ୍ର ୧-୬ | କାଠୁରିଆ ତା' ଭୁଲ ବୁଝିଲା / ହାତୀରାଜା / ଯେ ପାଞ୍ଚେ ପର ମନ୍ଦ / କଣ୍ଢେଇରାଣୀ | ଅଭ୍ୟାସ କାର୍ଯ୍ୟ |
| ୮. | ଆମର ସାହାଯ୍ୟକାରୀ ବନ୍ଧୁ | ମୁଁ ବଡ଼ ହେଲେ ଡ଼ାକ୍ତର ହେବି | ବୁଦ୍ଧିମତି ଚାଷୀ ଝିଅ | ମୁଁ ଡ଼ାକବାଲା | ଆମକୁ ସାହାଯ୍ୟ କରୁଥିବା ବ୍ୟକ୍ତି | କାର୍ଯ୍ୟପତ୍ର ୧-୬ | ମୂର୍ଖ ଗଧ / ପିମ୍ପୁଡ଼ି ଭାଇ / ଏଣ୍ଡୁଅ କାହିଁକି ରଙ୍ଗ ବଦଳାଏ / ଇଚିକିଲି ମିଚିକିଲି | ଅଭ୍ୟାସ କାର୍ଯ୍ୟ |

# ସୂଚୀପତ୍ର


| ସପ୍ତାହ | ବିଷୟ | ପୃଷ୍ଠା |
| --- | --- | --- |
| ପ୍ରଥମ | ମୋ ପସନ୍ଦର ଖାଇବା ଜିନିଷ | ୧-୧୯ |
| ଦ୍ୱିତୀୟ | କୀଟପତଙ୍ଗ ଓ ପଶୁପକ୍ଷୀ | ୨୦-୩୬ |
| ତୃତୀୟ | ଆମ ଗଛଲତା | ୩୭-୫୧ |
| ଚତୁର୍ଥ | ସାତ ଦିନ ଓ ବାର ମାସ | ୫୨-୬୭ |
| ପଞ୍ଚମ | ଆକଶ ରାଇଜ, ଦିନ ଓ ରାତି | ୬୮-୮୧ |
| ଷଷ୍ଠ | ଯାନବାହନ, ଟ୍ରାଫିକ୍ ନିୟମ ଓ ଆମ ସୁରକ୍ଷା | ୮୨-୯୫ |
| ସପ୍ତମ | ଆମ ଦେଶ, ଆମ ରାଜ୍ୟ | ୯୬-୧୦୯ |
| ଅଷ୍ଟମ | ଆମର ସାହାଯ୍ୟକାରୀ ବନ୍ଧୁ | ୧୧୦-୧୨୨ |

# ପ୍ରଥମ ସପ୍ତାହ

## ମୋ ପସନ୍ଦର ଖାଇବା ଜିନିଷ

## ଅଭିନୟ ଗୀତ : ଆମ କୁନା ଯିବ ମାମୁଘର

ଆସ, ଗୀତଟିକୁ ଅଭିନୟ କରି ଗାଇବା । ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।

ଆମ କୁନା ଯିବ ମାମୁଘର,
କୁଲେଇ କୁଣ୍ଢେଇ ସଜ କର,
ମାମୁଘରେ କିଏ ଅଛି... ? ଅଜା
ଠୁକୁଠୁକୁ ବାଡ଼ି ଚାଲି ତା'ର
ଚାଲୁଥାଏ ଅଜା ତରତର
ବସିଥାଏ ଅଜା ଦାଣ୍ଡଘର
ଦଉଡ଼ି ବଳଇ ସରସର ।
ମାମୁଘରେ କିଏ ଅଛି... ? ଆଈ
ଗାଈ ଦୁହୁଁଥାଏ ଚରଚର
ଦହି ମୁହୁଁଥାଏ ସରସର ।
ମାମୁଘରେ କିଏ ଅଛି... ? ମାମୁ
ସକାଳୁ ଉଠଇ ତରତର
ହଳ କରିବାକୁ ଆଗଭର
କାଠ ଚିରିବାକୁ ଆଗୁସାର ।
ମାମୁଘରେ କିଏ ଅଛି... ? ମାଈଁ
ପିଠୋଉ ବଟାକୁ ଧଡ଼ପଡ଼
ଖଡ଼ିକାଟା କରେ ଖଡ଼ଖଡ଼
ଚିଟୋଉ କରେ ସେ ବଡ଼ବଡ଼
ଚକୁଳି କରେ ସେ ଧଡାଧଡ଼ ।

### ସମତାନ ଶବ୍ଦ

| | | |
|---|---|---|
| ଘର | - | ଜର |
| ତରତର | - | ସରସର |
| ସରସର | - | ତରତର |
| ଆଗଭର | - | ଆଗୁସାର |
| ଧଡ଼ପଡ଼ | - | ଧଡ଼ାଧଡ଼ |
| ଖଡ଼ଖଡ଼ | - | ବଡ଼ବଡ଼ |

ଆସ, ପ୍ରଥମ ଧ୍ୱନି ଚିହ୍ନିବା ଓ କହିବା ।



ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଚିତ୍ର ଦେଖିବା, ଚିହ୍ନିବା ଓ କହିବା

ଆସ, ତଳ ଚିତ୍ରରେ ଥିବା ଦୋକାନକୁ ଭଲ ଭାବରେ ଦେଖିବା । ସେହି ଜଳଖିଆ ଦୋକାନରେ କ'ଣ ସବୁ ଅଛି, ବାପାମାଆଙ୍କୁ ପଚାରି ବୁଝିବା ଓ କହିବା ।



ଜଳଖିଆ ଦୋକାନ

ଆସ, ଜଳଖିଆ ଦୋକାନରେ କ'ଣ ସବୁ ମିଳେ ଲେଖିବା ।

| ମିଠା ଜିନିଷ | ଲୁଣିଆ ଜିନିଷ |
| --- | --- |
| | |
| | |
| | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଚିତ୍ର ଦେଖିବା, ଭାବିବା, ଆଙ୍କିବା, ଲେଖିବା ଓ କହିବା

ଖାଇବା ଠେଲାରେ ଆମେ ଜିନିଷ ସଜାଡ଼ି, ଗଡ଼େଇ ଗଡ଼େଇ ନେବା । ଆସ, ତଳେ ଥିବା ପାତ୍ର ବା ବୋତଲରେ ତୁମ ପସନ୍ଦ ଖାଇବା ଜିନଷର ଚିତ୍ର କରିବା ଓ ତା'ପାଖରେ ଥିବା ଘରେ ଜଳଖିଆଟିର ନାମ ଲେଖିବା । ସେହି ଜଳଖିଆଗୁଡ଼ିକୁ ପୁଣି ଥରେ ଠେଲାଗାଡ଼ିରେ ଆଙ୍କିବା ଓ ରଙ୍ଗ ଦେବା ।



ଆସ, ବାପାମାଆଙ୍କୁ ପଚାରି ଅନ୍ୟ ଜଳଖିଆଗୁଡ଼ିକର ନାମ ଲେଖିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ



ଶିକ୍ଷଣକାର୍ଯ୍ୟ

## କାଳ୍ପନିକ ପିଠା ତିଆରି ।

- ବାପା/ମାଆ, ପିଲାଙ୍କ ସହିତ ପିଠା କିପରି ତିଆରି ହୁଏ, ସେ ବିଷୟରେ ଆଲୋଚନା କରିବେ ।
- ପିଲାମାନେ କାଗଜରେ ଗୋଟିଏ ଗୋଲାକାର କରିବେ ।
- ପିଠା ତିଆରି କରିବା ପାଇଁ ଦରକାର ହେଉଥିବା ଗୋଟିଏ-ଗୋଟିଏ ଜିନିଷର ନାମ କହି ମିଛିମିଛିକା ଜିନିଷଟିକୁ ଆଣି ଗୋଲ ଭିତରେ ରଖିବେ ।
- ଏବେ କାଳ୍ପନିକ ଭାବରେ ସବୁ ଜିନିଷ ମିଶାଇ ପିଠା ତିଆରି କରିବେ ।

## କଥୋପକଥନ

### ଆମ ପସନ୍ଦର ଖାଦ୍ୟ

- ତୁମ ଘରେ କେଉଁ କେଉଁ ମିଠା ଓ ଲୁଣି ଜିନିଷ ତିଆରି ହୁଏ ?
- କେଉଁ କେଉଁ ପର୍ବରେ ତୁମ ଘରେ ପିଠାପଣା ତିଆରି ହୁଏ ?
- ମିଠା ଲାଗୁଥିବା କିଛି ଖାଇବା ଜିନିଷର ନାମ କୁହ ।
- ଲୁଣିଆ ଲାଗୁଥିବା କିଛି ଖାଇବା ଜିନିଷର ନାମ କୁହ ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧ କାର୍ଯ୍ୟଫର୍ଦ୍ଦ-୨ ଦିନାଙ୍କ ________

## ଆସ, ତଳେ ଥିବା ମିଠା ଖାଦ୍ୟଗୁଡ଼ିକର ନାମ ପଢ଼ିବା ।



ରସଗୋଲା



ସନ୍ଦେଶ


ପୁରପିଠା


ରସାବଳି



କ୍ଷୀରି


ଛେନାପୋଡ଼


ପେଡ଼ା


ଖଜା


ଜିଲାପି


ମାଲପୁଆ


କାନିକା

## ଆସ, କିଛି ମିଠା ଖାଦ୍ୟ ନାମ ବାପାମାଆଙ୍କୁ ପଚାରି ବୁଝିବା ଓ ଲେଖିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧ | କାର୍ଯ୍ୟଫର୍ଦ୍ଦ-୩ | ଦିନାଙ୍କ ____________

## ଆସ, ତଳେ ଥିବା ଲୁଣି ଖାଦ୍ୟଗୁଡ଼ିକର ନାମ ପଢ଼ିବା ।


ଦହି ପଖାଳ


ଘୁଘୁନି


ଲୁଣି ଗଜା


ଭଜା (ମାଛ)


ଗୁପଚୁପ୍


ଚଟଣି



ଆଳୁଚପ୍


ଚାଟ୍


ଡାଲମା


ପରଟା


ବରା


ରୋଲ୍

## ଆସ, କିଛି ଲୁଣି ଖାଦ୍ୟ ନାମ ବାପାମାଆଙ୍କୁ ପଚାରି ବୁଝିବା ଓ ଲେଖିବା ।

| | |
|---|---|
| | |
| | |
| | |
| | |
| | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

## ଗଳ୍ପ କଥନ : ମୀନାର ମିଠେଇଖିଆ

ଆସ, ଗପଟିକୁ ପଢ଼ିବା । ତଳ ପ୍ରଶ୍ନର ଉତ୍ତର କହିବା । ଶେଷରେ ଥିବା ଶବ୍ଦଗୁଡ଼ିକୁ ଗପରୁ ବାଛି ତା'ତଳେ ଗାର ଦେବା ଓ ପଢ଼ିବା ।

ଦିନେ ମୀନାର ମାମୁ ତାଙ୍କ ଘରକୁ ଆସିଥିଲେ । ସାଙ୍ଗରେ ମିଠେଇ ଆଣିଥିଲେ । ବୋଉ ମିଠେଇଗୁଡ଼ିକୁ ଡବାରେ ପୂରାଇ ରଖିଦେଲେ । ମିଠେଇଗୁଡ଼ିକ ଦେଖି ମୀନାର ପାଟିରୁ ଲାଳ ବୋହିଲା । ଯେମିତି ବୋଉ ପୂଜା କରିବାକୁ ଯାଇଛନ୍ତି, ମୀନା ଲୁଚିଲୁଚି ଯାଇ ଡବାରେ ହାତ ପୂରାଇଲା । ସେ ଏକାବେଳକେ ଦୁଇଟି ମିଠେଇ ଆଣିବାକୁ ଚାହିଁଲା । ହେଲେ ଡବାର ତ ଛୋଟ ମୁହଁ । ଦୁଇଟି ମିଠେଇ ଧରିଲେ ହାତ କ'ଣ ବାହାରିବ ? ଏତିକିବେଳେ ଜେଜେ ସେଇ ବାଟ ଦେଇ ଯାଉଥିଲେ । ମୀନାକୁ ଦେଖି କହିଲେ, ''ମୀନା, ଗୋଟିଏ ମିଠେଇ ଆଣ । ତୋ ହାତ ବାହାରି ଆସିବ ।'' ଜେଜେଙ୍କ କଥା ମାନି ମୀନା ଯେମିତି ଗୋଟିଏ ମିଠେଇ ଧରିଛି, ତା'ର ହାତ ବାହାରି ଆସିଲା । ପୁଣି ଥରେ ହାତ ପୂରାଇ ଆଉ ଗୋଟିଏ ମିଠେଇ ଆଣିଲା । ଏଥର ମୀନା ଦୁଇଟି ମିଠେଇ ପାଇ ଖୁବ୍ ଖୁସି ହୋଇଗଲା । ଜେଜେ କହିଲେ, ''ବୁଦ୍ଧି ଥିଲେ ଉପାୟ ଆସେ ।''

### ପ୍ରଶ୍ନ

- ମିଠେଇ କିଏ ଆଣିଥିଲେ ?
- ମୀନା ମିଠେଇ ଖାଇବ ବୋଲି କ'ଣ କଲା ?
- ମୀନାକୁ ଦେଖି ଜେଜେ କ'ଣ କହିଲେ ?
- ମୀନା କିପରି ଡବାରୁ ମିଠେଇ ଆଣିଲା ?

**ମୁଖ୍ୟ ଶବ୍ଦ**

ମୀନା, ମିଠେଇ, ଲଡୁ, ଡବା, ଉପାୟ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧ କାର୍ଯ୍ୟଫର୍ଦ୍ଦ-୪ ଦିନାଙ୍କ ________

## ଆସ, ଚିତ୍ର ଦେଖିବା, ଭାବିବା, କହିବା ଓ ଲେଖିବା ।

### ମଉସାଙ୍କ ସିଙ୍ଗଡ଼ା ଦୋକାନ

ମଉସା କିପରି ସିଙ୍ଗଡ଼ା ତିଆରି କଲେ, ଆସ ଚିତ୍ର ଦେଖିବା । ତା'ପାଖରେ ଥିବା ଲେଖାକୁ ପଢ଼ିବା ଓ ଲେଖିବା ।



ସିଙ୍ଗଡ଼ା କରିବାକୁ ଭାବିଲେ ।



ପିଆଜ କାଟିଲେ ।



ମଇଦା ଚକଟିଲେ ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ



ମସଲା କଷିଲେ ।



ସିଙ୍ଗଡ଼ା ଛାଣିଲେ ।



ଏବେ ସିଙ୍ଗଡ଼ା ହୋଇଗଲା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧ କାର୍ଯ୍ୟଫର୍ଦ୍ଦ-୫ ଦିନାଙ୍କ ________

## ଆସ, ଚିତ୍ର ଦେଖିବା, ଭାବିବା, କହିବା ଓ ଲେଖିବା ।

### ମଉସାଙ୍କ ଲଡୁ ଦୋକାନ

ମଉସା କିପରି ଲଡୁ ତିଆରି କଲେ, ତଳ କୋଠରିରେ ଲେଖାଯାଇଛି । ଆସ, ଚିତ୍ର ସହ ମେଳ ଖାଉଥିବା ବାକ୍ୟକୁ ଚିତ୍ର ପାଖ ଘରେ ଲେଖିବା ।

ବେସନ ଗୋଳାଇଲେ ।
ବୁନ୍ଦିରେ ଲଡୁ ତିଆରି କଲେ
ବୁନ୍ଦି ଛାଣିଲେ ।
ଏବେ ଲଡୁ ହୋଇଗଲା ।



__________________



__________________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ







ଏହି ଚିତ୍ରରେ କ'ଣ ହେଉଛି, ନିଜେ ଭାବିବା ଓ ପାଖ ଘରେ ଲେଖିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ____________

ଆସ, ଉଦାହରଣ ଦେଖି ଅକ୍ଷର ଯୋଡ଼ିବା, ଶବ୍ଦ ଗଢ଼ିବା, ଖାଲି ଜାଗାରେ ଲେଖିବା ଓ ପଢ଼ିବା ।

ଉଦାହରଣ :-

| | | | | | | | |
|---|---|---|---|---|---|---|---|
| ମି | + | ଠା | | | = | ମିଠା |
| ଲ | + | ଡୁ | | | = | |
| ଖ | + | ଜା | | | = | |
| ବ | + | ରା | | | = | |
| ଜି | + | ଲା | + | ପି | = | |
| ଲୁ | + | ଣି | + | ଆ | = | |
| ପ | + | କୁ | + | ଡ଼ି | = | |
| ଚ | + | କୁ | + | ଳି | = | |
| ଆ | + | ରି | + | ସା | = | |
| କା | + | କ | + | ରା | = | |


ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### କୁହାମୁଣ୍ଡା କପିଳା



ଥରେ ଜଣେ ଶଗଡ଼ିଆ ତା' ଶଗଡ଼ ନେଇ ଯାଉଥିଲା । ଶଗଡ଼ରେ ସେ ବହୁତ ଜିନିଷପତ୍ର ଲଦିଥାଏ । ଗଲାବେଳେ ଶଗଡ଼ଟି ଗୋଟିଏ ବଡ଼ କାଦୁଅ ଗାତରେ ଗଳି ପଡ଼ିଲା । ଶଗଡ଼ିଆ ବହୁତ ଚେଷ୍ଟା କଲା । ହେଲେ ଶଗଡ଼କୁ ବାହାର କରିପାରିଲା ନାହିଁ । ଜଣେ ଲୋକ ସେହି ବାଟ ଦେଇ ଯାଉଥିଲା । ଶଗଡ଼ିଆ ତାକୁ ସାହାଯ୍ୟ ମାଗିଲା । ସେ ଲୋକଟି କହିଲା, ''ତୁମ ବଳଦ ଶଗଡ଼ ଟାଣୁ । ଆଉ ନିଜେ ପଛରୁ ଠେଲ । ଶଗଡ଼ କାଦୁଅରୁ ବାହାରି ଆସିବ ।'' ଏତିକି କହି ସେ ତା' ବାଟରେ ଚାଲିଗଲା । ଶଗଡ଼ିଆ ସେହିପରି କଲା । କିନ୍ତୁ ଶଗଡ଼ କାଦୁଅରୁ ବାହାରିଲା ନାହିଁ । ଆଉ ଜଣେ ଲୋକ ଆସିଲା । ସେ କହିଲା- 'ତୁମେ ଗାତରେ ଇଟା ପଥର ପକାଅ ।'' ଏକଥା କହି ସେ ମଧ୍ୟ ଚାଲିଗଲା । ଶଗଡ଼ିଆ ଇଟା ପଥର ଆଣି ଗାତରେ ପକାଇଲା । ତଥାପି ଶଗଡ଼ ଗାତରୁ ବାହାରିଲା ନାହିଁ । ଶଗଡ଼ିଆ ମୁଣ୍ଡରେ ହାତ ଦେଇ ବସିଲା । କ'ଣ କରିବ ? ସଞ୍ଜ ହୋଇ ଆସୁଥାଏ । ଆଉ ଜଣେ ଲୋକ ଆସି ଶଗଡ଼ିଆକୁ କହିଲା-''ଶଗଡ଼ରୁ ସବୁ ଜିନିଷ ବାହାର କରିଦିଅ । ତାପରେ ଶଗଡ଼ ଉଠିଯିବ ।'' ଏସବୁ କଥା ଜଣେ ଚାଷୀ ଦେଖୁଥାଏ ଓ ଶୁଣୁଥାଏ । ସେ ପାଖକୁ ଆସିଲା । ଶଗଡ଼ିଆକୁ କହିଲା, ''ଭାଇ ତୁମେ ବଳଦମାନଙ୍କ ସହ ଆଗରେ ରୁହ । ଶଗଡ଼ ଟାଣ । ମୁଁ ପଛରୁ ଠେଲୁଛି ।'' ବଳଦ ଓ ଶଗଡ଼ିଆ ମିଶି ଶଗଡ଼କୁ ଟାଣିଲେ । ଚାଷୀ ପଛରୁ ଠେଲିଲା । ଶଗଡ଼ କାଦୁଅରୁ ବାହାରକୁ ବାହାରି ଆସିଲା । ଶଗଡ଼ିଆ ମନଖୁସିରେ ଚାଷୀକୁ ଧନ୍ୟବାଦ ଦେଲା ଓ ନିଜ ବାଟରେ ଗଲା । ଖାଲି କଥାରେ କହିଲେ ହେବନାହିଁ । କାମରେ ସାହାଯ୍ୟ କରିବା ହିଁ ବଡ଼ କଥା ।




### ଗୋଲ ଗୋଲ ଗୁପ୍‌ଚୁପ୍

ଗୋଲ ଗୋଲ ଗୁପ୍‌ଚୁପ୍
ଗୋଲ ଗୋଲ ଗୁପ୍‌ଚୁପ୍ ( ୨ ଥର )
କେବେ ରାଗ ତ
କେବେ ମିଠା
ଗୁପ୍‌ଚୁପ୍ ଖାଇ ଯାଉ
ଗୋଲ ଗୋଲ ଗୁପ୍‌ଚୁପ୍.... ।
ଗୋଟେ ଖୋଳ ଭିତରେ ମସଲା
ତା'ସାଥିରେ ଖଟା ପାଣି
ପେଟ ଯିବ ପୂରି
ଶୁଖା ପୁଣି ଖାଇବା ଆଣି ।
ଗୋଲ ଗୋଲ୍ ଗୁପ୍‌ଚୁପ୍..... ।
ଗୁପ୍‌ଚୁପ୍ ଯେବେ ଖାଅ
ମିଳିମିଶି ଗୀତ ଗାଅ ।
ଛୋଟୁ, ମୋଟୁ, ପତଲୁ, ଲମ୍ବୁ
ସାଥି ହୋଇ ଗୀତ ଗାଅ
ଗୋଲ ଗୋଲ ଚୁପ୍‌ଚୁପ୍..... ।




ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

ସପ୍ତାହ-୧

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ଲୋଭର ଫଳ



ରାମୁର ଘର ବଣ ପାଖରେ । ସେ ପଲେ ଛେଳି ରଖିଥାଏ । ସବୁଦିନ ସେମାନଙ୍କୁ ନେଇ ବଣକୁ ଚରାଇବାକୁ ଯାଏ । ଦିନେ ରାମୁ ବଣରେ ଛେଳି ଚରାଉଥିଲା । ଖୁବ୍ ଜୋରରେ ବର୍ଷାପବନ ମାଡ଼ି ଆସିଲା । ରାମୁ ଘରକୁ ଫେରି ପାରିଲା ନାହିଁ । ବହୁତ ଖୋଜିଲା ପରେ ସେ ଗୁମ୍ଫାଟିଏ ଦେଖି ତା' ଭିତରକୁ ଗଲା । ସେଠାରେ ପୂର୍ବରୁ ବଣୁଆ ମେଣ୍ଢାପଲେ ଥିଲେ ।  ରାମୁ ମନେମନେ ଭାବିଲା-ଏ ମେଣ୍ଢାପଲଙ୍କୁ ଘରକୁ ନେଇଯିବି । ସେ ବଣରୁ ଆଣିଥିବା ଘାସ, ପତ୍ର ମେଣ୍ଢାମାନଙ୍କୁ ଖାଇବାକୁ ଦେଲା । ହେଲେ ଭୁଲିଗଲା ଯେ ବାହାରେ ତା' ଛେଳିମାନେ ଅଛନ୍ତି । ବର୍ଷାରେ ଓଦା ହେଉଛନ୍ତି । ସକାଳେ ବର୍ଷା ଛାଡ଼ିଗଲା । ରାମୁ ବାହାରକୁ ଆସି ଦେଖିଲା, ବର୍ଷାପବନ ମାଡ଼ରେ ତା'ର କେତେ ଛେଳି ମରିଯାଇଛନ୍ତି । ସେତିକିବେଳକୁ ମେଣ୍ଢାମାନେ ଗୁମ୍ଫାରୁ ବାହାରି ବଣକୁ ପଳାଇଲେ । ରାମୁ ଯେତେ ଡାକିଲେ ବି ତା' କଥା ଶୁଣିଲେ ନାହିଁ । ମେଣ୍ଢାଙ୍କୁ ଲୋଭ କରି ରାମୁ ନିଜ ଛେଳିମାନଙ୍କୁ ବି ହରାଇଲା । ସେ ବୁଝି ପାରିଲା ଯେ-ଲୋଭ କରିବା ଖରାପ ଅଟେ ।

### ଟିକି ହାତ ସାବଧାନ

ଟିକି ହାତ ସାବଧାନ... ଟିକି ହାତ ସାବଧାନ
କହୁଛି ମୋର କଥା ମାନ
ମନ୍ଦ କାମ କରନା.... ମନ୍ଦ କାମ କରନା
ଭଲ କାମ କରି, ଭଲ ପିଲା ହୋଇ
ନାଚିବା ଗାଇବା...ତାଧିନ୍ ଧିନା ନା...ତାଧିନ୍ ଧିନା ନା
ଟିକି ଆଖି ସାବଧାନ
କହୁଛି ମୋର କଥା ମାନ
ମନ୍ଦ କଥା ଦେଖନା... ମନ୍ଦ କଥା ଦେଖନା
ଭଲ କଥା ଦେଖି
ଭଲ ପିଲା ହୋଇ
ନାଚିବା ଗାଇବା.... ତାଧିନ୍ ଧିନା ନା...ତାଧିନ୍ ଧିନା ନା
ଟିକି ପାଟି ସାବଧାନ
କହୁଛି ମୋର କଥା ମାନ
ମନ୍ଦ କଥା କହନା....ମନ୍ଦ କଥା କହନା
ଭଲ କଥା କହି
ଭଲ ପିଲା ହୋଇ
ନାଚିବା ଗାଇବା....
ତାଧିନ୍ ଧିନା ନା...ତାଧିନ୍ ଧିନା ନା
ଟିକି ପାଦ ସାବଧାନ
କହୁଛି ମୋର କଥା ମାନ
ମନ୍ଦ ବାଟ ଚାଲନା.... ମନ୍ଦ ବାଟ ଚାଲନା
ଭଲ ବାଟେ ଚାଲି
ଭଲ ପିଲା ହୋଇ
ନାଚିବା ଗାଇବା.....
ତାଧିନ୍ ଧିନା ନା...ତାଧିନ୍ ଧିନା ନା

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

ଆସ, ତଳ ଚିତ୍ରଗୁଡ଼ିକୁ ଦେଖି ସେମାନଙ୍କ ନାମ କହିବା ଓ ଲେଖିବା ।









ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

# ଅଭ୍ୟାସ କାର୍ଯ୍ୟ


ଦିନାଙ୍କ ________

ଆସ, ତଳ ଚିତ୍ରଗୁଡ଼ିକୁ ଦେଖି ସେମାନଙ୍କ ନାମ କହିବା ଓ ଲେଖିବା ।









ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

ଆସ, ତଳ ଚିତ୍ରଗୁଡ଼ିକୁ ଦେଖି ସେମାନଙ୍କ ନାମ କହିବା ଓ ଲେଖିବା ।









ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୧

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ___________

ଆସ, ତଳ ଚିତ୍ରଗୁଡ଼ିକୁ ଦେଖି ସେମାନଙ୍କ ନାମ କହିବା ଓ ଲେଖିବା ।









ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଅକ୍ଷର ଗୀତ

## ଆସ, ଅଭିନୟ କରି ଗୀତଟି ଗାଇବା ।

ଅ  ଅଜା ଆଈ ଗଲେ ବଜାର ବୁଲି
ଆ  ଆଈ କହେ, ମୁହିଁ ନ ପାରେ ଚାଲି
ଇ  ଇଟା ନେଇ, ଆମେ ତୋଳିବା ଘର
ଉ  ଉଲି ବାଟି, ମାଛ ତିଅଣ କର ।
ଏ  ଏକ ଥିଲା ବିଲେଇ
   ନାଆଁ ତା'ର ଓଲେଇ ।
ଓ  ଓଠ ଚାଟି ଓଲେଇ
   ଖାଏ କ୍ଷୀର ମଲେଇ ।
କ  କଲରା ପତର କୁଚ୍ଚିକୁଚ୍ଚିକାରେ
   ଭାଜିଲେ ଲାଗଇ ମଜା
ଖ  ଖଟରେ ଶୋଇଛି ବିଲେଇନାନୀଲୋ
   ମଶାରି ହୋଇଛି ସଜା ।
ଗ  ଗଛ ଲଗାଇବା, ଫଳିବ ଫଳ
ଘ  ଘଡ଼ି ଦେଖି ଆମେ ଜାଣିବା ବେଳ ।
ଚ  ଚପଲ ପାଦରେ, ହାତରେ ବାଡ଼ି
ଛ  ଛତାକୁ ଧରିଛି, ଦେଖୁଛି ଘଡ଼ି ।
ଜ  ଜହ୍ନ ଆକାଶରେ ଦିଶଇ ତୋଫା
ଝ  ଝରଣାର ଜଳ ଦିଶଇ ସଫା ।
ଟ  ଟଗର ଫୁଲର ଗଜରା ହାର
ଠ  ଠଣାରେ ପଇସା ରଖିବି ମୋର ।
ଡ  ଡଙ୍ଗା ଗଲା ଭାସି ଭାସି ମହାନଦୀ ଜଳେ
ଢ  ଢମଣାଟି ଯାଏ ଚାଲି ହିଡ଼ ତଳେ ତଳେ ।
ତ  ତରଭୂଜ କିଏ ଖାଇବ ଖାଅ
ଥ  ଥଳି ଧରି ବେଗେ ହାଟକୁ ଯାଅ ।
ଦ  ଦମକଳ ଆସି ଲିଭାଏ ନିଆଁ
ଧ  ଧନୁ ଧରି ପିଲା ମାରଇ ତିଆଁ ।
ନ  ନଡ଼ିଆ ସାଥିରେ ଗରମ ମୁଢ଼ି
ପ  ପଟିଆରେ ବସି ଖାଉଛି ବୁଢ଼ୀ
ଫ  ଫଣା ଟେକି ଟେକି ଖେଳଇ ନାଗ
ବ  ବଗ ଚାଲୁଥାଏ ଡଅଗ ଡଗ ।
ଭ  ଭଅଁର ଉଡ଼ଇ ଫୁଲରୁ ଫୁଲେ
ମ  ମୟୂର ନାଚଇ ପାହାଡ଼ ତଳେ ।
ଯ  ଯଅ ଚାଷ ହୁଏ ବିଲ ମାଳରେ
ର  ରଥ ଟଣା ହୁଏ ଲୋକ ବଳରେ ।
ଶ  ଶଗଡ଼ ଚାଲଇ କେଁ କଟର
ସ  ସପୁରି ଉପରେ ଥାଏ ପତର
ହ  ହରିଣଛୁଆଟି ମାରଇ ଡିଆଁ
ଲ  ଲଟା ଗହଳରେ ଲୁଚେ ବିଲୁଆ ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ          ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଦ୍ୱିତୀୟ ସପ୍ତାହ

## କୀଟପତଙ୍ଗ ଓ ପଶୁପକ୍ଷୀ

## ଅଭିନୟ ଗୀତ : ନାଲି ଟୁକ୍‌ଟୁକ୍ ସାଧବବୋହୂ

ଆସ, ଅଭିନୟ କରି ଗୀତଟିକୁ ଗାଇବା । ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।

ନାଲି ଟୁକ୍‌ଟୁକ୍ ସାଧବବୋହୂ,
ଝଡ଼ିବରଷାରେ କାହିଁକି ଧାଉଁ ?
ନାଲି ଦେହ ତୋ'ର ସୁନ୍ଦର ଦିଶେ,
କେଉଁଠି ରହୁ ତୁ ବରଷା ଶେଷେ ?
ଝଡ଼ି ବରଷାରେ ଖସଡ଼ା ବାଟ
ଗୋଡ଼ ଖସିଯିବ କାଦୁଅ ହେବ
ତୋ'ର ଝିଲିମିଲି ନାଲିଆ ପାଟ ।

**ସମତାନ ଶବ୍ଦ**

| | | |
|---|---|---|
| ବୋହୂ | - | ଧାଉଁ |
| ଦିଶେ | - | ଶେଷେ |
| ବାଟ | - | ପାଟ |
| ଯିବ | - | ହେବ |

ଆସ, ଅନ୍ତିମ ବା ଶେଷ ଧ୍ୱନି ଚିହ୍ନିବା ଓ କହିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨ କାର୍ଯ୍ୟଫର୍ଦ୍ଦ-୧ ଦିନାଙ୍କ ____________

## ଚିତ୍ର ଦେଖିବା, ଚିହ୍ନିବା ଓ କହିବା

ଆସ, ତଳ ଚିତ୍ରଗୁଡ଼ିକରେ ଥିବା କୀଟପତଙ୍ଗମାନଙ୍କୁ ଚିହ୍ନିବା ଓ ସେମାନଙ୍କ ନାମ ପଢ଼ିବା ।





































ଆସ, କୀଟପତଙ୍ଗମାନଙ୍କ ନାମ ଲେଖିବା ।

| | |
|---|---|
| ମାଛି | |
| | |
| | |
| | |
| | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

## ଶିକ୍ଷଣକାର୍ଯ୍ୟ : ଆମେ ସବୁ ପରଜାପତି

ଆସ, ନିଜକୁ ପରଜାପତି ଭାବି ତଳ ଗୀତଟିକୁ ଗାଇବା ଓ ଅଭିନୟ କରିବା।



'ମୁଁ ଟିକି ପରଜାପତି
ଟିକି ଫୁଲ ମୋ ସାଥୀ
ରାତି ପାହିଲେ ଫୁଲ ଫୁଟିଲେ
ଖେଳରେ ଯାଏ ମାତି।
ଫୁଲ ବଗିଚ୍ଛ କୋଳେ ମନ ଖୁସିରେ ଖେଳେ
ଡାଳରୁ ଡାଳ ଝୁଲିଝୁଲିକା
ପବନ ଖାଇ ଫୁଲେ।'

ଏହିପରି ନିଜକୁ ମଶା, ମାଛି, ଝିଣ୍ଟିକା, ମହୁମାଛି ଭାବି ତାଙ୍କ ପରି ଶବ୍ଦ କରିବା ଓ ଅଭିନୟ କରିବା।

## କଥୋପକଥନ

### କୀଟପତଙ୍ଗଙ୍କ ଉପକାରିତା / ଅପକାରିତା

- ବାପାମାଆ, ପିଲାମାନଙ୍କ ସହ କୀଟପତଙ୍ଗଙ୍କ ବିଷୟରେ ଆଲୋଚନା କରିବେ।
- କୀଟପତଙ୍ଗ, ଯେପରି-ମହୁମାଛି, ପ୍ରଜାପତି, କଙ୍କି, ମଶା, ମାଛି, ପିମ୍ପୁଡ଼ି, ଜିଆ, ଉଇ, ଉକୁଣି ଇତ୍ୟାଦିଙ୍କ ଉପକାର / ଅପକାର ବିଷୟରେ କଥାବାର୍ତ୍ତା ହେବେ।
  - ମହୁମାଛିଠାରୁ ଆମେ କ'ଣ ପାଉ ?
  - ମହୁମାଛିର ଘରକୁ କ'ଣ କହନ୍ତି ?
  - ଉଇ ଆମର କ'ଣ କ୍ଷତି କରେ ?
  - ଜିଆ ଆମର କ'ଣ ଉପକାର କରେ ?
  - ମୁଣ୍ଡରେ ଉକୁଣି ହେଲେ ଆମର କ'ଣ କ୍ଷତି ହେବ ?
  - ମାଛି ବସିଥିବା ଖାଦ୍ୟ ଖାଇଲେ କ'ଣ ହେବ ?

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ________

## ଆସ, ଚିତ୍ର ଦେଖିବା, ଭାବିବା ଓ କହିବା ଲେଖିବା ।

ଆସ, ପିମ୍ପୁଡ଼ି, ସାଧବବୋହୂ, ପ୍ରଜାପତି, ଝିଣ୍ଟିକା, ବିରୁଡ଼ି ଓ ବୁଢ଼ିଆଣୀ କେଉଁଠି ରହନ୍ତି, ଚିତ୍ର ଦେଖି ଜାଣିବା ଓ କହିବା ।



ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ତୁମେ ଘର ଓ ସ୍କୁଲ ପରିସରରେ ବିଭିନ୍ନ କୀଟପତଙ୍ଗ ଦେଖିଛ । ସେମାନେ କିଏ, କେଉଁଠି ରହନ୍ତି ଆସ ପୂର୍ବ ପୃଷ୍ଠା ଚିତ୍ରରୁ ଦେଖିବା । ତଳେ ଦିଆଯାଇଥିବା ଚିତ୍ରରେ ସେମାନଙ୍କ ଘର ପାଖରେ ତାଙ୍କ ଚିତ୍ର କରିବା ।



ଆସ, ଉପର ଚିତ୍ର ଦେଖି କିଏ କେଉଁଠି ରହନ୍ତି ଲେଖିବା ।


| ପଢ଼ିବା:- | | ଲେଖିବା:- | |
|---|---|---|---|
| ବୁଢ଼ିଆଣୀ | ବସା | ବୁଢ଼ିଆଣୀ | |
| ପିମ୍ପୁଡ଼ି | ଗାତ | ପିମ୍ପୁଡ଼ି | |
| ଉଇ | ହୁଙ୍କା | ଉଇ | |
| ଝିଣ୍ଟିକା | ଘାସ | ଝିଣ୍ଟିକା | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ


ସପ୍ତାହ-୨ କାର୍ଯ୍ୟପର୍ଦ୍ଧ-୩ ଦିନାଙ୍କ ________

## ଆସ, ଚିତ୍ର ଦେଖି କିଏ କେଉଁଠାରେ ରହନ୍ତି କହିବା ।















## ଆସ, କିଏ କେଉଁଠି ରହନ୍ତି ଚିତ୍ର ଦେଖି ମନେ ରଖିବା ଓ ତଳେ ଖାଲିଜାଗାରେ ଲେଖିବା ।

**ପଢ଼ିବା:-**

ବେଙ୍ଗ - ପୋଖରୀ

କୁକୁର - ଘର

ମହୁମାଛି - ମହୁଫେଣା

ପିମ୍ପୁଡ଼ି - ଗାତ

ଘୋଡ଼ା - ଘୋଡ଼ାଶାଳ

ଚଢ଼େଇ - ବସା

ଭାଲୁ - ଗୁମ୍ଫା

ବୁଢ଼ିଆଣୀ - ବୁଢ଼ିଆଣୀ ବସା

**ଲେଖିବା:-**

ବେଙ୍ଗ ପୋଖରୀ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଚିତ୍ର ଦେଖିବା, ଭାବିବା ଓ କହିବା ।
କିଏ କେଉଁଠି ରୁହେ, ଆସ ଗାର ଟାଣି ଯୋଡ଼ିବା ।



କିଏ କେଉଁଠି ରୁହେ, ବାପାମାଆଙ୍କୁ ପଚାରି ବୁଝିବା ଓ କହିବା । ଆସ, ଉପର ଚିତ୍ର ଦେଖିବା ଓ ତଳେ ଦିଆଯାଇଥିବା ଉଦାହରଣ ପରି ଲେଖିବା ।

ଉଦାହରଣ-

ପେଚା ଗଛ କୋରଡ଼ ମାଛ ______

ମାଙ୍କଡ଼ ______ ଚଢ଼େଇ ______

ବୁଢ଼ିଆଣୀ ______ ପ୍ରଜାପତି ______


କୁକୁର ______

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

## ଗଳ୍ପ କଥନ : ପିମ୍ପୁଡ଼ି ଉପକାର ଶୁଝିଲା

ଆସ ଗପଟିକୁ ପଢ଼ିବା । ତଳ ପ୍ରଶ୍ନର ଉତ୍ତର କହିବା । ଶେଷରେ ଥିବା ଶବ୍ଦଗୁଡ଼ିକୁ ଗପରୁ ବାଛି ତା'ତଳେ ଗାର ଦେବା ଓ ପଢ଼ିବା ।



ନଈକୂଳ ଗଛ ଡାଳରେ ଚଢ଼େଇଟିଏ ବସିଥିଲା । ସେ ହଠାତ୍ ତଳକୁ ଚାହିଁ ଦେଖିଲା, ନଈ ସୁଅରେ ପିମ୍ପୁଡ଼ିଟିଏ ଭାସି ଯାଉଛି । ତା' ମନରେ ଦୟା ଆସିଲା । ସେ ଥଣ୍ଟରେ ପତ୍ରଟିଏ ଆଣି ପାଣିକୁ ପକାଇଦେଲା । ପିମ୍ପୁଡ଼ିଟି ପତ୍ର ଉପରକୁ ଚଢ଼ିଗଲା ଓ ଭାସି ଭାସି କୂଳରେ ପହଞ୍ଚିଗଲା । ଆଉ ଦିନକର କଥା । ଗୋଟିଏ ଶିକାରୀ ଚଢ଼େଇକୁ ଲକ୍ଷ୍ୟ କରି, ଧନୁରେ ତୀର ଯୋଡ଼ୁଥିଲା । ପିମ୍ପୁଡ଼ି ଏହା ଦେଖି ଶିକାରୀର ଗୋଡ଼କୁ କାମୁଡ଼ି ଦେଲା । ଶିକାରୀ ହାତରୁ ଧନୁତୀର ଖସି ପଡ଼ିଲା । ଚଢ଼େଇଟି ରକ୍ଷା ପାଇଗଲା ।

ପ୍ରଶ୍ନ-

- ଚଢ଼େଇଟି କେଉଁଠି ବସିଥିଲା ?
- ନଈସୁଅରେ କିଏ ଭାସି ଯାଉଥିଲା ?
- ଚଢ଼େଇକୁ ଦେଖି ଶିକାରୀ କ'ଣ କଲା ?
- ଚଢ଼େଇ କେମିତି ରକ୍ଷା ପାଇଲା ?

**ମୁଖ୍ୟ ଶବ୍ଦ**

ନଈକୂଳ, ଚଢ଼େଇ, ପିମ୍ପୁଡ଼ି, ଶିକାରୀ, ରକ୍ଷା

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ


ସପ୍ତାହ-୨ | କାର୍ଯ୍ୟଫର୍ଦ୍ଦ-୪ | ଦିନାଙ୍କ ________

## ଆସ, ଚିତ୍ର ଦେଖିବା, ଭାବିବା, କହିବା ଓ ଲେଖିବା ।

ଆସ, ଚିତ୍ର ଦେଖି କୀଟପତଙ୍ଗମାନଙ୍କ ନାମ ସେମାନଙ୍କ ପାଖରେ ଲେଖିବା


କଙ୍କି


















ଆସ, ବାପାମାଆଙ୍କୁ ପଚାରି କୀଟପତଙ୍ଗମାନଙ୍କ ଭିତରୁ କିଏ ଉପକାରୀ କିଏ ଅପକାରୀ ତଳେ ଲେଖିବା ।

| | | | |
|---|---|---|---|
| ମଶା | ଅପକାରୀ | କଙ୍କି | |
| ମହୁମାଛି | | ପିମ୍ପୁଡ଼ି | |
| ଉଇ | | ପ୍ରଜାପତି | ଉପକାରୀ |
| ଉକୁଣି | | ଝିଣ୍ଟିକା | |


ମାଛି ________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଚିତ୍ର ଦେଖିବା, ଭାବିବା, କହିବା ଓ ଲେଖିବା ।

ଆସ, ତଳ ଚିତ୍ର ଦେଖି ସେଥିରେ ଥିବା କୀଟପତଙ୍ଗଙ୍କୁ ଚିହ୍ନିବା ଓ ସେମାନଙ୍କ ନାମ ପାଖ ଘରେ ଲେଖିବା ।



ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଆସ, ଉଦାହରଣ ଦେଖି ଅକ୍ଷର ଯୋଡ଼ିବା, ଶବ୍ଦ ଗଢ଼ିବା, ଖାଲି ଜାଗାରେ ଲେଖିବା ଓ ପଢ଼ିବା ।

ଉଦାହରଣ-

| | | | | | | |
|---|---|---|---|---|---|---|
| ମ | + | ଶା | | | = | ମଶା |
| ମା | + | ଛି | | | = | |
| ଜି | + | ଆ | | | = | |
| ଜୋ | + | କ | | | = | |
| ମା | + | ଛ | | | = | |
| ହା | + | ତୀ | | | = | |
| ଶୁ | + | ଆ | | | = | |
| କୁ | + | କୁ | + | ଡ଼ା | = | |
| କୁ | + | କୁ | + | ର | = | |
| ବି | + | ଲେ | + | ଇ | = | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### ହେଟା ହେଲା ହଟହଟା

ବଣ ପାଖରେ ହନୁଅଜାଙ୍କ ଘର । ସେ ପଲେ ମେଣ୍ଢା ପାଳିଥିଲେ । ମେଣ୍ଢାଗୁଡ଼ିକୁ ଜଗିବା ପାଇଁ କୁକୁରଟିଏ ରଖିଥିଲେ । ଦିନେ ବଣ ଭିତରୁ ହେଟାଟିଏ ଆସିଲା । ମେଣ୍ଢାପଲକୁ ଦେଖି ତା' ପାଟିରୁ ଥପଥପ୍ ଲାଳ ଗଡ଼ିଲା । ସେ ଗୋଟିଏ ମେଣ୍ଢାକୁ ଖାଇବାକୁ ଗଲା । ଏତିକିବେଳେ କୁକୁର ହେଟାକୁ ଦେଖିଦେଲା । ଖୁବ୍ ଜୋର୍‌ରେ ଭୁକିଲା । ହନୁଅଜା ଠେଙ୍ଗାଟିଏ ଧରି ଧାଇଁ ଆସିଲେ । ହେଟା ଡରରେ ଦଉଡ଼ି ପଳାଇଲା । ତା' ପରଦିନ ହେଟା ପୁଣି ଆସିଲା । କୁକୁର ଯେମିତି ଭୁକିବା ଆରମ୍ଭ କରିଛି, ହେଟା କହିଲା, ''ରହ ପାଟି କରନା । ତୋ ସାଥିରେ ମୋର କଥା ଅଛି ।'' କୁକୁର କହିଲା, ''କ'ଣ କହିବୁ କହ ।'' ହେଟା କହିଲା-''ତୁ ଭାରି ପତଳା ଦେଖା ଯାଉଛୁ । ହନୁଅଜା ବୋଧେ ତତେ ଭଲ ଖାଇବାକୁ ଦଉନି । ଏଣିକି ମୁଁ ମେଣ୍ଢା ଧରିବା ବେଳେ ତୁ ଭୁକିବୁନି । ମେଣ୍ଢା ଶିକାର କଲେ ମୁଁ ତତେ ଅଧା ଦେବି ।'' ହେଟା କଥାରେ କୁକୁର ରାଜି ହେଲା । ତା' ପରଦିନ ହେଟା ଆସିଲା । କୁକୁର ମେଣ୍ଢାମାନଙ୍କୁ ଜଗିଥାଏ । ହେଟାକୁ ଦେଖି ସେ ଭୁକିଲାନି । ହେଟା ଭାବିଲା ଆଗ କୁକୁରକୁ ଖାଇବି । ତାପରେ ସବୁଦିନ ଗୋଟାଏ ଗୋଟାଏ ମେଣ୍ଢା ଖାଇବି । ଏକଥା ଭାବି ସେ ଆଗ କୁକୁର ଉପରକୁ କୁଦି ପଡିଲା । ତାକୁ ମାରିଦେଲା । ହେଟାବାଘକୁ ଦେଖି ମେଣ୍ଢାମାନେ ଡରିଗଲେ । ଖୁବ୍ ଜୋର୍‌ରେ ବୋବାଳି ଛାଡ଼ିଲେ । ଇଆଡ଼େ ସିଆଡ଼େ ଦଉଡ଼ିଲେ । ମେଣ୍ଢାଙ୍କ ବୋବାଳି ଶୁଣି ହନୁଅଜା ଠେଙ୍ଗା ଧରି ଧାଇଁଆସିଲେ । ହେଟାବାଘକୁ ଠେଙ୍ଗାରେ ପିଟିଲେ । ହେଟା ବିକଳ ହୋଇ ବଣକୁ ପଳାଇଲା ।



### ନାଲି ଟୁକୁଟୁକୁ

ନାଲି ଟୁକୁଟୁକୁ ଯେବେ ସୂରୁଯ ଉଏଁ
ରାଇଜ ସାରା ତ ତେବେ ଆଲୁଅ ହୁଏ ।
ନଈନାଳ ବନ୍ଧ ପାଣି ହୁଏ ଉଷୁମ
ଉଷୁମରୁ ଧୀରେ ଧୀରେ ହୁଏ ଗରମ ।
ପବନର ସାଥେ ଖେଳି
ଉଠେ ଆକାଶେ
ଆକାଶରୁ ଥଣ୍ଡା ହୋଇ
ପୁଣି ବରଷେ ।
ନାଲି ଟୁକୁଟୁକୁ.......
ବରଷାରୁ ହୁଏ ଜାତ ଘାସ ଗାଲିଚା
ଫୁଲଫଳେ ଭରି ଯାଏ ସାରା ବଗିଚା
ଆମେ ଯେତେ କୁନିପିଲା ସେ ଫଳ ଖାଇ
ବୀର ହନୁମାନ ହେବା ଛାତି ଫୁଲାଇ ।
ବୀର ହୋଇ ଆମେ ଭଲ
କାମ କରିବା
ମାଟି ମାଆର ଆମେ
ଯଶ ରଖିବା ।
କେତେ କାମ କରେ ଦେଖ
ସୂରୁଯ ଆମ
ନିଇତି ସକାଳୁ ତାଙ୍କୁ
କର ପ୍ରଣାମ ।
ନାଲି ଟୁକୁଟୁକୁ ଯେବେ ସୂରୁଯ..... ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### ମନ୍ଦବୁଦ୍ଧି ବିଲୁଆ

ଗୋଟିଏ ବଣରେ ହରିଣ, କାଉ ଓ ମୂଷା ସାଙ୍ଗ ହୋଇ ରହୁଥିଲେ । ମିଳିମିଶି ଚଳୁଥିଲେ । ଥରେ ବିଲୁଆଟିଏ ଆସି, ହରିଣ ସହ ସାଥୀ ହେଲା । କାଉ ଓ ମୂଷା ଯେତେ ମନା କଲେ ହରିଣ କାହା କଥା ଶୁଣିଲା ନାହିଁ । ବିଲୁଆ ଦିନେ ହରିଣକୁ ଧାନ ଖାଇବାକୁ ଡାକିଲା । ହରିଣ ଲୋଭ କରି ବିଲୁଆ ସହ ଗଲା । ଧାନ ଜମିରେ ଚାଷୀ ଫାଶ ବସାଇଥିଲା । ହରିଣ ସେଥିରେ ପଡ଼ିଗଲା । ବିଲୁଆକୁ ସାହାଯ୍ୟ କରିବାକୁ ଡାକିଲା । ବିଲୁଆ କହିଲା- ''ମୋର ଆଜି ବ୍ରତ, ମୁଁ ତୁମ ଫାଶ କାଟି ପାରିବି ନାହିଁ ।'' କାଉ ଉଡ଼ି ଉଡ଼ି ଆସୁଥିଲା । ହରିଣକୁ ଫାଶରେ ପଡ଼ିଥିବାର ଦେଖିଲା । କାଉର ବହୁତ ମନଦୁଃଖ ହେଲା । ସେ ହରିଣକୁ କହିଲା- ''ବ୍ୟସ୍ତ ହୁଅ ନାହିଁ, ମୁଁ ଆମ ସାଙ୍ଗ ମୂଷାଭାଇକୁ ନେଇ ଆସିବି । ସେ ତୁମ ଫାଶ କାଟି ଦେବ ।'' କାଉ ମୂଷା ପାଖକୁ ଗଲା । ତାକୁ ସବୁକଥା କହିଲା । ତାକୁ ଥଣ୍ଟରେ ଧରି ଉଡ଼ିଉଡ଼ି ଆସି ହରିଣ ପାଖରେ ପହଞ୍ଚିଲା । ସେତେବେଳକୁ ଚାଷୀ ଆସୁଥାଏ । କାଉ ହରିଣକୁ କହିଲା-''ତୁମେ ମଲା ପରି ଶୋଇଯାଅ । ମୁଁ ତୁମ ଆଖିକୁ ମିଛରେ ଖୁମ୍ପିବି ।'' ହରିଣ କାଉ କଥା ମାନିଲା । ଚାଷୀ ଦେଖିଲା ହରିଣ ମରିଯାଇଛି । ତେଣୁ ସେ ଜମିର ଅନ୍ୟ ପଟକୁ ଗଲା । ମୂଷା ଆସି ହରିଣର ଫାଶ କାଟିଦେଲା । ହରିଣ ଧାଇଁଧାଇଁ ପଳାଇଲା । କାଉ ମୂଷାକୁ ନେଇ ଉଡ଼ିଗଲା । ଚାଷୀ ହରିଣକୁ ଲକ୍ଷ୍ୟ କରି ଟେକାଟି ପକାଇଲା । ଟେକା ଯାଇ ବିଲୁଆ ଦେହରେ ବାଜିଲା । ବିଲୁଆ ପାଖରେ ଥିବା କାଦୁଅ ପୋଖରୀରେ ପଡ଼ିଗଲା । ଏହାପରେ ତିନିବନ୍ଧୁ ଖୁସିରେ ରହିଲେ ।



### ଗୋଟେ ଶୁଆ ଥିଲା



ଗୋଟେ ସୁନ୍ଦର ଶୁଆ ଥିଲା
ପଞ୍ଜୁରିରେ ଦୋଳି ଝୁଲୁଥିଲା
କଞ୍ଚାଲଙ୍କା ଦେହ ଥିଲା
ମିଠା ମିଠା କଥା ସେ କହୁଥିଲା ।
ଗୋଟେ ସୁନ୍ଦର ଶୁଆ..... ।
ମୂଷା ବିଲେଇ ତା' ସାଙ୍ଗ ଥିଲେ
ମିଶିକି ମଜା ସେ କରୁଥିଲେ
ଶୁଆ ନାଚ ଦେଖୁଥିଲା
ମିଠା ମିଠା ଗୀତ ସେ ଗାଉଥିଲା ।
ସବୁ ମିଶିକି ଖେଳୁଥିଲେ
ପଞ୍ଜୁରି ଘର ଘେରୁଥିଲେ
ସବୁଦିନ ଖୁସିରେ ଥିଲା
ମିଠା ମିଠା ଗୀତ ସେ ଗାଉଥିଲା ।
ଗୋଟେ ସୁନ୍ଦର ଶୁଆ.... ।



ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

୧. ସମାନ ଅକ୍ଷରକୁ ଗାର ଟାଣି ଯୋଡ଼ିବା ।

| | | | | |
|---|---|---|---|---|
| ଚ | ମ | ର | ଟ | ଚ |

ଚ ଟ

| | | | | |
|---|---|---|---|---|
| ଟ | ର | ମ | ଚ | ଟ |

୨. ମଝିରେ ଥିବା ଅକ୍ଷର ସହ ଶବ୍ଦରେ ଥିବା ସମାନ ଅକ୍ଷରକୁ ଯୋଡ଼ିବା ।

| | | |
|---|---|---|
| ଚିକି | ଚ | ଟମାଟୋ |
| ଟଗର | | କାଚ |
| ଚଦର | | ଓଟ |
| ଜଟ | ଟ | ରଚନା |
| କଟକ | | ତଟିକା |

୩. ବାମ ପାଖ ଘରେ ଥିବା ଅକ୍ଷର, ତା' ସିଧାରେ ଯେଉଁଠାରେ ଲେଖା ଯାଇଛି ତା' ଚାରି ପାଖରେ ◯ ବୁଲାଇବା ।

| | | | | | |
|---|---|---|---|---|---|
| ମ | ର | ଟ | ଝ | ମ | ଚ |
| ଚ | ମ | ର | ଚ | ଝ | ଟ |
| ଗ | ଗ | ଝ | ର | ଚ | ମ |
| ଟ | ଝ | ମ | ଟ | ଗ | ର |

୪. ଆସ ଅକ୍ଷରକୁ ମିଶାଇ ଶବ୍ଦ ଗଢ଼ିବା ଓ ଲେଖିବା ।

ଚ + ଟ = ଚଟ = ଚଟ

ଚ + ର = ଚର = ________

ମ + ଟ + ର = ମଟର = ________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୨

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

୫. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

| | | |
|---|---|---|
| କ | ପ | ର |
| ଟ | ନ | ଗ |
| ମ | ଚ | ଝ |

କର ________ ________

________ ________ ________

________ ________ ________

________ ________ ________

୬. ବନ୍ଧନୀରୁ ଅକ୍ଷର ନେଇ ଖାଲି ଘର ପୂରଣ କରିବା ଓ ପଢ଼ିବା ।

ଗ ________ (ପ, ଝ)

କ ________ (ପ, ର)

________ ଛ (ର, ଗ)

ମ ________ ର (ଟ, ପ)

ମ ________ (ଗ, ନ)

ଟ ________ ର (କ, ଗ)

୭. ଆସ, ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ।

| | |
|---|---|
| ଲ | ଳ |
| ବ | ଠ |
| ଲା | ବା |

ଲବ ________

________ ________

୮. ତଳେ ଥିବା କୋଠରୀରୁ ଅକ୍ଷର ନେଇ ଖାଲି ଘର ପୂରଣ କରି ଶବ୍ଦ ଗଢ଼ିବା ଓ ପଢ଼ିବା ।

| | | | |
|---|---|---|---|
| ବା | ଲା | ଠା | ଳା |

ବା ପା

ପା ________

ମ ________

ପି ________

ତା ________

କ ________

ବ ________

ମେ ________ ଣି


ଧ ________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ____________

## ଆସ ବିନ୍ଦୁ ଯୋଡ଼ି ପଶୁମାନଙ୍କୁ ଖାଦ୍ୟ ପାଖରେ ପହଞ୍ଚାଇବା ଓ ରଙ୍ଗ କରିବା



## ପଢ଼ିବା


| | |
|---|---|
| ଠେକୁଆ | ଗାଜର |
| କୁକୁର | ହାଡ଼ |
| ବିଲେଇ | ମାଛ |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ____________

## ଆସ ରଙ୍ଗ କରିବା



## ପଢ଼ିବା

ସୂର୍ଯ୍ୟ

କୁକୁର

ପ୍ରଜାପତି

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ________

# ଅଭିନୟ ଗୀତ : ଆମ ଗଛଲତା

**ଆସ, ଅଭିନୟ କରି ଗୀତଟିକୁ ଗାଇବା । ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।**



ଗଛ କହିଲା କାଟନି ମୋତେ
ଖରା ବରଷାରୁ ରଖିବି ତୋତେ ।
ଖାଇବୁ ତୁହି ଫଳ ମୁଁ ଦେବି
ଫୁଲରେ ତୋତେ ସଜେଇ ଦେବି ।
ମଞ୍ଜିରୁ ହୁଏ ଗଛରେ ଭାଇ
ଗଛରେ ହୁଏ ଫୁଲ
ଫୁଲରୁ ହୁଏ ଆମ ପାଇଁକି
ଜାତିଜାତିକା ଫଳ ।
ସପେଟା, ଆମ୍ବ, ପିଜୁଳି, ଜାମୁ,
ସପୁରୀ, ଲିଚୁକୋଳି
କାକୁଡ଼ି, ସେଓ, ଖଜୁରୀ, ତାଳ,
କମଳା ଖାଉ ତୋଳି ।
ଫଳଟି ସତେ ସୁଆଦ ଭାରି
ଦେହକୁ ଦିଏ ବଳ
ଗଛର ନେଲେ ଯତନ ସିନା
ପାଇବା ଆମେ ଫଳ ।

**ସମତାନ ଶବ୍ଦ**

| | | |
|---|---|---|
| ମୋତେ | - | ତୋତେ |
| କୋଳି | - | ତୋଳି |
| ବଳ | - | ଫଳ |
| ସପୁରୀ | - | ଖଜୁରୀ |

ଆସ, ପ୍ରଥମ ଧ୍ୱନିକୁ ଚିହ୍ନିବା ଓ କହିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୩ କାର୍ଯ୍ୟଫର୍ଦ୍ଦ-୧ ଦିନାଙ୍କ ________

ଆସ, ତଳ ଚିତ୍ର ଦେଖିବା ଓ ଗଛଠାରୁ କ'ଣ କ'ଣ ପାଉ କହିବା ।




ଗଛ ଆମର ବହୁତ ଉପକାର କରେ। ଆମେ ଗଛଠାରୁ କ'ଣ ସବୁ ପାଉ, ଆସ ବାପାମାଆଙ୍କୁ ପଚାରି ବୁଝିବା ଓ ଲେଖିବା ।

ଫଳ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଆସ, ଗଛଠାରୁ ପାଉଥିବା ଉପକାରଗୁଡ଼ିକ ଲେଖିବା ।

ଗଛରୁ ଔଷଧ ମିଳେ । — ଗଛରୁ ଔଷଧ ମିଳେ ।

ଗଛ ପାଇଁ ବର୍ଷା ହୁଏ ।


ଗଛ ଫଳ ଦିଏ ।

ଗଛ ମାଟିକୁ ବାନ୍ଧି ରଖେ ।

ଗଛ ଆମକୁ ଥଣ୍ଡା ଛାଇ ଦିଏ ।

ଗଛ ଆମକୁ ସ୍ୱଚ୍ଛ ବାୟୁ ଦିଏ ।

ଆସ, ଗଛଠାରୁ ପାଉଥିବା ଉପକାରଗୁଡ଼ିକ ମନେ ପକାଇବା ଓ ତଳ ଚିତ୍ରରେ ଥିବା ଗୋଲରେ ଲେଖିବା ।




ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

সপ্তাহ-৩

## ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

ଦିନାଙ୍କ __________

## ଶିକ୍ଷଣକାର୍ଯ୍ୟ : ଆମେ ସବୁ ମଞ୍ଜି

- ବାପାମାଆଙ୍କ କହିବା ଅନୁସାରେ ପିଲାମାନେ ଅଭିନୟ କରିବେ ।
- ଆମେ ସବୁ ମଞ୍ଜି ହୋଇଯିବା । (ପିଲାମାନେ ମଞ୍ଜି ପରି ଆଣ୍ଠେଇ ପଡ଼ି ଦୁଇ ହାତ ଯୋଡ଼ି ବସିବାର ଅଭିନୟ କରିବେ ।)
- ମଞ୍ଜିରେ ପାଣି ପଡ଼ିଲା, ଖରା ପଡ଼ିଲା, ଚାଲ, ଆମେ ଗଜା ହୋଇ ଯିବା । (ପିଲାମାନେ ଦୁଇ ପାପୁଲିକୁ ଅଳ୍ପ ମେଲାଇବେ)
- ଗଜାରୁ ୨ ପତ୍ର ହେଲା । (ପିଲାମାନେ ପାପୁଲିରୁ ଆଙ୍ଗୁଠି ମେଲାଇବେ) ।
- ତା' ପରେ ଗଛ ବଢ଼ିଲା । (ଆସ୍ତେ ଆସ୍ତେ ପିଲା ଠିଆ ହେବେ) ।
- ଏବେ ପବନ ହେଲା ।
- ଆମେ ଗଛ ହୋଇ ଧିରେ-ଧିରେ ହଲିବା । (ପିଲାମାନେ ଦେହ ଓ ମୁଣ୍ଡ ହଲାଇବେ)
- ଏବେ ଜୋର୍‌ରେ ପବନ ହେଲା ।
- ଆମେ ବି ଜୋର୍‌ରେ ହଲିବା । (ପିଲାମାନେ ଜୋର୍‌ରେ ଦେହ ଓ ମୁଣ୍ଡ ହଲାଇବେ)

## କଥୋପକଥନ

### ଗଛର ଉପକାରିତା


- ବାପାମାଆ, ପିଲାଙ୍କୁ ଗଛର ଉପକାରିତା ବିଷୟରେ ପଚାରିବେ ଓ ପରେ କହିବେ । ନିମ୍ନ ପ୍ରଶ୍ନଗୁଡ଼ିକ ଆଲୋଚନା କରିବେ ।
  - ଗଛ ଆମକୁ କ'ଣ ଦିଏ ?
  - ଗଛ କାଟିବା ଠିକ୍ ନା ଭୁଲ ?
  - ଗଛ ନରହିଲେ କ'ଣ ହେବ ?
  - ତୁମ ଘର ଆଖପାଖରେ କେଉଁ କେଉଁ ଗଛସବୁ ଅଛି ?
  - ତୁମକୁ ଗଛ ଚଢ଼ି ଆସେ ?
  - ସବୁ ଗଛ ଫଳ ଦିଏ କି ?
  - ତୁମକୁ କେଉଁ ଫଳସବୁ ଖାଇବାକୁ ଭଲ ଲାଗେ ?

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ________

## ଆସ, ଚିତ୍ରରୁ ବଡ଼ଗଛଟିକୁ ଦେଖିବା ଓ ତା'ର ବିଭିନ୍ନ ଅଂଶର ନାମ କହିବା।




ଗଛର ବିଭିନ୍ନ ଅଂଶ ବିଷୟରେ ବାପାମାଆଙ୍କୁ ପଚାରି ଜାଣିବା ଓ ତଳ ଚିତ୍ର ପାଖରେ ଥିବା ଖାଲି ଜାଗାରେ ସେଗୁଡ଼ିକ ଲେଖିବା।




ଫଳ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଆସ, ଚିତ୍ରରୁ ଛୋଟ ଗଛଟିକୁ ଦେଖିବା ଓ ତା'ର ବିଭିନ୍ନ ଅଂଶର ନାମ ପଢ଼ିବା ।




ଗଛ ଆମକୁ ଅନେକ ଜିନିଷ ଦିଏ । ଗଛ ଆମକୁ କ'ଣ ଦିଏ, ଆସ ବାପାମାଆଙ୍କୁ ପଚାରି ଜାଣିବା ଓ ଲେଖିବା ।

କାଠ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

**ସପ୍ତାହ-୩**

# ଗଳ୍ପ କଥନ : ଦୟାଳୁ ଆମ୍ବଗଛ

ଦିନାଙ୍କ ________

**ଆସ, ଗପଟିକୁ ପଢ଼ିବା । ତଳ ପ୍ରଶ୍ନର ଉତ୍ତର କହିବା । ଶେଷରେ ଥିବା ଶବ୍ଦଗୁଡ଼ିକୁ ଗପରୁ ବାଛି ତା' ତଳେ ଗାର ଦେବା ଓ ପଢ଼ିବା ।**

ଗୋଟିଏ ଜଙ୍ଗଲରେ ଦୁଇଟି ଗଛ ଥିଲା । ଗୋଟିଏ ଆମ୍ବଗଛ, ଆଉ ଗୋଟିଏ ଓସ୍ତଗଛ । ଆମ୍ବଗଛଟି ଶାନ୍ତ ସ୍ୱଭାବର ଥିଲା ବେଳେ ଓସ୍ତଗଛଟି ଭାରି ରାଗି ଥିଲା । ଦିନେ ସେ ଜଙ୍ଗଲକୁ ଦଳେ ମହୁମାଛି ଉଡ଼ି ଆସିଲେ । ସେମାନେ କେଉଁ ଏକ ଗଛରେ ବସା ବାନ୍ଧି ରହିବାକୁ ଚାହୁଁଥିଲେ । ତାଙ୍କ ଭିତରେ ଥିବା ରାଣୀ ମହୁମାଛିର ନଜର ଓସ୍ତଗଛ ଉପରେ ପଡ଼ିଲା । ସେ କହିଲା, ''ଏ ଗଛ ବହୁତ ଘନ ଓ ବଡ଼ । ଆମେ ଏ ଗଛରେ ଆମର ଘର ତିଆରି କରି ରହିବା ।'' ତେଣୁ ସେ ଓସ୍ତଗଛକୁ କହିଲା, ''ଗଛଭାଇ, ଆମେମାନେ ତୁମ ଡାଳରେ ଆମ ବସା ବାନ୍ଧି ପାରିବୁ ?'' ଓସ୍ତଗଛ ରାଗିଗଲା । କହିଲା, ''ନା, ନା, ମୋ ଉପରେ କିଏ ଘର କରିବାଟା ମୋର ପସନ୍ଦ ନୁହେଁ । ତୁମେ ତୁମ ଘର ପାଇଁ ଅନ୍ୟ ଜାଗା ଦେଖ । ଯାଅ ଏଠୁ ।''

ଓସ୍ତଗଛର ବ୍ୟବହାରରେ ରାଣୀମାଛି ମନଦୁଃଖ କଲା । ସେତିକିବେଳକୁ ଆମ୍ବଗଛ ରାଣୀମାଛିକୁ ପାଖକୁ ଡାକିଲା । କହିଲା, ''ରାଣୀ ମହୁମାଛି, ତୁମେ ତୁମ ସାଙ୍ଗମାନଙ୍କ ସହ ଏଇଠିକୁ ଆସ । ଆଉ ମୋ ଡାଳରେ ନିଜ ପାଇଁ ବସା ବାନ୍ଧ । ମୁଁ ତୁମ କାମରେ ଆସିଲେ ମୋତେ ଖୁସି ଲାଗିବ ।'' ରାଣୀ ମହୁମାଛି ଖୁସି ହୋଇ କହିଲା, ''ଧନ୍ୟବାଦ ଆମ୍ବଭାଇ । ତୁମ ସ୍ୱଭାବ ତୁମ ଫଳ ପରି ମିଠା ।'' ଏଣିକି ମହୁମାଛିମାନେ ଆମ୍ବଗଛରେ ବସା ବାନ୍ଧି ରହିବାକୁ ଲାଗିଲେ ।

ଦିନେ ଦୁଇଜଣ କାଠୁରିଆ ଗଛ କାଟିବାକୁ ଜଙ୍ଗଲକୁ ଆସିଲେ । ଆମ୍ବଗଛକୁ ଦେଖି ଜଣେ କହିଲା, ''ଆରେ, ଏ ଗଛଟି ତ ବହୁତ ବଡ଼ । ଆମେ ଯଦି ଏହାର ଡାଳ କାଟି ନେଇ ବିକିବା, ତା'ହେଲେ ଆମକୁ ବହୁତ ପଇସା ମିଳିବ ।'' ଅନ୍ୟ କାଠୁରିଆଜଣକ କହିଲା, ''ଠିକ୍ କଥା କହିଛ । ଚାଲ, ଆମେ ତାକୁ କାଟିଦେବା ।'' ଦୁଇଜଣଯାକ ଗଛ କାଟିବାକୁ ଆମ୍ବଗଛ ପାଖକୁ ଆସିଲେ । ସେମାନଙ୍କୁ ମହୁମାଛି ବସା ଦେଖାଗଲା । ସେମାନେ କଥାବାର୍ତ୍ତା ହେଲେ-ଆମେ ଯଦି ଏ ଗଛ କାଟିବାକୁ ଯିବା ତେବେ ଆମକୁ ମହୁମାଛିମାନେ ମାରି ପକାଇବେ ।

ସେମାନେ ଆମ୍ବଗଛ ନ କାଟି ଫେରିବା ସମୟରେ ଓସ୍ତଗଛକୁ ଦେଖିଲେ । ଜଣେ କାଠୁରିଆ କହିଲା, ''ଏ ଓସ୍ତଗଛଟି, ଆମ୍ବଗଛ ଠାରୁ ଘନ ଓ ବଡ଼ ଅଛି । ଚାଲ, ଏ ଗଛକୁ କାଟି ନେବା ।'' ଦୁଇଜଣଯାକ ଯାଇ ଓସ୍ତଗଛକୁ କାଟିବାକୁ ଲାଗିଲେ । ଯେତେବେଳେ ଆମ୍ବଗଛ ଦେଖିଲା, କାଠୁରିଆମାନେ ଓସ୍ତଗଛକୁ କାଟୁଛନ୍ତି, ସେ ରାଣୀ ମହୁମାଛିକୁ ଡାକିଲା । କହିଲା, ''ଏବେ ଓସ୍ତଗଛକୁ ରକ୍ଷା କରିବା ଦରକାର । ତୁମେ ଓ ତୁମ ସାଥୀମାନେ ଯାଇ ଓସ୍ତଗଛକୁ ରକ୍ଷା କର ।''

ରାଣୀ ମହୁମାଛି ତା' ସାଥୀମାନଙ୍କୁ ନେଇ କାଠୁରିଆ ଦୁଇଜଣଙ୍କୁ ଆକ୍ରମଣ କଲା । ଫଳରେ ସେମାନେ ଗଛ ନ କାଟି ସେ ଜାଗା ଛାଡ଼ି ପଳାଇଲେ । ଓସ୍ତଗଛ ରାଣୀ ମହୁମାଛିକୁ କହିଲା, ''ଭଉଣୀ, ମୁଁ ତୁମମାନଙ୍କୁ ମୋ ଡାଳରେ ବସା ବାନ୍ଧି ରହିବାକୁ ଦେଇ ନଥିଲି । ହେଲେ ତୁମେ ସେ କଥା ମନରେ ନ ରଖି ଆଜି ମୋ ଜୀବନ ରକ୍ଷା କଲ । ତୁମକୁ କେମିତି ଧନ୍ୟବାଦ ଦେବି ଜାଣି ପାରୁନି ।'' ରାଣୀ ମହୁମାଛି କହିଲା, ''ତୁମେ ଧନ୍ୟବାଦ ଆମ୍ବଗଛକୁ ଦିଅ । ସେ ଠିକଣା ସମୟରେ ତୁମକୁ ବଞ୍ଚାଇବା ପାଇଁ ଆମକୁ ପ୍ରେରଣା ଦେଇଥିଲେ ବୋଲି ତୁମ ଜୀବନ ରକ୍ଷା ହେଲା ।'' ଓସ୍ତଗଛ ଆମ୍ବଗଛକୁ ଧନ୍ୟବାଦ ଜଣାଇଲା । ତା'ପରଠାରୁ ତା'ର ସ୍ୱଭାବରେ ପରିବର୍ତ୍ତନ ଆସିଲା ।

ଏଇଥିପାଇଁ କହନ୍ତି-'କାହାରି କ୍ଷତି କର ନାହିଁ । ବରଂ ଅସୁବିଧା ସମୟରେ ଅନ୍ୟକୁ ସାହାଯ୍ୟ କରିବା ଦରକାର ।'

**ପ୍ରଶ୍ନ-**

- ଆମ୍ବଗଛ ପାଖରେ କେଉଁ ଗଛ ଥିଲା ?
- ମହୁମାଛିମାନେ କେଉଁ ଗଛରେ ବସା ବାନ୍ଧିଲେ ?
- ଜଙ୍ଗଲକୁ କିଏ କାଠ କାଟିବାକୁ ଆସିଲେ ?
- ଓସ୍ତଗଛକୁ କାଠୁରିଆ ଦୁଇଜଣ କାହିଁକି କାଟି ପାରିଲେ ନାହିଁ ?



**ମୁଖ୍ୟ ଶବ୍ଦ**


ଆମ୍ବଗଛ, ଓସ୍ତଗଛ, କାଠୁରିଆ, ମହୁମାଛି, ସାହାଯ୍ୟ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୩ | କାର୍ଯ୍ୟପର୍ଦ୍ଦ-୪ | ଦିନାଙ୍କ ________

ଚିତ୍ର ଦେଖିବା, ଭାବିବା, କହିବା ଓ ଗଛର ବିଭିନ୍ନ ଅଂଶର ନାମ ଖାଲି ଜାଗାରେ ଲେଖିବା ।




ଆସ, ଗଛର ବିଭିନ୍ନ ଅଂଶକୁ ନେଇ ଆମେ କ'ଣ କରୁ, ବାପାମାଆଙ୍କୁ ପଚାରି ବୁଝିବା ଓ ଲେଖିବା ।

ଚେର ଚେରରୁ ଔଷଧ ତିଆରି ହୁଏ ।

ଫଳ

ଫୁଲ

ପତର

ମଞ୍ଜି

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ________

## ଆସ, ଚିତ୍ର ଦେଖିବା, ଜାଣିବା ଓ କହିବା ।




## ଆସ, ଚିତ୍ର ଦେଖି କାହା ପରେ କ'ଣ ହୁଏ-ଭାବିବା । ତଳ ବାକ୍ୟଗୁଡ଼ିକରୁ ବାଛି ସଜାଡ଼ିବା ଓ ପାଖ କୋଠରିରେ କ୍ରମରେ ଲେଖିବା ।

- ଗଜାରୁ ଦୁଇପତ୍ର ବାହାରେ ।
- ଗଛରେ ଫୁଲ ହୁଏ ।
- ମଞ୍ଜିରୁ ଗଜା ହୁଏ ।
- ଫୁଲରୁ ଫଳ ହୁଏ ।
- ଦୁଇପତ୍ର ବଢ଼ି ଯାଇ ଚାରାଗଛ ହୁଏ ।
- ଫଳ ଭିତରେ ମଞ୍ଜି ଥାଏ ।
- ଚାରାଗଛରୁ ବଡ଼ଗଛ ହୁଏ ।

• ମଞ୍ଜିରୁ ଗଜା ହୁଏ ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୩ | କାର୍ଯ୍ୟଫର୍ଦ୍ଦ-୬ | ଦିନାଙ୍କ ________

ଆସ, ଉଦାହରଣ ଦେଖି ଅକ୍ଷର ଯୋଡ଼ିବା, ଶବ୍ଦ ଗଢ଼ିବା, ଖାଲି ଜାଗାରେ ଲେଖିବା ଓ ପଢ଼ିବା।

ଉଦାହରଣ-

| | | | | | | | |
|---|---|---|---|---|---|---|---|
| ଗ | + | ଛ | | | | = | ଗଛ |
| ଫ | + | ଳ | | | | = | |
| ଫୁ | + | ଲ | | | | = | |
| କା | + | ଣ୍ଡ | | | | = | |
| ଡା | + | ଳ | | | | = | |
| ଚେ | + | ର | | | | = | |
| ଛା | + | ଇ | | | | = | |
| କା | + | ଠ | | | | = | |
| ପ | + | ତ | + | ର | | = | |
| ଔ | + | ଷ | + | ଧ | | = | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ


ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### ସିଂହର ବୁଦ୍ଧିମତା

ଗୋଟିଏ ବଣରେ ସିଂହ, ବାଘ, ବିଲୁଆ ଓ କାଉ ସାଙ୍ଗ ହୋଇ ଥାଆନ୍ତି । ଏକାଠି ମିଳିମିଶି ରହନ୍ତି । ଦିନେ ଓଟଟିଏ ବାଟ ଭୁଲି ସେମାନଙ୍କ ପାଖକୁ ଆସିଲା । ସିଂହ ତାକୁ ପାଖରେ ରଖିଲା । ସମସ୍ତେ ସାଥୀ ହୋଇ ଚଳିଲେ । କିଛିଦିନ ଗଲା । ବର୍ଷା ହେଲାନାହିଁ । ବଣର ଗଛପତ୍ର ଶୁଖିଗଲା । ଜୀବମାନେ କିଏ କୁଆଡ଼େ ପଳେଇଲେ । ସିଂହ ଓ ତା' ସାଥୀମାନେ ଖାଇବାକୁ ପାଇଲେ ନାହିଁ । ଓଟ ତ ମରୁଭୂମିର ଜୀବ । ସେ ବହୁତ ଦିନ ପର୍ଯ୍ୟନ୍ତ ନଖାଇ ରହି ପାରୁଥାଏ । ହେଲେ ଅନ୍ୟମାନଙ୍କୁ ଭାରି ଭୋକ ହେଉଥାଏ । ଦିନେ ଓଟ ଦୂରକୁ ଯାଇଥାଏ । ବାଘ, ବିଲୁଆ ଓ କାଉ-ସିଂହ ପାଖରେ ଥାଆନ୍ତି । କାଉ କହିଲା-''ଆମେସବୁ ଭୋକ ବିକଳରେ ଛଟପଟ ହୋଇ ଯାଉଛୁ । କ'ଣ କରିବା ? ଚାଲ ଓଟକୁ ମାରି ଖାଇଦେବା ।'' ବାଘ ଓ ବିଲୁଆ ତା' କଥାରେ ରାଜି ହୋଇଗଲେ । ସିଂହ ଧର୍ମସଙ୍କଟରେ ପଡ଼ିଗଲା । ଓଟକୁ ସେ ଆଶ୍ରୟ ଦେଇଥିଲା । ତେଣୁ ସେ କେବେବି ଓଟକୁ ମାରିପାରିବ ନାହିଁ । ବାଘ, ବିଲୁଆ ଓ କାଉ ଗୋଟିଏ ଉପାୟ ପାଞ୍ଚିଲେ । ସେମାନେ ସିଂହକୁ ବୁଝାଇଲେ-ଓଟ ଯଦି



ନିଜେ ତାକୁ ଖାଇବାକୁ କୁହେ, ତେବେ... ସିଂହ ତାକୁ ଖାଇପାରିବ ତ ? ସିଂହ ଚୁପ୍ ରହିଲା । ଓଟ ଫେରିଲା । କାଉ ଓଟକୁ ଶୁଣାଇ କହିଲା, ''ତୁମମାନଙ୍କର ଭୋକ ମୁଁ ସହିପାରୁ ନାହିଁ । ମୋତେ ଖାଇ ଜୀବନ ବଞ୍ଚାଅ ।'' ବିଲୁଆ ଓ ବାଘ ସେହି ଏକା କଥା କହିଲେ । ସେମାନଙ୍କୁ ଦେଖି ଓଟ ମଧ କହିଲା-''ମୋତେ ଖାଇଦିଅ । ମୋତେ ଖାଇ ଦେଲେ ତୁମେମାନେ ଦୁଇଦିନ ବଞ୍ଚିପାରିବ ।'' ସିଂହ ସବୁ ଶୁଣୁଥିଲା । ସେ କହିଲା-''ନା କେହି କାହାକୁ ଖାଇବା ନାହିଁ । ଚାଲ, ସମସ୍ତେ ମିଳିମିଶି ଆଉ ଗୋଟିଏ ବଣକୁ ଯିବା । ସେଠାରେ ଖାଇପିଇ ଭଲରେ ରହିବା ।'' ସମସ୍ତେ ସିଂହ କଥାରେ ରାଜି ହୋଇ ଆଉ ଗୋଟିଏ ବଣକୁ ଗଲେ, ଖୁସିରେ ରହିଲେ ।



### ଆଳୁରେ ଆଳୁ

ଆଳୁରେ କୁଆଡ଼େ ଯାଇଥିଲୁ ତୁ ?
ବାଇଗଣ ଟୋକେଇରେ ଶୋଇଥିଲି ମୁଁ ।
ଗୋଇଠା ମାଇଲା କାନ୍ଦୁଥିଲି ମୁଁ
ମମି ଗେଲ କରିଦେଲେ ହସିଦେଲି ମୁଁ
ବାପା ଦେଲେ ପଇସା ନାଚିଗଲି ମୁଁ
ଭାଇ ଦେଲା ଲଡୁ ଖାଇଦେଲି ମୁଁ ।
ଆଳୁରେ କୁଆଡ଼େ ଯାଇଥିଲୁ ତୁ ?
ମୂଳା ଟୋକେଇରେ ଶୋଇଥିଲି ମୁଁ
ଗୋଇଠା ମାରିଲା କାନ୍ଦୁଥିଲି ମୁଁ
ମମି ଗେଲ କରିଦେଲେ ହସି ଦେଲି ମୁଁ
ବାପା ଦେଲେ ପଇସା ନାଚିଗଲି ମୁଁ
ଭାଇ ଦେଲା ଲଡୁ ଖାଇଦେଲି ମୁଁ
ଆଳୁରେ କୁଆଡ଼େ ଯାଇଥିଲୁ ତୁ ?
କଖାରୁ ଟୋକେଇରେ ଶୋଇଥିଲି ମୁଁ
ଗୋଇଠା ମାଇଲା କାନ୍ଦୁଥିଲି ମୁଁ
ମମି ଗେଲ କରିଦେଲେ... ହସିଦେଲି ମୁଁ ।
ବାପା ଦେଲେ ପଇସା.... ନାଚିଗଲି ମୁଁ ।
ଭାଇ ଦେଲା ଲଡୁ.... ଖାଇଦେଲି ମୁଁ ।



ସପ୍ତାହ-୩

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### କାଉ ବସାରେ କୋଇଲି

ଅନେକ ଦିନ ତଳର କଥା । ଗୋଟିଏ ଗଛରେ କୋଇଲିଟିଏ ବସା କରି ରହୁଥାଏ । ସେ ଭାରି ନିରୀହ । ସେହି ଗଛରେ ଦୁଷ୍ଟ ହନୁମାଙ୍କଡ଼ଟିଏ ରହୁଥାଏ । କୋଇଲି ଯେତେବେଳେ ଅଣ୍ଡା ଦିଏ ସେତେବେଳେ ହନୁ ଡାଳ ହଲାଇଦିଏ । ବସାରୁ ଅଣ୍ଡା ପଡ଼ି ଫାଟିଯାଏ । କୋଇଲି ବିଚରା ମନଦୁଃଖରେ ଥାଏ । ଥରେ କୋଇଲି ଗୋଟିଏ ଉପାୟ ପାଞ୍ଚିଲା । ଅଣ୍ଡା ଦେବା ବେଳ ହେଲାରୁ ସେ ବସା ଛାଡ଼ି ଚାଲିଗଲା । ଦୂରରେ ଆଉ ଗୋଟିଏ ଗଛ ଥାଏ । ସେଠି ଗୋଟିଏ କାଉ ବସା କରି ଦୁଇଟି ଅଣ୍ଡା ଦେଇଥାଏ । କାଉ ତା' ବସାରେ ନଥିବା ବେଳେ କୋଇଲି କାଉ ବସାରେ ଦୁଇଟି ଅଣ୍ଡା ଦେଇ ଫେରି ଆସିଲା । କାଉ ନିଜ ଅଣ୍ଡା ସହ କୋଇଲି ଅଣ୍ଡାକୁ ବି ଉଷୁମ କଲା । କିଛି ଦିନ ପରେ ଚାରୋଟିଯାକ ଅଣ୍ଡାରୁ ଗୁଲୁଗୁଲିଆ ଛୁଆ ବାହାରିଲେ । ଏତିକିବେଳେ କୋଇଲି କାଉ ପାଖରେ ପହଞ୍ଚିଗଲା । ନିଜ ଛୁଆ ଦୁଇଟିଙ୍କୁ ନେଇଯିବା ପାଇଁ ମାଗିଲା । କାଉ କହିଲା-''ଚାରୋଟିଯାକ ମୋ ଛୁଆ ।'' ଏହି କଥାରେ ଦୁହିଁଙ୍କ ଭିତରେ କଳି ହେଲା । କଜଳପାତିଟିଏ ସେହି ବାଟରେ ଉଡ଼ି ଯାଉଥିଲା । ସେମାନଙ୍କ କଳି ଶୁଣି ପାଖକୁ ଆସିଲା । କାଉକୁ ବୁଝାଇଲା । ହେଲେ କାଉ ତା' କଥା ଶୁଣିଲା ନାହିଁ । କଜଳପାତି କୋଇଲିକୁ ବୁଝାଇ ଗୋଟିଏ ମାସ ପରେ ପୁଣି ଆସିବାକୁ କହିଲା । କୋଇଲି ରାଜି ହୋଇ ନିଜ ବସାକୁ ଫେରିଗଲା । ଚାରୋଟିଯାକ ଛୁଆ ଯେତେବେଳେ ବଡ଼ ହେଲେ, ଦୁଇଟି ଛୁଆ କାଆ... କାଆ... ରାବ ଦେଲେ । ଆଉ ଦୁଇଟି ଛୁଆ ପୁରା ଚୁପ୍ । ମାସେ ପରେ କୋଇଲି ଆସିଲା । କଜଳପାତି ବି ଆସିଲା । କଜଳପାତି, କାଉ ଓ କୋଇଲି ଦୁଇଜଣଙ୍କୁ ଚୁପ୍ ରହିବାକୁ କହିଲା । ଚାରୋଟି ଛୁଆଙ୍କୁ ଗୀତ ଗାଇବାକୁ କହିଲା । କାଉ ଛୁଆ କାଆ... କାଆ... ରଡ଼ି ଛାଡ଼ିଲେ । ଅନ୍ୟ ଦୁଇଟି ଛୁଆ ପ୍ରଥମ ଥର ପାଇଁ କୁ... କୁ... ସ୍ୱରରେ ଗୀତ ଗାଇଲେ । କାଉ ତଳକୁ ମୁହଁ କରି ଚୁପ୍ ହୋଇ ରହିଲା । ଖୁସିରେ କୋଇଲି ଆଖିରୁ ଲୁହ ଝରି ପଡ଼ିଲା । କଜଳପାତି କାଉକୁ କହିଲା, ''କୋଇଲି ଅସୁବିଧାରେ ପଡ଼ି ତୋ ବସାରେ ଅଣ୍ଡା ଦେଇଥିଲା । ତୁ ଜାଣିଶୁଣି କୋଇଲି ଛୁଆକୁ ନିଜର ବୋଲି କହିଲୁ । ସେଥିପାଇଁ ତୁ ଦଣ୍ଡ ପାଇବୁ । ଏଣିକି ସବୁବେଳେ କୋଇଲି ତୋ' ବସାରେ ଅଣ୍ଡା ଦେବ । ଆଉ ତୁ ସେଇ ଅଣ୍ଡାର ଯତ୍ନ ନେବୁ ।'' ସେଇଦିନଠାରୁ କୋଇଲି, କାଉ ବସାରେ ଅଣ୍ଡା ଦିଏ ।

### ଆଈମାଆ.... ଆଈମାଆ



ଆଈମାଆ... ଆଈମାଆ
ଥରୁଟିଏ କହି ଦେ
ଦୁଇ ଦୁଇ ଚାରି ହୁଏ
କାହିଁକି କହି ଦେ ।
ଆଈମାଆ..... ।
ଆଜି ଯାଇ ବଜାର
ଆଣିଲି ଆମ୍ବ ଆଚାର
ଖଟା ମିଠା ସ୍ୱାଦ ତା'ର
ଖାଇବି ରୁଟି ସାଥିରେ ।
ଆଈମାଆ.... ।

ଆଈମାଆ.... ଆଈମାଆ
ଥରୁଟିଏ କହି ଦେ
ଲଡୁ କାହିଁ ଗୋଲ ଗୋଲ
ଥରୁଟିଏ କହି ଦେ ।
ମିଠା ମିଠା ଗୋଲ ଗୋଲ
ମିଠାଇ ଡବା ଜଲଦି ଖୋଲ
ମାଆ ମୋତେ ଦେଖିକି
ଛଡ଼େଇ ନେଲେ ରାଗିକି ।
ଲା... ଲା... ଲା....
ଆଈମାଆ...... ।



ସପ୍ତାହ-୩

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

୧. ଆସ, ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ।

କ)

| | |
|---|---|
| ଅ | ଖ |
| ନ | ବ |

ନଖ ________
________ ________
________ ________

ଖ)

| | |
|---|---|
| ରା | ବା |
| ଅ | ଆ |

________ ________
________ ________
________ ________

ଗ)

| | |
|---|---|
| ଖା | ରା |
| ବା | ନା |

________
________
________
________
________
________

୨. ଆସ, ଅକ୍ଷର ମିଶାଇ ଶବ୍ଦ ଗଢ଼ିବା ଓ ଲେଖିବା ।

ଅ + ନା = ଅନା

ବା + ଆ = ________

ଖା + ଅ = ________

ନା + ରା = ________

ବା + ନା = ________

ଖା + ନା = ________

୩. ଆସ, ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

| | |
|---|---|
| ଗ | ଛ |
| ଣ | ତ |
| ଧ | ରା |

ଛଣ ________
________ ________
________ ________

୪. ଆସ, ଅକ୍ଷର ମିଶାଇ ଶବ୍ଦ ଗଢ଼ିବା ଓ ଲେଖିବା ।

ଛ + ଣ = ଛଣ

ଗ + ଣ =

ଗ + ଛ =

ସପ୍ତାହ-୩

## ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

୫. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

| | |
|---|---|
| ଗା | ଛା |
| ତ | ଣା |
| ଢା | ଟ |

ଗାତ ________

________ ________

________ ________

୬. ଶବ୍ଦ ଗଢ଼ିବା, ପଢ଼ିବା ଓ ଲେଖିବା ।

ଗା + ଲ = ଗାଲ | ________

ତା + ଲା = ________ | ________

ଧା + ରା = ________ | ________

ଛ + ଣା = ________ | ________

୭. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।


| | | |
|---|---|---|
| ଟା | ମା | ରା |
| ଗା | ତା | ର |

ଗାର ________ ________


________ ________ ________


୮. ଚିତ୍ରର ନାମ କହିବା ଓ ତଳ ଘରୁ ଅକ୍ଷର ନେଇ ଖାଲି ଜାଗା ପୂରଣ କରିବା ।

| | | | |
|---|---|---|---|
| ଟା | ଗା | ଟା | ମା |











________ ଇ ________କୁଆ ________ ଛ ପର ________

## ଆସ ରଙ୍ଗ କରିବା



### ପଢ଼ିବା

| | |
|---|---|
| ଘର | ରାସ୍ତା |
| ଗଛ | ମେଘ |
| ପାହାଡ଼ | ସୂର୍ଯ୍ୟ |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଚତୁର୍ଥ ସପ୍ତାହ

## ସାତଦିନ ଓ ବାରମାସ

## ଅଭିନୟ ଗୀତ : ପବନ ବହେ ଥିରିଥିରି

ଆସ ଅଭିନୟ କରି ଗୀତଟିକୁ ଗାଇବା । ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।

ପବନ ବହେ ଥିରିଥିରି-ପ୍ରଥମ ମାସ ଜାନୁଆରୀ ।
ଝରଣା ବହେ ଝରିଝରି- ଦ୍ୱିତୀୟ ମାସ ଫେବୃୟାରୀ ।
କର ନାହିଁ ତୁମେ ବାଜେ ଖର୍ଚ୍ଚ-ତୃତୀୟ ମାସ ଅଟେ ମାର୍ଚ୍ଚ ।
ପୂଜାରେ ସହର ଝିଲିମିଲି- ଚତୁର୍ଥ ମାସ ଏପ୍ରିଲ୍ ।
ମେଣ୍ଢା ବୋବାଏ ମେଁ ମେଁ-ପଞ୍ଚମ ମାସ ସିନା ମେ ।
ପାଠରେ ନରଖ ତୁମେ ଶୂନ-ଷଷ୍ଠ ମାସ ଅଟେ ଜୁନ୍
ପାଠ ପଢ଼ ମନ ଲଗାଇ-ସପ୍ତମ ମାସ ଅଟେ ଜୁଲାଇ ।
କାହା ମନରେ ନ ଦିଅ କଷ୍ଟ-ଅଷ୍ଟମ ମାସ ଅଟେ ଅଗଷ୍ଟ ।
କାମରେ ନ ହୁଅ ତରତର-ନବମ ମାସ ସେପ୍ଟେମ୍ବର
ବୁଢ଼ାଟି ଥରେ ଥରଥର-ଦଶମ ମାସଟି ଅକ୍ଟୋବର
ବଗପକ୍ଷୀ ଧୋବ ଫରଫର-ଏକାଦଶ ମାସ ନଭେମ୍ବର
ସୁନା ହଳଦୀ ଗରଗର- ଦ୍ୱାଦଶ ମାସଟି ଡ଼ିସେମ୍ବର

**ସମତାନ ଶବ୍ଦ**

| | | |
|---|---|---|
| ଥିରିଥିରି | - | ଝରିଝରି |
| ଜାନୁଆରୀ | - | ଫେବୃୟାରୀ |
| ଖର୍ଚ୍ଚ | - | ମାର୍ଚ୍ଚ |
| ଲଗାଇ | - | ଜୁଲାଇ |
| ତରତର | - | ଥରଥର |
| ଫରଫର | - | ଗରଗର |

ଆସ, ପ୍ରଥମ ଧ୍ୱନି ଚିହ୍ନିବା ଓ କହିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪ କାର୍ଯ୍ୟଫର୍ଦ୍ଦ-୧ ଦିନାଙ୍କ ____________

## ଆସ, ଚିତ୍ର ଦେଖିବା, ଭାବିବା ଓ କହିବା ।





## ଏକ ସପ୍ତାହରେ ସାତ ଦିନ ଥାଏ । ଆସ, ସାତ ଦିନର ନାମ ପଢ଼ିବା ଓ ମନେରଖିବା ।

ସୋମବାର — ମଙ୍ଗଳବାର — ବୁଧବାର — ଗୁରୁବାର

ଶୁକ୍ରବାର — ଶନିବାର — ରବିବାର

## ଆସ ରେଳଡ଼ବାରେ ଛାଡ଼ି ଯାଇଥିବା ଦିନର ନାମ ଲେଖିବା ।




ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

## ଶିକ୍ଷଣକାର୍ଯ୍ୟ : ବଇଶାଖ ଟାଣ ଖରା



ଅଭିନୟ ସଙ୍ଗୀତ

ବଇଶାଖ ଟାଣ ଖରା-ଲାଗେ ପିନ୍ ପିନ୍
ଆଇସ୍କ୍ରିମ୍ ଡାକ ଦିଏ-ମୋତେ କିଣ୍ କିଣ୍
ଜ୍ୟେଷ୍ଠରେ ଝିଙ୍କାରି ଡାକେ-ଚାଷୀ ଶୁଣ ଶୁଣ
ଯୋଗ ଦେଖି ପାଗ ଦେଖି- ଧାନ ବୁଣ ବୁଣ ।

## କଥୋପକଥନ

### ବାରମାସର କଥା

- ବାପାମାଆ ପିଲାଙ୍କୁ ବର୍ଷର ୧୨ ମାସ ବିଷୟରେ କହିବେ ।
- ୧୨ ମାସରେ ପାଳନ ହେଉଥିବା ପର୍ବ ବିଷୟରେ ଧାରଣା ଦେବେ ।

ପ୍ରଶ୍ନ-

- ଆଷାଢ଼ ମାସରେ କ'ଣ ହୁଏ ?
- କେଉଁ ମାସରେ ଚାଷ କରାଯାଏ ?
- କାର୍ତ୍ତିକ ମାସରେ କେଉଁ ପୂଜା ହୁଏ ଓ କେଉଁ ବିଶେଷ ପର୍ବ ପାଳନ କରାଯାଏ ?
- କେଉଁ ମାସରେ ଶୀତ ହୁଏ ?
- କେଉଁ ମାସରେ ଟାଣ ଖରା ହୁଏ ?

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪ | କାର୍ଯ୍ୟଫର୍ଦ୍ଦ-୨ | ଦିନାଙ୍କ ________

## ଚିତ୍ର ଦେଖିବା, ଭାବିବା ଓ କହିବା ।




ରବିବାର - ଗୁଡ଼ି ଉଡ଼ାଇବା

ସୋମବାର - ସ୍କୁଲ ଯିବା

ମଙ୍ଗଳବାର - ଗପବହି ପଢ଼ିବା

ବୁଧବାର - କଳାପଟାରେ ଲେଖିବା

ଗୁରୁବାର - ଖାତାରେ ଲେଖିବା

ଶୁକ୍ରବାର - ଚିତ୍ର କରିବା

ଶନିବାର - ପାର୍କ ଯିବା

## ଆସ ଉପର ଚିତ୍ରଟି ଦେଖି ପିଲାମାନେ ସପ୍ତାହରେ କେଉଁଦିନ କ'ଣ କରୁଥିଲେ ଲେଖିବା ।

ରବିବାର ଗୁଡ଼ି ଉଡ଼େଇବା | ବୁଧବାର ________

ସୋମବାର ________ | ଗୁରୁବାର ________

ମଙ୍ଗଳବାର ________ | ଶୁକ୍ରବାର ________

ଶନିବାର ________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪ କାର୍ଯ୍ୟଫର୍ଦ୍ଦ-୩ ଦିନାଙ୍କ ________

## ଚିତ୍ର ଦେଖିବା, ଭାବିବା, କହିବା ଓ ଲେଖିବା ।

ଆସ, ଚିତ୍ର ଦେଖି ସପ୍ତାହର ସାତବାର ନାମ କହିବା । ସାତବାର ଗୀତ ପଢ଼ିବା ଓ ଗାଇବା ।




### ସାତ ବାର ଗୀତ

ସପ୍ତାହକ ସାତ ବାର
ସାତ ବାର ଏ ପ୍ରକାର....
ସୋମବାର ପରେ ମଙ୍ଗଳ ଆସଇ
ତା'ପରେ ଯେ ବୁଧବାର ।
ଗୁରୁ, ଶୁକ୍ର, ଶନି ତା'ପରେ ଆସଇ
ଶେଷେ ଆସେ ରବିବାର ।

ଆସ ଉପରେ ଚିତ୍ରଟି ଦେଖି ସପ୍ତାହର ସାତବାରର ନାମ ତଳେ ଲେଖିବା ।

ସୋମବାର

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪

## ଗଳ୍ପ କଥନ : ବାରଟି ପରୀଙ୍କ ଗପ

**ଆସ, ଗପଟିକୁ ପଢ଼ିବା । ତଳ ପ୍ରଶ୍ନର ଉତ୍ତର କହିବା । ଶେଷରେ ଥିବା ଶବ୍ଦଗୁଡ଼ିକୁ ଗପରୁ ବାଛି ତା' ତଳେ ଗାର ଦେବା ଓ ପଢ଼ିବା ।**



ଦିନେ ସୀମା ଓ ସୁର ସକାଳୁ ଉଠି ମନ୍ଦିରକୁ ଗଲେ । ବାଟରେ ଦେଖିଲେ ବାରଜଣ ପରୀ ହାତ ଧରାଧରି ହୋଇ ନାଚୁଛନ୍ତି । ସୀମା ଓ ସୁରକୁ ଦେଖି, ସେମାନେ ପାଖକୁ ଡାକିଲେ । ଦୁଇଜଣଯାକ ସେମାନଙ୍କ ପାଖକୁ ଗଲେ । ସୀମା କହିଲା, ମୋର ନାମ ସୀମା ଆଉ ସେ ହେଉଛି ମୋ ଭାଇ ସୁର । ଆପଣମାନେ କିଏ ?'' ସେମାନଙ୍କ ଭିତରୁ ଜଣେ ପରୀ ଖଣ୍ଡେ କେକ୍ ଦୁଇଜଣଙ୍କୁ ଖାଇବାକୁ ଦେଲେ । କହିଲେ, ''ମୁଁ ହେଉଛି ଜାନୁଆରୀ ମାସ । ଇଂରାଜୀ ବର୍ଷର ପ୍ରଥମ ମାସ । ମୁଁ ଆସିଲେ, ତୁମେମାନେ ତୁମ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ କର ।'' ସାଙ୍ଗେ ସାଙ୍ଗେ ଆଉ ଜଣେ ପରୀ କହିଲେ, ''ମୋତେ ଚିହ୍ନିଛ ? ମୁଁ ହେଉଛି 'ଫେବୃୟାରୀ' ମାସ ।'' ସୀମା କହିଲା, ''ଓଃ ! ତୁମେ ଅଠେଇଶି ଦିନିଆ ମାସ । ପ୍ରତି ଚାରିବର୍ଷରେ ଥରେ ଅଣତିରିଶି ଦିନିଆ ହୁଅ । ତୁମେ ଆସିଲେ ଆମେ ନୂଆ ଶ୍ରେଣୀକୁ ଯିବା ପାଇଁ ପ୍ରସ୍ତୁତ ହେଉ । ତୃତୀୟ ପରୀ ଜଣକ ହସିଦେଇ କହିଲେ, ''ମୋର ନାମ ମାର୍ଚ୍ଚ ମାସ । ମୁଁ ଆସିଲେ ତ ତୁମେମାନେ ନୂଆ ଶ୍ରେଣୀକୁ ଯାଅ । ଅଧିକ ପାଠ ପଢ଼ି ସୁନାପିଲା ହୁଅ ।'' ସୁର, ଚତୁର୍ଥ ପରୀଙ୍କୁ ପଚାରିଲା, ''ଆପଣଙ୍କ ନାମ କ'ଣ ?'' ସୁର ମୁଣ୍ଡକୁ ସାଉଁଳେଇ ଦେଇ ଚତୁର୍ଥ ପରୀ କହିଲେ, ''ମୁଁ ହେଲି ଏପ୍ରିଲ୍ ମାସ । ଏଇ ମାସରେ ଭାରି ଖରା ହୁଏ ।'' ସୀମା କହିଲା, ''ସେଥିପାଇଁ ପରା ଆମର ସକାଳୁଆ ସ୍କୁଲ ହୁଏ ।'' ପଞ୍ଚମ ପରୀ କହିଲେ, ''ମୁଁ ହେଉଛି 'ମଇ' ମାସ । ମୁଁ ଆସିଲେ ଅଧିକ ଗରମ ହୁଏ । ଫଳ ସବୁ ପାଚିଯାଏ । ତୁମମାନଙ୍କ ସ୍କୁଲ୍ ଛୁଟି ହୋଇଯାଏ ।'' ଏତିକି ବେଳକୁ ଷଷ୍ଠ ପରୀ କହିଲେ, ''ସୀମା ଓ ସୁର, ଦେଖ ମୁଁ ହେଉଛି 'ଜୁନ୍' ମାସ । ମୁଁ ତୁମମାନଙ୍କ ପାଇଁ ରଜପର୍ବ ଆଣି ଆସେ !'' ସୀମା କହିଲା, ''ମୋତେ ରଜଦୋଳି ଖେଳିବାକୁ ଭାରି ଭଲ ଲାଗେ ।'' ସପ୍ତମ ପରୀ କହିଲେ, ''ମୁଁ ଜୁଲାଇ ମାସ । ମୁଁ ସାଥିରେ ବର୍ଷା ଆଣି ତୁମମାନଙ୍କ ପାଖକୁ ଆସେ ।'' ତାଳି ମାରି ସୁର କହିଲା, ''ବାଃ, ସେଇ ବର୍ଷାପାଣିର ସୁଅରେ କାଗଜ  ଡଙ୍ଗା କି ସୁନ୍ଦର ଭାବରେ ହଲିହଲି ଭାସିଯାଏ !'' ଏହି ସମୟରେ ଅଷ୍ଟମ ପରୀ ଜାତୀୟ ସଂଗୀତ 'ଜନଗଣ ମନ ଅଧିନାୟକ ହେ' ଗାଇ  ଉଠିଲେ । ସମସ୍ତେ ସାବଧାନ ହୋଇ ଠିଆ ହୋଇଗଲେ । ଜାତୀୟ ସଂଗୀତ ଗାଇ ସାରିବା ପରେ ସେଇ ପରୀ କହିଲେ, ''ମୁଁ ଅଗଷ୍ଟ ମାସ । ମୁଁ ଆସିଲେ ସାଧୀନତା ଦିବସ ପାଳନ କରାଯାଏ ।'' ସାଙ୍ଗେ ସାଙ୍ଗେ ସୀମା କହି ଉଠିଲା, ଭାରତ ମାତାକୀ ଜୟ ।'' ମୁରୁକି ମୁରୁକି ହସୁଥିଲା ନବମ ପରୀ । ସୁର ପଚାରିଲା, ''ଆପଣଙ୍କ ନାମ କ'ଣ ?'' ନବମ ପରୀ କହିଲେ, ''ମୁଁ  'ସେପ୍ଟେମ୍ବର' ମାସ । ମୁଁ ଆସିଲେ ତୁମେମାନେ ଗୁରୁଦିବସ ପାଳନ କର ।''

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ



ଦଶମ ପରୀ କହିଲେ, ‘ଆରେ ସୀମା ଓ ସୁର, ମୋତେ ଚିହ୍ନିବନି ? ମୁଁ ହେଉଛି ‘ଅକ୍ଟୋବର’ ମାସ, ମୁଁ ଆସିଲେ, ଆକାଶ ପରିଷ୍କାର ଦିଶେ, ଦୁର୍ଗାପୂଜା ହୁଏ।'' ସୁର କହିଲା, ''ହଁ, ଆମେସବୁ ଦୁର୍ଗା ମାଆଙ୍କ ମେଢ଼ ଦେଖିବାକୁ ଯାଉ।'' ସୀମା, ଏକାଦଶ ପରୀଙ୍କୁ କହିଲା, ''ଏବେ ଆପଣଙ୍କ କଥା କୁହନ୍ତୁ।'' ଏକାଦଶ ପରୀ କହିଲେ, ''ମୋର ନାମ ହେଉଛି ‘ନଭେମ୍ବର’ ମାସ। ମୁଁ ସାଥିରେ ଶିଶୁଦିବସ ଆଣି ଆସିଥାଏ।'' ଏତେବେଳେ ଯାଏ ସବୁ କଥା ଶୁଣୁଥିବା ଦ୍ୱାଦଶ ପରୀ ଟିକିଏ ହାତ ଟେକି ନାଚିଗଲେ। କହିଲେ, ''ମୁଁ ଗୋଟିଏ ବର୍ଷର ଶେଷ ମାସ। ମୋର ନାମ ‘ଡିସେମ୍ବର’ ମାସ। ମୁଁ ସାନ୍ତାକ୍ଲଜ୍ ସହ ଆସେ। ବଡ଼ଦିନ ପାଳନ ସମୟରେ ସମସ୍ତଙ୍କୁ ଉପହାର ଦିଏ।'' ତାଳି ମାରି ସୀମା ଓ ସୁର ଏକା ସାଙ୍ଗରେ କହିଲେ, ''ତା' ହେଲେ ଆପଣମାନେ ଗୋଟିଏ ବର୍ଷର ବାରଜଣ ଝିଅ। ଆପଣମାନଙ୍କ ଯୋଗୁ ଆମେମାନେ ଭଲରେ ଅଛୁ।'' ପରୀମାନେ ଖୁସି ହୋଇଗଲେ। ସେମାନେ ସୀମା ଓ ସୁର ସହ ମିଶି ନାଚିଲେ। ଗୀତ ବି ଗାଇଲେ।

**''ବରଷକେ ଆସେ ବାରଟି ମାସ**
**ମନ ଜାଣି ଦିଏ ଖୁସି ଅଶେଷ।''**

ପ୍ରଶ୍ନ -

- ସୀମାର ଭାଇ କିଏ ?
- କେଉଁ ମାସରେ ସାଧାରଣତନ୍ତ୍ର ଦିବସ ପାଳନ ହୁଏ ?
- କେଉଁ ମାସରେ ଫଳସବୁ ପାଚିଯାଏ ?
- ବର୍ଷାପାଣିର ସୁଅରେ ତୁମେ କ'ଣ କର ?
- ବଡ଼ଦିନ ପାଳନ ସମୟରେ କିଏ ଉପହାର ଦିଏ ?

**ମୁଖ୍ୟ ଶବ୍ଦ**
**ପରୀ, ସୁନପିଲା, ସୀମା, ସୁର, ରଜଦୋଳି, ଶିଶୁଦିବସ, ଉପହାର**


ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪ କାର୍ଯ୍ୟଫର୍ଦ୍ଦ-୪ ଦିନାଙ୍କ ________

## ଚିତ୍ର ଦେଖିବା, ଚିହ୍ନିବା ଓ କହିବା ।

ଆସ, ଚିତ୍ର ଦେଖି, ବିଭିନ୍ନ ପର୍ବପର୍ବାଣି ଚିହ୍ନିବା ଓ କହିବା ।


କାର୍ତ୍ତିକ (ବୋଇତଭସା)


ମାର୍ଗଶିର (ଲକ୍ଷ୍ମୀ ପୂଜା)


ଜ୍ୟେଷ୍ଠ (ରଜ ପର୍ବ)


ଆଷାଢ଼ (ରଥଯାତ୍ରା)

## ଆସ ବାପାମାଆଙ୍କୁ ପଚାରି ଓଡ଼ିଆ ବାରମାସର ନାମ ଜାଣିବା ଓ ଲେଖିବା ।

| | | | |
|---|---|---|---|
| ବୈଶାଖ | ବୈଶାଖ | କାର୍ତ୍ତିକ | |
| ଜ୍ୟେଷ୍ଠ | | ମାର୍ଗଶିର | |
| ଆଷାଢ଼ | | ପୌଷ | |
| ଶ୍ରାବଣ | | ମାଘ | |
| ଭାଦ୍ରବ | | ଫାଲ୍‌ଗୁନ | |
| ଆଶ୍ୱିନ | | ଚୈତ୍ର | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ________

## ଚିତ୍ର ଦେଖିବା, ଚିହ୍ନିବା ଓ କହିବା ।

ରଥଯାତ୍ରା ଓଡ଼ିଶାର ବଡ଼ ପର୍ବ । ଏହା ଆଷାଢ଼ ମାସରେ ପଡ଼େ । ଆସ, ଏହି ପର୍ବ ବିଷୟରେ ବାପାମାଆଙ୍କୁ ପଚାରି ଅଧିକ ଜାଣିବା ।



ଆମେ ରଥଯାତ୍ରା ପରି ଅନ୍ୟ ପର୍ବସବୁ ପାଳନ କରୁ । ଆସ, ବାପାମାଆଙ୍କୁ ପଚାରି ଘରେ ପାଳନ କରୁଥିବା ପର୍ବଗୁଡ଼ିକର ନାମ ଲେଖିବା ।

ରଜ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୪ | କାର୍ଯ୍ୟପର୍ଦ୍ଦ-୫ | ଦିନାଙ୍କ ________

## ଆସ, ଚିତ୍ର ଦେଖି ବର୍ଷର ଇଂରାଜୀ ବାରମାସ ନାମ ଜାଣିବା ଓ ପଢ଼ିବା ।




## ଆସ, ଇଂରାଜୀ ବାରମାସର ନାମ ଲେଖିବା ।

ଜାନୁଆରୀ ଜାନୁଆରୀ ________ ଜୁଲାଇ ________

ଫେବୃଆରୀ ________ ଅଗଷ୍ଟ ________

ମାର୍ଚ୍ଚ ________ ସେପ୍ଟେମ୍ବର ________

ଏପ୍ରେଲ୍ ________ ଅକ୍ଟୋବର ________

ମଇ ________ ନଭେମ୍ବର ________

ଜୁନ୍ ________ ଡିସେମ୍ବର ________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଆସ, ଉଦାହରଣ ଦେଖି ଅକ୍ଷର ଯୋଡ଼ିବା, ଶବ୍ଦ ଗଢ଼ିବା, ଖାଲି ଜାଗାରେ ଲେଖିବା ଓ ପଢ଼ିବା ।

ଉଦାହରଣ-

ମା + ସ = ମାସ

ବା + ର = ______

ର + ଜ = ______

ଦୋ + ଳ = ______

ହୋ + ଲି = ______

ଦୀ + ପା + ବ + ଳି = ______

ଗ + ଣେ + ଶ + ପୂ + ଜା = ______

ସ + ର + ସ୍ୱ + ତୀ + ପୂ + ଜା = ______

ର + ଥ + ଯା + ତ + ରା = ______

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଆସ, ପଢ଼ିବା ଓ ଗୀତ ଗାଇବା ।



### ଭାଲୁ ଓ ମହୁମାଛି କଥା

ବଣ ଭିତରେ ଭାଲୁଟିଏ ଥିଲା । ସେ ବହୁତ ଶାନ୍ତ ଓ ସରଳ । ତା' ନା ବିଲୁ । ଦିନେ ସେ ମହୁ ଖାଇବାକୁ ମନ କଲା । ବଣ ସାରା ଖୋଜିଲା । ହେଲେ କେଉଁଠି ବି ମହୁଫେଣାଟିଏ ପାଇଲା ନାହିଁ । ଏତିକିବେଳେ ତାକୁ ଗୋଟିଏ ସର ଶୁଣାଗଲା- 'ମୋତେ ବଞ୍ଚାଅ' । ବିଲୁ ଚରିଆଡ଼େ ଚହିଁଲା । ପାଖରେ ଥିବା ପୋଖରୀ ଭିତରେ ମହୁମାଛିଟିଏ ବୁଡ଼ି ଯାଉଥାଏ । ବିଲୁ ଗଛରୁ ପତ୍ରଟିଏ ଛିଣ୍ଡାଇ ତା' ପାଖକୁ ପକାଇଦେଲା । ମହୁମାଛି କୂଳକୁ ଆସିଲା । ବିଲୁକୁ ଧନ୍ୟବାଦ ଦେଲା । ବିଲୁର ମହୁ ଖାଇବା କଥା ଶୁଣି ମହୁମାଛି କହିଲା- 'ମୁଁ ହେଲି ରାଣୀ ମହୁମାଛି । ତୁମେ ମୋ ସହ ଆସ । ମୁଁ ତୁମକୁ ମହୁ ଖାଇବାକୁ ଦେବି । ରାଣୀ ମହୁମାଛି ତା' ମହୁଫେଣା ପାଖକୁ ଗଲା । ବିଲୁକୁ ସେଇଠି ଅଟକିବାକୁ କହିଲା । ଏତିକିବେଳେ ଗୋଟିଏ ଦୁଷ୍ଟ ଭାଲୁ ସେଇ ବାଟେ ଯାଉଥିଲା । ବିଲୁକୁ ଦେଖି ସେ ତାକୁ ହଇରାଣ କରିବାକୁ ଭାବିଲା । ସେ ଗୋଟିଏ ଟେକା ଆଣି ମହୁମାଛିଙ୍କ ବସାକୁ ପକାଇଦେଇ, ଗଛ ପଛରେ ଲୁଚିଗଲା । ଦୁଷ୍ଟ ଭାଲୁ ଭାବିଥିଲା ମହୁମାଛିମାନେ ବିଲୁକୁ ବିନ୍ଧି ପକାଇବେ । ମାତ୍ର ମହୁମାଛିମାନେ ବାହାରକୁ ଆସି ବିଲୁକୁ ନ ବିନ୍ଧି ଓଲଟି ମହୁ ଆଣି ଖାଇବାକୁ ଦେଲେ ।



ଦୁଷ୍ଟ ଭାଲୁ ଏକଥା ଦେଖିଲା । ଗଛ ପଛପଟୁ ବାହାରକୁ ଆସିଲା । ସେ ଭାବିଲା ଟେକା ପଡ଼ିବାରୁ ମହୁମାଛିମାନେ ବୋଧହୁଏ ଡରି ଯାଉଛନ୍ତି । ସେମାନେ ସେଥିପାଇଁ ବିଲୁକୁ ମହୁ ଦେଉଛନ୍ତି । ଦୁଷ୍ଟଭାଲୁ କହିଲା-''ଏ ମହୁମାଛିମାନେ । ତୁମ ବସାକୁ ମୁଁ ଟେକା ପକାଇଛି । ମତେ ଡର, ମତେ ମହୁ ଖାଇବାକୁ ଦିଅ ।'' ମହୁମାଛିମାନେ ଦୁଷ୍ଟ ଭାଲୁର ଦୁଷ୍ଟାମୀ କଥା ଜାଣିଗଲେ । ଶହ ଶହ ସଂଖ୍ୟାରେ ମହୁମାଛି ବାହାରି ଦୁଷ୍ଟଭାଲୁକୁ ବିନ୍ଧି ପକାଇଲେ । ସେ ଛାଟିପିଟି ହୋଇ ସେଠାରୁ ପଳାଇଲା । ବିଲୁ ମହୁ ପିଇ ମନ ଖୁସିରେ ଘରକୁ ଗଲା ।

### ଟିକିଟିକି ଫୁଲ ଆମେ

ଟିକିଟିକି ଫୁଲ ଆମେ
ବଗିଚାରେ ଫୁଟିବା
ଝିଲିମିଲି ତାରା ହୋଇ
ଆକାଶରେ ହସିବା ।
ସୁନ୍ଦର ଏଇ ଧରା ପରେ
ହସିହସି ଖେଳିଖେଳି
ଆସ ଆମେ ଗୀତ ଗାଇବା ।
ଦିନ ଥିଲା ବହୁଥିଲା କ୍ଷୀର ଅମୃତର ଧାରା
ଫୁଲଫଳ ଧରଣୀର ସୁଖାଦ୍ୟ ମଧୁପସରା ।
ଧାନ କ୍ଷେତ କହୁଥିଲା ଘର ମାଟି ମାଆ
ସେଥିକି ତୁଳନା ନାହିଁ ଅମର କାହାଣୀ
ଏକ କଣ୍ଠେ ଏକ ରାଗେ
ପୁଣ୍ୟ କୀର୍ତ୍ତି ଆମେ ଗାଇବା
ଆସିଅଛି ଶୁଭଦିନ ଶୁଭ ସଂକେତ ନେଇ
ବିଶ୍ୱ ବୁକେ ଜୀବନର
ବିଜୟର କେତ ଉଡ଼ାଇ ।
ମାଟି ମାଆ ଡାକିଲାଣି
ସନ୍ତାନ ମୋ ଜାଗ.... ସନ୍ତାନ ମୋ ଜାଗ
ଜନନୀର ଋଣ କଥା ମନେ ଥରେ ଭାବ...
ମନେ ଥରେ ଭାବ ।
ଭୁଲି ମାନ ଅଭିମାନ ନବ ଜାଗରଣ ଆଣିବା ।

ସପ୍ତାହ-୪

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ଶୁଣିବା ଓ ଗୀତ ଗାଇବା ।



### ଲଢ଼େଇ

ବଣର ରାଜା ସିଂହ ଭାରି ରାଗୀ । ତାକୁ ସମସ୍ତେ ଡରନ୍ତି । ସେଇ ବଣରେ ମହାବଳ ବାଘଟିଏ ରହୁଥାଏ । ସେ ସିଂହରାଜାଙ୍କୁ ଡରେନି । ଯେତେବେଳେ ସିଂହ ଓ ମହାବଳ ବାଘ ଦେଖା ହୁଅନ୍ତି, ତାଙ୍କ ଭିତରେ ଲଢ଼େଇ ଲାଗିଯାଏ । ଦୁଇଜଣଯାକ ଖଣ୍ଡିଆଖାବରା ହୁଅନ୍ତି । ଅନ୍ୟ ଜୀବମାନେ ଆସି ସେମାନଙ୍କୁ ବୁଝାନ୍ତି । ତା' ପରେ ଲଢ଼େଇ ବନ୍ଦ ହୁଏ । ଦିନେ ସିଂହରାଜା ନଈକୁ ପାଣି ପିଇବାକୁ ଯାଉଥିଲା । ସେପଟୁ ବାଘ ମଧ୍ୟ ପାଣି ପିଇବାକୁ ଆସୁଥିଲା । କିଏ ଆଗ ପାଣି ପିଇବ ବୋଲି ଦୁଇଜଣଙ୍କ ମଧ୍ୟରେ କଳି ହେଲା । ସିଂହ କହିଲା-''ଆମେ ଲଢ଼େଇ କରିବା । ଯିଏ ଜିତିବ ସିଏ ଆଗ ପାଣି ପିଇବ ।'' ଦୁଇଜଣଙ୍କ ଭିତରେ ଲଢ଼େଇ ଲାଗିଗଲା । ସେଠାରେ ସେମାନଙ୍କୁ ବୁଝାଇବା ପାଇଁ କେହି ନଥିଲେ । ଅନେକ ସମୟ ଧରି ଲଢ଼େଇ ଚାଲିଥାଏ । ଦୁଇଜଣଙ୍କ ଦେହରୁ ରକ୍ତଧାର ଝରୁଥାଏ । ଏତିକିବେଳେ ଆକାଶରେ କାଉ ଓ ଶାଗୁଣା ଉଡ଼ି ଯାଉଥିଲେ । ସେମାନେ ଲଢ଼େଇ ଦେଖି କଥା ହେଲେ-''ସିଂହ ଓ ବାଘଙ୍କ ଲଢ଼େଇରେ ଯିଏ ମରିବ, ଆମେ ତାକୁ ଖାଇବା ।'' ସିଂହ ଏକଥା ଶୁଣି ପାରିଲା । ଲଢ଼େଇ ବନ୍ଦ କରି ବାଘକୁ କହିଲା,''ଏ ଲଢ଼େଇରେ ଆମର କିଛି ଲାଭ ହେବ ନାହିଁ ବରଂ ବହୁତ କ୍ଷତି ହେବ । ତେଣୁ ଚାଲ ଦୁଇଜଣ ସାଥୀ ହୋଇ ନଈରୁ ପାଣି ପିଇବା ।'' ସିଂହ କଥା ବାଘ ମନକୁ ପାଇଲା । ସେମାନେ ମିଳିମିଶି ପାଣି ପିଇ ନିଜ ବାଟରେ ବଣକୁ ଗଲେ । ଆଉ କେବେ ବି ନିଜ ଭିତରେ ଲଢ଼େଇ କଲେ ନାହିଁ ।



### ଝୁମ୍ ଝୁମ୍ ଝୁମ୍ ଝୁମ୍ ତାଳ ପକାଇ

ଝୁମ୍ ଝୁମ୍ ଝୁମ୍ ଝୁମ୍ ତାଳ ପକାଇ
ଭାଲୁ ନାଚ କଲା ବାଜା ବଜାଇ ।
ପେଁ ପେଁ ପେଁ ପେଁ ବାଜେ ମହୁରୀ
ମାଙ୍କଡ଼ ନାଚିଲା ବାଡ଼ିକୁ ଧରି ।

ସିଂହ ନାଚେ ତାଳେ ବଣର ରାଜା
ବିଲୁଆ ମନ୍ତ୍ରିରୀ ନାଚେ କି ମଜା !

ମିଆଁଉ... ମିଆଁଉ...
ପୁଷିନାନୀ ନାଚେ ରାଣୀ ବେଶରେ
ରୁମୁଝୁମୁ ପାଦ ମହୁରୀ ସୁରେ ।



ବାଘ ସେନାପତି ବାନ୍ଧି ପଗଡ଼ି
ନିଶକୁ ଫୁଲାଇ ଦେଉଛି ରଡ଼ି ।



କୁ... କୁ...
କୁହୁ କୁହୁ ଶୁଭେ କୋଇଲି ସୁର
ପୁଚ୍ଛ ଟେକି ରଂଗେ ନାଚେ ମୟୂର ।
ଥିଲେ ତହିଁ ଯେତେ ଦେଖଣାହାରୀ
ଗୀତ ନାଚ ଦେଖି ମାରିଲେ ତାଳି ।
ଝୁମ୍ ଝୁମ୍ ଝୁମ୍ ତାଳ...

ସପ୍ତାହ-୪

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

୧. ଆସ ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

| | | | |
|---|---|---|---|
| ଜା | ଡା | ଜ | ଦ |
| ଦା | ଢା | ଡ | ଢ଼ |
| ଡ଼ା | ଳ | ଡ଼ | ର |

ଜାଡ଼ ________ ________

________ ________ ________

________ ________ ________

୨. ଆସ 'ଆ' କାର ଲଗାଇ ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

ଜଡ଼ : ଜାଡ଼ ________ ଦଢ଼ : ________ ________

ମଡ଼ : ________ ________ କଢ଼ : ________ ________

ଝଡ଼ : ________ ________ ଚଢ଼ : ________ ________

୩. ଆସ ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

| | | | |
|---|---|---|---|
| ସା | ଶା | ଷା | କ |
| ସ | ଶ | ଗ | ହ |

ସାହା ________

________ ________

________ ________

________ ________

୪. ଆସ, ଆ-କାର ଲଗାଇ ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

ବସ : ବସା ________ ମଶ : ________ ________

ସର : ________ ________ ପଶ : ________ ________

ସପ : ________ ________ ଦଶ : ________ ________

ହଟ : ________ ________ କଷ : ________ ________

୫. ବନ୍ଧନୀ ଭିତରୁ ଅକ୍ଷର ନେଇ ଖାଲି ଘର ପୂରଣ କରିବା । (ଇ, ଉ, ଘ)

ଖ ______ ପା ______ କ ______ ର

ବା ______ ଆ ______ ନା ______ ଇ

୬. ଶବ୍ଦ ଗଢ଼ିବା, ପଢ଼ିବା ଓ ଲେଖିବା ।

| | | | | | |
|---|---|---|---|---|---|
| ଟି | + | କି | = | ଟିକି | ଟିକି |
| ଗି | + | ନି | = | | |
| ଘି | + | ଅ | = | | |
| ଚି | + | ତା | = | | |

୭. ବନ୍ଧନୀ ଭିତରୁ ଅକ୍ଷର ନେଇ ଖାଲି ଘର ପୂରଣ କରିବା ଓ ଶବ୍ଦ ଗଢ଼ିବା ।

(ଦୁ, ଯୁ, ଭୁ, ସୁ, ହୁ, ଷୁ)

ଆ ______ ଲା ଘୁ ______ ରି ______ ହିତା

______ ବନ କୁ ______ ମ ଜଟା ______

୮. ଶବ୍ଦ ଗଢ଼ିବା, ପଢ଼ିବା ଓ ଲେଖିବା ।

| | | | | | |
|---|---|---|---|---|---|
| ହୁ | + | ଡ଼ା | = | ହୁଡ଼ା | |
| କୁ | + | ଲା | = | | |
| କୁ | + | ଆ | = | | |
| ମୁ | + | ଢ଼ି | = | | |


ଦିନାଙ୍କ ____________

## ଆସ, ବିନ୍ଦୁ ଯୋଡ଼ି ଚିତ୍ର ପୂରା କରିବା ଓ ରଙ୍ଗ ଦେବା ।



ଫୁଲ

ସିଂହ




କୁକୁର

ଘର

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ପଞ୍ଚମ ସପ୍ତାହ

## ଆକାଶ ରାଇଜ, ଦିନ ଓ ରାତି

## ଅଭିନୟ ଗୀତ : ନୀଳ ଆକାଶରେ

ଆସ, ଅଭିନୟ କରି ଗୀତଟି ଗାଇବା । ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।

ନୀଳ ଆକାଶରେ ସୂର୍ଯ୍ୟ ଯହିଁ ହସେରେ
ଜହ୍ନମାମୁ ଦେଶରେ ଆମେ ବୁଲିଯିବା ଆସରେ ।
ରକେଟ୍ ଚଢ଼ି ବସରେ....
ଡାହାଣ ହାତ ଆଗକୁ ନିଅ
ଡାହାଣ ହାତ ପଛକୁ ନିଅ
ଥିରିଥିରି ହଲାଇ ଦିଅ,
ତୁମେ ଥରେ ଘୂରି ଯାଅ....
ଡାହାଣ ଗୋଡ଼ ଆଗକୁ ନିଅ
ଡାହାଣ ଗୋଡ଼ ପଛକୁ ନିଅ
ଥିରି ଥିରି ହଲାଇ ଦିଅ,
ପୁଣି ଥରେ ଘୂରି ଯାଅ...
ବାମ ହାତ ଆଗକୁ ନିଅ
ବାମ ହାତ ପଛକୁ ନିଅ
ଥିରିଥିରି ହଲାଇ ଦିଅ, ପୁଣି ଥରେ ଘୂରି ଯାଅ...
ବାମ ଗୋଡ଼ ଆଗକୁ ନିଅ
ବାମ ଗୋଡ଼ ପଛକୁ ନିଅ
ଥିରିଥିରି ହଲାଇ ଦିଅ, ପୁଣି ଥରେ ଘୂରି ଯାଅ...
ଦେହଟା ସାରା ଆଗକୁ ନିଅ
ଦେହଟା ସାରା ପଛକୁ ନିଅ
ଥିରିଥିରି ହଲାଇ ଦିଅ, ପୁଣି ଥରେ ଘୂରି ଯାଅ...

**ସମତାନ ଶବ୍ଦ**

| | | |
|---|---|---|
| ଦେଶ | - | ବସ |
| ନିଅ | - | ଦିଅ |
| ଦିଅ | - | ଯାଅ |
| ବସରେ | - | ଆସରେ |

ଆସ, ପ୍ରଥମ ଓ ଶେଷ ଧ୍ୱନି ଚିହ୍ନିବା ଏବଂ କହିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫ | କାର୍ଯ୍ୟଫର୍ଦ୍ଦ-୧ | ଦିନାଙ୍କ ______

## ଆସ, ଚିତ୍ର ଦେଖିବା ଆକାଶ ରାଇଜ କଥା ଭାବିବା ଓ କହିବା ।




## ଆସ, ଆମେ ଆକାଶରେ କ'ଣ ଦେଖୁ, ଲେଖିବା ।

| ଦିନ | ରାତି |
| --- | --- |
| | |
| | |
| | |
| | |
| | |
| | |
| | |
| | |
| | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

## ଶିକ୍ଷଣକାର୍ଯ୍ୟ : ଆସ ଆମେ ଯିବା ଉଡ଼ିରେ

ଆକାଶେ ଯିବା ଉଡ଼ିରେ
ଉଡ଼ାଜାହାଜେ ବସିରେ
ଆରେ ଟିକେଟ୍ କାଟି ବସରେ ।
ହେଇ ! ଆକାଶକୁ ଦେଖରେ
ସୂର୍ଯ୍ୟ, ଚନ୍ଦ୍ର, ତାରାରେ
କେଡ଼େ ସୁନ୍ଦର ଦିଶେରେ ।
ଆରେ ଆସରେ ଜଲ୍‌ଦି ଆସରେ
ଟିକେଟ୍ କାଟି ବସରେ
ଆକାଶେ ଯିବା ଉଡ଼ିରେ ।

## କଥୋପକଥନ

### ଆକାଶ, ଦିନ ଓ ରାତି

- ବାପାମାଆ ପିଲାମାନଙ୍କସହ ଦିନରାତି ଓ ଖରା-ବର୍ଷା ସମୟର ଆକାଶ ବିଷୟରେ ଆଲୋଚନା କରିବେ ।

ପ୍ରଶ୍ନ-

- ରାତିରେ ଆକାଶରେ କ'ଣ ଦେଖାଯାଏ ?
- ଜହ୍ନ ଓ ତାରା କେଉଁଠି ଦେଖାଯାଆନ୍ତି ?
- ବର୍ଷା ଦିନରେ କ'ଣ ହୁଏ ?
- ବର୍ଷା ନ ହେଲେ କ'ଣ ହେବ ?
- ଦିନ ହେଲା ବୋଲି ତୁମେ କେମିତି ଜାଣ ?
- ରାତି ହେଲା ବୋଲି କେମିତି ଜଣାପଡ଼େ ?


ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଆସ, ଚିତ୍ର ଦେଖିବା, ଭାବିବା ଓ କହିବା ।

**ତଳଲିଖିତ ପ୍ରଶ୍ନଗୁଡ଼ିକୁ ପଢ଼ିବା ଓ ଚିତ୍ର ଦେଖି ତଳେ ଥିବା ଖାଲି ଜାଗାରେ ଉତ୍ତର ଲେଖିବା ।**

୧. ଆକାଶରେ କଳା ରଙ୍ଗର କ'ଣ ଦେଖୁଛ ?
୨. ଆକାଶରେ ନାଲିରଙ୍ଗର କ'ଣ ଦେଖୁଛ ?
୩. ଆକାଶରେ ଧଳାରଙ୍ଗର କ'ଣ ଦେଖୁଛ ?
୪. ଆକାଶରେ ହଳଦିଆ ରଙ୍ଗର କ'ଣ ଦେଖୁଛ ?
୫. ଆକାଶରେ ମାଟିଆ ରଙ୍ଗର କ'ଣ ଦେଖୁଛ ?




୧. ଆକାଶରେ କଳାରଙ୍ଗର କାଉ ଦେଖୁଛି ।
୨. ________
୩. ________
୪. ________
୫. ________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଆସ, ଚିତ୍ର ଦେଖିବା, ଭାବିବା ଓ କହିବା ।




## ଆସ, ଚିତ୍ର ଦେଖି ଖାଲି ଜାଗା ପୂରଣ କରିବା ।

ଆମେ ଦିନରେ ________ ଦେଖୁ ।

ଆମେ ରାତିରେ ________ ଦେଖୁ ।

ସୂର୍ଯ୍ୟ ଅସ୍ତ ହେଲେ ________ ହୁଏ ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ　　　　ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

# ଗଳ୍ପ କଥନ : ସୂର୍ଯ୍ୟ ଓ ଆକାଶ

ଆସ, ଗପଟିକୁ ପଢ଼ିବା । ତଳ ପ୍ରଶ୍ନଗୁଡ଼ିକର ଉତ୍ତର କହିବା । ଶେଷରେ ଥିବା ଶବ୍ଦଗୁଡ଼ିକୁ ଗପରୁ ଖୋଜି ତା'ତଳେ ଗାର ଦେବା ଓ ପଢ଼ିବା ।

ଅନେକ ଦିନ ତଳର କଥା । ଦିନେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଭିତରେ କଳି ହେଲା । ସୂର୍ଯ୍ୟ ଭାରି ରାଗିଗଲା । ତା' ମୁହଁ ଲାଲ ପଡ଼ିଗଲା । ଧୀରେଧୀରେ ତା' ଦେହରୁ ତାପ ବାହାରିଲା । ଚାରିଆଡ଼ ତାତିଗଲା । ଏକଥା ଦେଖି ଚନ୍ଦ୍ର ଡରିଗଲା । ତା' ମୁହଁ ମଳିନ ପଡ଼ିଗଲା । ସେ କେଉଁଠି ଲୁଚିବ ବୋଲି ଖୋଜିଲା । ଆକାଶ, ଚନ୍ଦ୍ରକୁ ଲୁଚାଇ ଦେଇ ତା' ଚାରିପାଖକୁ ଅନ୍ଧାର କରିଦେଲା । ସୂର୍ଯ୍ୟ ଯେମିତି ଆକାଶରେ ଚନ୍ଦ୍ରକୁ ଖୋଜି ଘୂରି ବୁଲିଲା, ସେମିତି ଚାରିଆଡ଼େ ଆଲୁଅ ଦେଖାଗଲା । ଦିନ ହୋଇଗଲା । ପୃଥିବୀରେ ଲୋକମାନେ ଉଠି ଆଲୁଅରେ ନିଜ କାମ କଲେ । ସେଇଦିନଠାରୁ ସୂର୍ଯ୍ୟଙ୍କୁ ଲୁଚି ଚନ୍ଦ୍ର ରାତିରେ ଆକାଶକୁ ଆସିଲା । ସକାଳ ହେଲେ ଯେତେବେଳେ ସୂର୍ଯ୍ୟ ଆକାଶକୁ ଆସନ୍ତି, ସେମିତି ଚନ୍ଦ୍ର ଲୁଚିଯାଏ ।

ପ୍ରଶ୍ନ :

- କାହା କାହା ଭିତରେ କଳି ହେଲା ?
- ସୂର୍ଯ୍ୟ ରାଗି ଯିବାରୁ କ'ଣ ହେଲା ?
- ଚନ୍ଦ୍ର କେତେବେଳେ ଆକାଶରେ ଦେଖାଯାଏ ?
- କିଏ ଆକାଶରେ ଥିଲେ ଦିନ ହୁଏ ?



**ମୁଖ୍ୟ ଶବ୍ଦ**

ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ଦିନ, ରାତି

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଆସ, ଚିତ୍ର ଦେଖିବା, ଭାବିବା ଓ କହିବା ।




## ଆସ, ଆମେ ଦିନ ଓ ରାତିରେ କ'ଣ କ'ଣ କରୁ, ଚିତ୍ର ଦେଖି ଲେଖିବା ।


ସକାଳୁ ଉଠୁ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫ କାର୍ଯ୍ୟପର୍ଦ୍ଦ-୫ ଦିନାଙ୍କ ________

## ଆସ, ତଳ ଚିତ୍ରଗୁଡ଼ିକୁ ଦେଖିବା ଓ ରଙ୍ଗ ଦେବା ।



## ଆସ, ଆକାଶରେ କ'ଣ ସବୁ ଆମେ ଦେଖୁ, ଉପର ଚିତ୍ରରୁ ଦେଖି ଲେଖିବା ।

ଗୁଡ଼ି

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫ କାର୍ଯ୍ୟଫର୍ଦ୍ଦ-୬ ଦିନାଙ୍କ ________

ଆସ, ଉଦାହରଣ ଦେଖି ଅକ୍ଷର ଯୋଡ଼ିବା, ଶବ୍ଦ ଗଢ଼ିବା, ଖାଲି ଜାଗାରେ ଲେଖିବା ଓ ପଢ଼ିବା ।

ଉଦାହରଣ

| | | | | | | | |
|---|---|---|---|---|---|---|---|
| ଦି | + | ନ | | | | = | ଦିନ |
| ଖ | + | ରା | | | | = | |
| ରା | + | ତି | | | | = | |
| ତା | + | ରା | | | | = | |
| ଆ | + | କା | + | ଶ | | = | |
| ସୂ | + | ରୁ | + | ଯ | | = | |
| ବା | + | ଦ | + | ଲ | | = | |
| ଆ | + | ଲୋ | + | କ | | = | |
| ସ | + | କା | + | ଳ | | = | |
| ବ | + | ର | + | ଷା | | = | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୫

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ

## ଆସ, ଗପ ପଢ଼ିବା ଓ ଗୀତ ଗାଇବା ।

### କୁକୁଡ଼ା କାହିଁକି ସକାଳୁ ଡାକେ



ଗୋଟିଏ ବଣରେ ବାଘ, ସିଂହ, ଭାଲୁ, ହରିଣ, ଠେକୁଆ, ହାତୀ- ଏମିତି ଅନେକ ପଶୁ ଥିଲେ । କାଉ, କୋଇଲି, ପାରା, କୁକୁଡ଼ା, ଶୁଆ ଆଦି ଅନେକ ପକ୍ଷୀ ବି ରହୁଥିଲେ । ଖରାଦିନ ଆସିବାରୁ, ବଣର ସବୁ ପୋଖରୀ ଶୁଖିଗଲା । ପଶୁପକ୍ଷୀମାନେ ପିଇବାକୁ ପାଣି ଟୋପାଏ ପାଇଲେ ନାହିଁ । କ'ଣ କରିବେ ? ଚିନ୍ତାରେ ପଡ଼ିଲେ । ସିଂହ କହିଲା, ''ଚାଲ ଆମେ ସମସ୍ତେ ମିଳିମିଶି କୂଅ ଖୋଳିବା ।'' ସମସ୍ତେ ସିଂହ କଥାରେ ରାଜି ହେଲେ । ନିଜ ଶକ୍ତି ମୁତାବକ ପରିଶ୍ରମ କରି କୂଅ ଖୋଳିବା ଆରମ୍ଭ କଲେ । କୁକୁଡ଼ା ଭାରି ଅଳସୁଆ । ସେ କୂଅ ଖୋଳିଲା ନାହିଁ । କହିଲା-''ସେ କୂଅରୁ କେବେ ପାଣି ବାହାରିବ ନାହିଁ ।'' କୁକୁଡ଼ା କଥା କେହି ଶୁଣିଲେ ନାହିଁ । କୂଅଖୋଳାରେ ମନ ଦେଲେ । କେତେଦିନ ପରେ କୂଅରୁ ପାଣି ବାହାରିଲା । ସମସ୍ତେ ମନ ଖୁସିରେ ପାଣି ପିଇଲେ । କୁକୁଡ଼ା ବି ପାଣି ପିଇବାକୁ ଆସିଲା । ପଶୁପକ୍ଷୀମାନେ କୁକୁଡ଼ାକୁ କୂଅ ପାଖକୁ ଛାଡ଼ିଲେ ନାହିଁ । ଶୋଷ ବିକଳରେ କୁକୁଡ଼ା ସିଂହ ପାଖକୁ ଯାଇ ପାଣି ପିଇବାକୁ ଅନୁରୋଧ କଲା । ସିଂହ କହିଲା, ''ଠିକ୍ ଅଛି । ତୋତେ ପାଣି ପିଇବାକୁ ଦିଆଯିବ । କିନ୍ତୁ ଏଥିପାଇଁ ତୋତେ ତୋ ଅଳସପଣକୁ ଛାଡ଼ିବାକୁ ପଡ଼ିବ । ତୁ ସବୁଦିନ ପ୍ରଥମେ ଉଠିବୁ । ଡାକ ଛାଡ଼ି ବଣର ସବୁ ପଶୁପକ୍ଷୀମାନଙ୍କୁ ଉଠାଇବୁ ।'' ସିଂହ କଥାରେ କୁକୁଡ଼ା ବାଧ ହୋଇ ରାଜି ହେଲା । ତାପରେ ତାକୁ ପାଣି ପିଇବାକୁ ଦିଆଗଲା । ସେହି ଦିନଠାରୁ କୁକୁଡ଼ା ସବୁଦିନ ସକାଳୁ ଡାକ ଛାଡ଼ି ସମସ୍ତଙ୍କୁ ନିଦରୁ ଉଠାଉଛି ।



### ସୂରୁଯ ଉଇଁଲା



ସୂରୁଯ ଉଇଁଲା
ଦେଖ ନୂଆ ସକାଳ ହେଲା ।
ମିଠା ମିଠା ପବନ ବହି
ପକ୍ଷୀ ଡେଣା ଝାଡ଼ି ଉଡ଼ିଗଲା ।
ସୂରୁଯ ଉଇଁଲା..... ।
ଉଠ ଉଠ ଶେଯ ଛାଡ଼ି
ନ ହେଲେ ସମୟ ଯିବ ଗଡ଼ି
ଉଠ, ଖେଳ, ନାଚ, ଗାଅ
ସୂରୁଯ ସହ ମସ୍ତି କର ।

ସୂରୁଯ ଉଇଁଲା.... ।
ସୂରୁଯ କହେ ଏଇ କଥାଟି
ଠିକ୍‌ଠାକ୍ କର ନିଜେ ନିଜ କାମଟି
ଉଠ, ଖେଳ, ନାଚ, ଗାଅ
ସୂରୁଯ ସହ ମସ୍ତି କର
ସୂରୁଯ ଉଇଁଲା..... ।



ସପ୍ତାହ-୫

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ଜେବ୍ରା ଦେହରେ ଗାର କାହିଁକି

ଅନେକ ଦିନ ତଳର କଥା । ସେତେବେଳେ ଜେବ୍ରାମାନଙ୍କ ଦେହରେ କଳା ଗାର ନଥିଲା । ସେମାନଙ୍କ ଦେହ ଧଳା ଓ ଚିକ୍‌ଚିକ୍ କରୁଥିଲା । ବହୁତ ସୁନ୍ଦର ଦେଖା ଯାଉଥିଲା । ବଣରେ ରହୁଥିବା ଗୋଟିଏ ଜେବ୍ରାର ଥରେ ଗାଁ ଦେଖିବାକୁ ଭାରି ମନ ହେଲା । ତେଣୁ ସେ ଗାଁ ପାଖକୁ ଆସିଲା । ଗୋଟିଏ ଘୋଡ଼ା ଜେବ୍ରାକୁ ଦେଖିଲା । ସେ ତାକୁ ଗାଁ ଭିତରକୁ ଯିବାକୁ ମନା କଲା । ଘୋଡ଼ା କହିଲା-"ମଣିଷମାନେ ତୋ ଭଳି ସୁନ୍ଦର ଜୀବକୁ ଦେଖିଲେ ବାନ୍ଧି ରଖିବେ । ବଣକୁ ଛାଡ଼ିବେ ନାହିଁ । ଜେବ୍ରା ଭାବିଲା, 'ସେ ଦିନରେ ଗାଁକୁ ଯିବନି । ରାତିରେ ଯିବ ।' ରାତି ହେବାରୁ ଜେବ୍ରା ବୁଲି ବାହାରିଲା । ଗାଁ ତାକୁ ବହୁତ ଭଲ ଲାଗିଲା । ସେ ଭାରି ଖୁସି ହେଲା । ଏମିତି ଗାଁ ବୁଲୁବୁଲୁ ସକାଳ ହୋଇଗଲା । ଲୋକମାନେ ଉଠି ପଡ଼ିଲେ । ଜେବ୍ରାକୁ ଦେଖି ତାକୁ ଧରିବାକୁ ଗୋଡ଼ାଇଲେ । ସେ ବିଚରା ପ୍ରାଣ ବିକଳରେ ଧାଇଁଲା । ଲୋକମାନେ ତା' ପଛରେ ଗୋଡ଼ାଉ ଥାଆନ୍ତି । କିଛି ଦୂର ଦଉଡ଼ିଲା ପରେ ଜେବ୍ରା ଦେଖିଲା-ଗୋଟିଏ ଘର ଆଗରେ କିଛି କଳାରଙ୍ଗ ପଡିଛି । ସେ ଲୋକଙ୍କ ହାବୁଡ଼ରୁ ରକ୍ଷା ପାଇବା ପାଇଁ ମନ ସ୍ଥିର କଲା । ଲାଙ୍ଗୁଡ଼ରେ କଳାରଙ୍ଗ ଆଣି ନିଜ ଦେହରେ ପଟାପଟା ଗାର କରିଦେଲା । ଲୋକମାନେ ଆଉ ତାକୁ ଚିହ୍ନି ପାରିଲେ ନାହିଁ । ତାକୁ ଛାଡ଼ି ଦେଇ ପଳାଇଲେ । ଜେବ୍ରା ବଣକୁ ଗଲା । ତାର ସାଥୀମାନଙ୍କୁ ସବୁ କଥା କହିଲା । ମଣିଷଠାରୁ ରକ୍ଷା ପାଇବାର ଉପାୟ ବି କହିଲା । ସବୁ ଜେବ୍ରାମାନେ ନିଜନିଜ ଦେହରେ କଳା ଗାର କରିଦେଲେ । ସେହିଦିନଠାରୁ ସବୁ ଜେବ୍ରାଙ୍କ ଦେହରେ କଳା ଗାର ରହିଛି ।







### ରାତି ପାହିଲା ସକାଳ ହେଲା

ରାତି ପାହିଲା ସକାଳ ହେଲା
ଛାତ ଉପରେ କାଉ ରାବିଲା
କାଆ... କାଆ... କାଆ ।
ଲଙ୍ଗଳ ଧରି ଚଇତା ଭାଇ
ବିଲକୁ ଧାଇଁଲା
ଏ ସରିଲା ପରୀକ୍ଷା.... ଏ ସରିଲା ପରୀକ୍ଷା
ରାତି ପାହିଲା ସକାଳ ହେଲା.... ।



ସପ୍ତାହ-୫

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ____________

୧. ପ୍ରତି ଅକ୍ଷରକୁ ଲଗାଇ ୨ ଟି ଲେଖାଏଁ ଶବ୍ଦ ଲେଖିବା ।

ଫ : ଫଳ ____________ ____________

ଇ : ____________ ____________

ଏ : ____________ ____________

୨. ଦିଆଯାଇଥିବା ଅକ୍ଷରରେ 'ଆ' କାର (ା) 'ଇ' କାର (ି) ଓ 'ଉ' କାର (ୁ) ଲଗାଇ ଗୋଟିଏ ଲେଖାଏଁ ଶବ୍ଦ ଲେଖିବା ।

| ଅକ୍ଷର | 'ଆ' କାର (ା) | 'ଇ' କାର (ି) | 'ଉ' କାର (ୁ) |
|---|---|---|---|
| ତ | ତାର | | |
| କ | | | |
| ମ | | ମିଶାଣ | |
| ବ | | | ବୁଲିବା |

୩. 'ଉ' କାର (ୁ) ବ୍ୟବହାର କରି ଶବ୍ଦ ଗଢ଼ିବା ଓ ଲେଖିବା ।

କଥା : କୁଆ ____________ ଚଡ଼ି : ____________

ଖଦ : ____________ ଝଡ଼ି : ____________

ଗଡ଼ି : ____________ ଲଗା : ____________

୪. ଦିଆଯାଇଥିବା ଅକ୍ଷରରେ 'ଈ' କାର (ୀ) ଓ 'ଏ' କାର (େ) ଲଗାଇ ଗୋଟିଏ ଲେଖାଏଁ ଶବ୍ଦ ଲେଖିବା ।

| ଅକ୍ଷର | 'ଈ' କାର (ୀ) | 'ଏ' କାର (େ) |
|---|---|---|
| କ | କୀଟ | |
| ଗ | | |
| ଭ | | ଭେଳା |

୫. ପ୍ରତି ଅକ୍ଷରରେ 'ଓ'କାର ଓ 'ଉ' କାର ଲଗାଇ ଗୋଟିଏ ଲେଖାଏଁ ଶବ୍ଦ ଲେଖିବା ।

| | 'ଓ'କାର (ୋ) | 'ଉ'କାର ( ୁ ) |
|---|---|---|
| କ | | |
| ର | ରୋଗ | |
| ପ | | |
| ଗ | | ଗୁଡ଼ି |

୬. ଆସ, ତଳ ଗୀତଟିକୁ ପଢ଼ିବା ଓ ଦେଖି ଦେଖି ଲେଖିବା ।

ବିଲୁଆ ଡାକେ ହୁକେ ହୋ, ________________
କୁକୁର ଭୁକେ ଭୋ ଭୋ । ________________
ଯାତରାରେ ଲୋକ ଘୋ ଘୋ, ________________
ବାଣ ଫୁଟୁଛି ଢୋ ଢୋ । ________________

୭. ଆସ, ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

| | | | |
|---|---|---|---|
| ଅ | ଖ | ଗ | ଛ |
| ତ | ଣ | ଧ | ଜ |
| ଡ | ଦ | ଡ଼ | ଢ |
| ଢ଼ | ଗୋ | ଦୂ | ଦେ |

ଦୂତ ________ ________
________ ________ ________
________ ________ ________

୮. ତଳ ଅକ୍ଷରରେ ଦିଆଯାଇଥିବା ମାତ୍ରା ଲଗାଇ ଗୋଟିଏ ଲେଖାଏଁ ଶବ୍ଦ ଗଢ଼ିବା ।

| ଅକ୍ଷର | 'ଓ'କାର (ୋ) | 'ଏ'କାର (େ) |
|---|---|---|
| ଖ | ଖୋଳ | |
| ଗ | | |
| ତ | | |

ଦିନାଙ୍କ ________

## ଆସ, ବିନ୍ଦୁ ଯୋଡ଼ି ଚିତ୍ର ପୂରା କରିବା । ରଙ୍ଗ ଦେବା ।



ବିଲେଇ



ସିଂହ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଷଷ୍ଠ ସପ୍ତାହ

## ଯାନବାହନ, ଟ୍ରାଫିକ୍ ନିୟମ ଓ ଆମ ସୁରକ୍ଷା

## ଅଭିନୟ ଗୀତ : ମୁଁ ହେଉଛି ଗାଡ଼ି

ଆସ, ଗୀତଟିକୁ ଅଭିନୟ କରି ଗାଇବା ଓ ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।

ମୁଁ ହେଉଛି ଗାଡ଼ି, ବାଆଁ କଡ଼କୁ ମାଡ଼ି,  
ସଡ଼କେ ଯାଏ ଗଡ଼ି ।  
ଦେଖିଲି ନାଲିବତୀ,  
କମାଇ ଦେଲି ଗତି,  
ଏଇଠି ହେଲି ଠିଆ,  
ଜଳିଲା ହଳଦିଆ ।  
ଘୁଉଁ, ଘୁଉଁ, ଘୁଉଁ..........  
ଜଳିଲା ଦେଖ ଶାଗୁଆ ବତୀ  
ଚାଲିଲି ଏବେ ମୁଁ....... ।

**ସମତାନ ଶବ୍ଦ**

| | | |
|---|---|---|
| ମାଡ଼ି | - | ଗାଡ଼ି |
| ବତୀ | - | ଗତି |
| ଦେଲି | - | ହେଲି |
| ଘୁଉଁ | - | ମୁଁ |

ଆସ ପ୍ରଥମ ଧ୍ୱନି ଚିହ୍ନିବା ଓ କହିବା ।



ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬ କାର୍ଯ୍ୟପର୍ଦ୍ଦ-୧ ଦିନାଙ୍କ ________

ଆସ, ଚିତ୍ର ଦେଖିବା, ଭାବିବା ଓ ଚିତ୍ରରେ କ'ଣ ସବୁ ହେଉଛି କହିବା ।



ଆସ, ରାସ୍ତାର ନିୟମ ବିଷୟରେ ବାପାମାଆଙ୍କଠାରୁ ବୁଝିବା ଓ ତଳ ଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ ଯେଉଁଟି 'ଠିକ୍' ତା' ପାଖରେ ( ✓ ) ଚିହ୍ନ ଓ ଭୁଲ ପାଖରେ ( X ) ଚିହ୍ନ ଦେବା ।

| | | |
|---|---|---|
| ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚଲାଇବା । | ଠିକ୍ ( ✓ ) | ଭୁଲ ( ) |
| ରାସ୍ତାରେ ସ୍କେଟିଙ୍ଗ୍ କରିବା । | ଠିକ୍ ( ) | ଭୁଲ ( ) |
| ଫୁଟପାଥ୍‌ରେ ଚାଲିବା । | ଠିକ୍ ( ) | ଭୁଲ ( ) |
| ଫୁଟ୍‌ପାଥରେ ସାଇକେଲ୍ ଚଲାଇବା । | ଠିକ୍ ( ) | ଭୁଲ ( ) |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

## ଶିକ୍ଷଣକାର୍ଯ୍ୟ: କେଁ କଟର

• ପିଲାମାନେ କେଁ କଟର ଗୀତଟି ଅଭିନୟ ସହିତ ଗାଇବେ ଓ ବିଭିନ୍ନ ଯାନବାହନର ଶବ୍ଦ କରିବେ।

କେଁ-କଟର, କେଁ-କଟର
ଚାଲେ ବଳଦ ଗାଡ଼ି
ଘୁଁ-ଘୁଁ ଉଡ଼ାଜାହାଜ
ଆକାଶେ ଯାଏ ଉଡ଼ି।
ସାଇକେଲ୍‌ଟି ସର୍‌ସର୍
ମୋଟର ଚାଲେ ଘର୍‌ଘର୍
ଭୁଁ-ଭୁଁ ଜାହାଜ ଚାଲେ
ପାଣିରେ ଧୂଆଁ ଛାଡ଼ି।



## କଥୋପକଥନ

### ସଡ଼କ ସୁରକ୍ଷା

• ବାପାମାଆ, ପିଲାଙ୍କୁ ବିଭିନ୍ନ ଟ୍ରାଫିକ୍ ନିୟମ, ଟ୍ରାଫିକ୍ ପୋଲିସ୍‌ର କାମ, ରାସ୍ତାର ନିୟମ ସମ୍ବନ୍ଧରେ କହିବେ।

• ଯେପରି - ରାସ୍ତାର ବାମ କଡ଼ରେ ଚାଲିବା।
- ରାସ୍ତା ପାର ହେବା ସମୟରେ ବାମ ଓ ଡାହାଣପଟକୁ ଦେଖିବା।
- ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚଲାଇବା.... ଇତ୍ୟାଦି

• ଏହା ବ୍ୟତୀତ ବାପାମାଆ, ପିଲାମାନଙ୍କୁ ସ୍ଥଳଭାଗ, ଆକାଶ ମାର୍ଗ ଓ ଜଳଭାଗରେ ଚାଲୁଥିବା ଯାନ ବିଷୟରେ କହିବେ ଓ ଆଲୋଚନା କରିବେ।

• ପିଲାମାନେ ରାସ୍ତାରେ ଚାଲୁଥିବା ବିଭିନ୍ନ ଯାନବାହନକୁ ପ୍ରତ୍ୟକ୍ଷରେ ଦେଖି ରାସ୍ତାର ନିୟମ ଜାଣିବେ।

• ପିଲାମାନେ ବିଭିନ୍ନ ଯାନବାହନର ଚିତ୍ର ଆଙ୍କି ରଙ୍ଗ ଦେବେ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬ | କାର୍ଯ୍ୟଫର୍ଦ୍ଦ-୨ | ଦିନାଙ୍କ ________

## ଆସ, ଚିତ୍ର ଦେଖି ବିଭିନ୍ନ ଯାନବାହନର ନାମ ଜାଣିବା ।



## ଆସ, ଯାନବାହନଗୁଡ଼ିକର ନାମ ଲେଖିବା ।

ଯାନବାହନ

- ଉଡ଼ାଜାହାଜ
- ରିକ୍ସା
- ସାଇକେଲ
- ବସ୍
- କାର/ଜିପ୍
- ଡଙ୍ଗା
- ହେଲିକ୍ୟାପ୍ଟର
- ଟ୍ରେନ୍
- ବୁଲ୍‌ଡୋଜର
- ଟ୍ରକ୍
- ଅଟୋରିକ୍ସା
- ରକେଟ୍
- ସ୍କୁଟର
- ଟ୍ରାକ୍ଟର
- ରୋଲର
- ଜାହାଜ

ବସ୍

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬ କାର୍ଯ୍ୟଫର୍ଦ୍ଦ-୩ ଦିନାଙ୍କ ________

## ଆସ, ଚିତ୍ର ଦେଖିବା। ସଡ଼କ ସୁରକ୍ଷା ନିୟମ ବିଷୟରେ ପଢ଼ିବା, ଜାଣିବା ଓ କହିବା ।





### ସଡ଼କ ସୁରକ୍ଷା ନିୟମ :-

୧. ରାସ୍ତାର ବାମ ପଟେ ଚାଲିବା।
୨. ଫୁଟ୍‌ପାଥ୍ ଉପରେ ଚାଲିବା।
୩. ରାସ୍ତା ଉପରେ ଖେଳିବା ନାହିଁ।
୪. ବାମ ଓ ଡାହାଣ ପଟକୁ ଦେଖି ରାସ୍ତା ପାରି ହେବା।
୫. ଟ୍ରାଫିକ୍‌ରେ ନାଲିବତୀ ଜଳୁଥିଲେ, ଅପେକ୍ଷା କରିବା।
୬. ଆମ୍ବୁଲାନ୍ସ ବା ନିଆଁ ଲିଭା ଗାଡ଼ିକୁ ଆଗ ବାଟ ଛାଡ଼ିବା।

### ଆସ, ସଡ଼କ ସୁରକ୍ଷା ନିୟମ ବିଷୟରେ ତଳେ ଓ ଲେଖିବା।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଗଳ୍ପ କଥନ : ଲାଲୁ ପୁରସ୍କାର ପାଇଲା

**ଆସ, ଗପଟିକୁ ପଢ଼ିବା । ତଳେ ଥିବା ପ୍ରଶ୍ନର ଉତ୍ତର କହିବା । ଶେଷରେ ଥିବା ଶବ୍ଦଗୁଡ଼ିକୁ ଗପରୁ ଖୋଜି ତା'ତଳେ ଗାର ଦେବା ଓ ପଢ଼ିବା ।**

ଜଙ୍ଗଲ ମଝିରେ ଗୋଟିଏ ଆମ୍ବଗଛ ଥିଲା । ଆମ୍ବଗଛ ପାଖରେ ଗୋଟିଏ ଠେକୁଆ ଥିଲା । ଲାଲୁ ଓ ଭାଲୁଆ ବୋଲି ତା'ର ଦୁଇଟି ପିଲା, ତା' ସହ ରହୁଥିଲେ । ଦିନେ ମା' ଠେକୁଆ, ମାଙ୍କଡ଼ ଅଜା ଦୋକାନରୁ ଫଳ କିଣିବା ପାଇଁ ଗଲା । ଲାଲୁ ଓ ଭାଲୁଆ ବାହାରକୁ ବୁଲିବାକୁ ଗଲେ । ସେହି ଜଙ୍ଗଲରେ ଗୋଟିଏ ଦୁଷ୍ଟ ଅଜଗର ଥିଲା । ସେ ଅଯଥାରେ ସମସ୍ତଙ୍କୁ ହଇରାଣ କରେ । ଠେକୁଆ ଛୁଆ ଦୁଇଟିଙ୍କୁ ଏକୁଟିଆ ଦେଖି ସେ ସେମାନଙ୍କୁ ଗୋଡ଼ାଇଲା । ଡରରେ ଲାଲୁ ଓ ଭାଲୁଆ ଗୋଟିଏ ଗାତରେ ପଶିଗଲେ । ସେଇଠି ଗୋଟିଏ ଝିଙ୍କ ରହୁଥିଲା । ସେ ଲାଲୁ ଓ ଭାଲୁଆଙ୍କୁ ଦେଖି ରାଗିଗଲା । ସେମାନଙ୍କୁ ତଡ଼ି ଦେବା ପାଇଁ ନିଜ ଦେହରୁ କଣ୍ଟା ଝାଡ଼ିବାକୁ ଆରମ୍ଭ କଲା । ଝିଙ୍କ ସେମାନଙ୍କୁ କଣ୍ଟା ଝାଡ଼ିବା ପୂର୍ବରୁ ଲାଲୁ କହିଲା- ''ଭାଇ, ଅଜଗର ତୁମକୁ ଖାଇବ ବୋଲି ଜଗିଛି । ତୁମକୁ ଏକଥା କହିବା ପାଇଁ ଆମେ ଦଉଡ଼ି ଆସିଛୁ ।'' ଝିଙ୍କ ଯାଇ ଦେଖିଲା ବେଳକୁ ସତରେ ଅଜଗର ଜଗିଛି । ସେ ଅଜଗର ଉପରକୁ ରାଗିଗଲା । ତା'ଉପରକୁ ଏମିତି କଣ୍ଟା ଝାଡ଼ିଲା ଯେ ଡରରେ ଅଜଗର ସେ ଜାଗା ଛାଡ଼ି ପଳାଇଗଲା । ମାଆ ଠେକୁଆ, ଲାଲୁକୁ ପୁରସ୍କାର ଦେଲା ।

**ପ୍ରଶ୍ନ:-**

- ଠେକୁଆ ଛୁଆମାନଙ୍କର ନାମ କ'ଣ ଥିଲା ?
- ଠେକୁଆ ଛୁଆ ଦୁଇଜଣ ବୁଲିବାକୁ ଗଲା ବେଳେ କାହାକୁ ଦେଖିଲେ ?
- ଠେକୁଆଛୁଆମାନେ କିପରି ରକ୍ଷା ପାଇଲେ ?
- ଅଜଗରକୁ ଦେଖି ଝିଙ୍କ କ'ଣ କଲା ?
- କିଏ ଲାଲୁକୁ ପୁରସ୍କାର ଦେଲା ?

**ମୁଖ୍ୟ ଶବ୍ଦ**

**ଠେକୁଆ, ବିଲୁଆ, ମାଙ୍କଡ଼, ଝିଙ୍କ, ଅଜଗର**

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬ କାର୍ଯ୍ୟପର୍ଦ୍ଦ-୪ ଦିନାଙ୍କ ________

## ଆସ, ଚିତ୍ର ଦେଖିବା ଓ ରାସ୍ତାରେ କ'ଣ କ'ଣ ହେଉଛି କହିବା ।



ଟ୍ରାଫିକରେ କ'ଣ ହେଉଛି ଦେଖିବା ଓ ଆଲୋଚନା କରିବା । ତଳ ଲିଖିତ ବାକ୍ୟଗୁଡ଼ିକ ଭିତରୁ ଯେଉଁଗୁଡ଼ିକ ଠିକ୍ ତା'ପାଖରେ (✓) ଚିହ୍ନ ଓ ଭୁଲ ପାଖରେ (×) ଚିହ୍ନ ଦେବା ।

| | | |
|---|---|---|
| ରାସ୍ତା ମଝିରେ ଖେଳିବା । | ଠିକ୍ ( ) | ଭୁଲ ( × ) |
| ଆମ୍ବୁଲାନ୍ସକୁ ଆଗ ବାଟ ଛାଡ଼ିବା । | ଠିକ୍ ( ) | ଭୁଲ ( ) |
| ରାସ୍ତାରେ ବଡ଼ ଗାତ ରହିବା । | ଠିକ୍ ( ) | ଭୁଲ ( ) |
| ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଲାଇବା । | ଠିକ୍ ( ) | ଭୁଲ ( ) |
| ହେଲମେଟ୍ ନ ପିନ୍ଧି ଗାଡ଼ି ଚଲାଇବା । | ଠିକ୍ ( ) | ଭୁଲ ( ) |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଦିନାଙ୍କ ____________

## ଆସ, ଚିତ୍ର ଦେଖିବା । ରେଳପଥର ନିୟମ ପଢ଼ିବା, ଜାଣିବା ଓ କହିବା ।



### ରେଳପଥର ନିୟମ :-

୧. ଟିକେଟ୍ କରି ରେଳଗାଡ଼ିରେ ଯାତ୍ରା କରିବା ।

୨. ରେଳଗାଡ଼ି ଷ୍ଟେସନ୍ ଛାଡ଼ିବାର ପୂର୍ବରୁ ଆମେ ପହଞ୍ଚିବା ।

୩. ଅତି ଆବଶ୍ୟକ ନଥିଲେ ରେଳଗାଡ଼ି ଭିତରେ ଚେନ୍ ଟାଣିବା ନାହିଁ ।

୪. ରେଳପଥର ଫାଟକ ବନ୍ଦ ଥିଲେ, ରେଳଗାଡ଼ି ଯିବା ପର୍ଯ୍ୟନ୍ତ ଅପେକ୍ଷା କରିବା ।

୫. ରେଳଗାଡ଼ି ଚାଲୁଥିବା ସମୟରେ ତା'ର ଦୁଆର ପାଖରେ ଠିଆ ହେବାନାହିଁ ।

୬. ରେଳପଥ ଉପରେ ଚାଲିବା ନାହିଁ ।

## ଆସ, ରେଳପଥର ନିୟମ ବିଷୟରେ ମନେ ପକାଇବା ଓ ଲେଖିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬ କାର୍ଯ୍ୟଫର୍ଦ୍ଦ-୬ ଦିନାଙ୍କ ________

ଆସ, ଉଦାହରଣ ଦେଖି ଅକ୍ଷର ଯୋଡ଼ିବା, ଶବ୍ଦ ଗଢ଼ିବା, ଖାଲି ଜାଗାରେ ଲେଖିବା ଓ ପଢ଼ିବା ।

ଉଦାହରଣ-

ବ + ସ୍ = ବସ୍

କା + ର୍ = ________

ସ + ଡ଼ + କ = ________

ସୁ + ର + କ୍ଷା = ________

ପୋ + ଲି + ସ୍ = ________

ନି + ୟ + ମ = ________

ଫା + ଟ + କ = ________

ରେ + ଳ + ଗା + ଡ଼ି = ________

ହେ + ଲ + ମେ + ଟ୍ = ________

ଫୁ + ଟ୍ + ପା + ଥ୍ = ________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୬

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ



### ଆସ, ଗପ ପଢ଼ିବା ଓ ଗୀତ ଗାଇବା ।

### ଜହ୍ନ ଦେହରେ ଠେକୁଆ

ଗୋଟିଏ ବଣରେ ବିଲୁଆ, ମାଙ୍କଡ଼ ଓ ଠେକୁଆ ରହୁଥିଲେ । ସେମାନେ ଭାରି ସରଳ ଓ ନିରୀହ ଥିଲେ । ଥରେ ଜଣେ ପରୀ ସେମାନଙ୍କୁ ଦେଖିଲେ । ତିନିଜଣଙ୍କ ଭିତରେ କିଏ ସବୁଠାରୁ ଭଲ ତାହା ପରୀକ୍ଷା କରିବାକୁ ଭାବିଲେ । ସେ ଗୋଟିଏ ବୁଢ଼ୀ ବେଶ ହେଲେ । ତିନିସାଙ୍ଗଙ୍କ ପାଖକୁ ଆସିଲେ । ବୁଢ଼ୀ ବେଶ ହୋଇଥିବା ପରୀ ତିନିସାଙ୍ଗଙ୍କ ସହ କଥା ହେଲେ । ସେ କହିଲେ, "ମୁଁ ଏଇଠି ପାଖରେ ଥାଏ । ମୋତେ ବହୁତ ଜର । ତିନିଦିନ ହେଲାଣି ମୁଁ କିଛି ଖାଇନି । ତୁମେମାନେ ମୋତେ କିଛି ଖାଇବାକୁ ଦେବ କି ?" ବୁଢ଼ୀ କଥା ଶୁଣି ତିନିସାଙ୍ଗ କାନ୍ଦି ପକାଇଲେ । ବୁଢ଼ୀ ପାଇଁ ଖାଇବା ଜିନିଷ ଖୋଜିବାକୁ ଗଲେ । କିଛି ସମୟ ପରେ ସେମାନେ ଫେରିଲେ । ମାଙ୍କଡ଼ କିଛି ପାଚିଲା ଫଳ ଆଣିଥିଲା । ବିଲୁଆ ଗୋଟିଏ ମାଛ ଆଣିଥିଲା । ଠେକୁଆ ଅନେକ ଖୋଜି ଖୋଜି କିଛି ପାଇ ନଥିଲା । ଠେକୁଆ, ବୁଢ଼ୀଙ୍କୁ କହିଲା, "ମୁଁ ବଣରେ ଅନେକ ଖୋଜିଲି । ହେଲେ କିଛି ପାଇଲି ନାହିଁ । ତୁମେ ଭୋକିଲା ଅଛ । ମୁଁ ତୁମକୁ ନିଶ୍ଚୟ କିଛି ଭଲ ଜିନିଷ ଖାଇବାକୁ ଦେବି । ଏଇଠି ନିଆଁ ଜଳୁଛି । ମୁଁ ଏହା ଭିତରକୁ ଡେଇଁ ପଡୁଛି । ସିଝା ଠେକୁଆ ମାଂସ ତୁମକୁ ନିଶ୍ଚୟ ଖାଇବାକୁ ଭଲ ଲାଗିବ ।" ଏହା କହି ଠେକୁଆ ନିଆଁ ଭିତରକୁ ଡେଇଁବାକୁ ବାହାରିଲା । ପରୀ ନିଜ ରୂପ ଧରିଲେ । ତିନି ସାଙ୍ଗଙ୍କୁ କହିଲେ- "ତୁମେ ତିନିଜଣ ବହୁତ ଭଲ । କିନ୍ତୁ ଠେକୁଆ ସବୁଠାରୁ ଭଲ । ଜଣେ ବୁଢ଼ୀ ପାଇଁ ସେ ନିଜ ଜୀବନ ଦେବାକୁ ଯାଉଛି । ମୁଁ ପ୍ରକୃତରେ ଜହ୍ନ ରାଇଜର ପରୀ । ମୁଁ ଠେକୁଆକୁ ସାଥିରେ ନେଇଯିବି । ଠେକୁଆ ଜହ୍ନରେ ରହିବ । ତାକୁ ଦେଖି ସମସ୍ତେ ତା'ପରି ଭଲ, ସରଳ ଓ ନିରୀହ ହେବାକୁ ଚେଷ୍ଟା କରିବେ । ପର ଉପକାର କରିବା ବି ଶିଖିବେ ।" ଏହା କହି ପରୀ ଠେକୁଆକୁ ସାଥିରେ ନେଇଗଲେ । ସେହିଦିନଠାରୁ ଜହ୍ନ ଦେହରେ ଠେକୁଆ ଦେଖାଯାଉଛି ।



### ସ୍କୁଲ୍ ବସ୍

ସ୍କୁଲ୍ ବସ୍ ଚକା ଘୂରେ
ଗୋଲ୍ ଗୋଲ୍ ଗୋଲ୍
ଗୋଲ୍ ଗୋଲ୍ ଗୋଲ୍... ଗୋଲ୍ ଗୋଲ୍
ରାସ୍ତା ସାରା ଗୋଲ୍ ଗୋଲ୍ ।
ସ୍କୁଲ୍ ବସ୍ ବାଟ ଚାଲେ
ଛପ୍ ଛପ୍ ଛପ୍
ବର୍ଷା ହେଲେ
ଟପ୍ ଟପ୍ ଟପ୍ ।
ସ୍କୁଲ୍ ବସ୍ ଚକା ଘୂରେ..... ।

ସ୍କୁଲ୍ ବସ୍‌ର ଗେଟ୍ ଖୋଲେ
ଖଟ୍ ଖଟ୍ ଖଟ୍
ଆସେ ଯେବେ ବସ୍‌ଷ୍ଟପ୍ ।
ସ୍କୁଲ୍ ବସ୍ ଚକା ଘୂରେ..... ।
ସ୍କୁଲ୍ ବସ୍‌ର ହର୍ଣ୍ଣ ବାଜେ
ପିପ୍ ପିପ୍ ପିପ୍
ରାସ୍ତା ସାର ପିପ୍ ପିପ୍
ସ୍କୁଲ୍ ବସ୍ ଚକା ଘୂରେ...... ।



ସପ୍ତାହ-୬

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ



### ଆସ, ଗପ ପଢ଼ିବା ଓ ଗୀତ ଗାଇବା ।

### ଓଧ ଓ ବିରାଡ଼ି କଥା

ବଣ ଭିତରେ ପୋଖରୀଟିଏ ଥିଲା । ସେଇ ପୋଖରୀ ଜଳରେ ଓଧଟିଏ ରହୁଥିଲା । ଖାଇବା ପାଇଁ ତା'ର ଚିନ୍ତା ନଥିଲା । ପୋଖରୀରୁ ମାଛ ଧରି ସେ ଖାଉଥିଲା । ଦିନେ ଗୋଟିଏ ବିରାଡ଼ି ତା' ପାଖକୁ ଆସିଲା । ଓଧ ମାଛ ଖାଉଥିବାର ଦେଖି ତା'ର ଲୋଭ ହେଲା । ଓଧକୁ ଡରାଇବା ପାଇଁ ସେ କହିଲା- ''ଏ ଓଧ ଜାଣିଛୁ, ମୁଁ ହେଲି ବାଘରାଜାଙ୍କ ସାନଭାଇ । ବାଘରାଜା ଆଦେଶ ଦେଇଛନ୍ତି ଅତି ଶୀଘ୍ର ବଡ଼ବଡ଼ ମାଛ ପୋଖରୀରୁ ଧର । ରାଜାଙ୍କ ପାଖକୁ ପଠା । ନ ହେଲେ ତୁ ଦଣ୍ଡ ପାଇବୁ ।'' ଓଧ ମନେ ମନେ ହସିଲା । ସେ ଜାଣିପାରିଲା ତାକୁ ଡରାଇବା ପାଇଁ ବିରାଡ଼ି ଏପରି କହୁଛି । ସେ ବିରାଡ଼ିକୁ ଉଚିତ ଶିକ୍ଷା ଦେବା ପାଇଁ ଚାହିଁଲା । ଓଧ କହିଲା, ''ବାଘରାଜାଙ୍କ ଖବର ମୁଁ ପାଇଛି । ସେଇଥିପାଇଁ ମୁଁ ବଡ଼ ରୋହିମାଛଟାଏ ଧରିଛି । ମାଛଟି ଭାରି ଓଜନିଆ । ମୁଁ ତାକୁ ଏକା ଟେକି ପାରୁନି । ଆସ, ମତେ ସାହାଯ୍ୟ କର ।'' ବିରାଡ଼ି ମାଛ ଆଣିବାକୁ ପୋଖରୀ ଭିତରକୁ ଡେଇଁପଡ଼ିଲା । ସେ ତ ପାଣିରେ ପହଁରି ପାରେନାହିଁ । ତେଣୁ ପାଣିରେ ଉବୁଟୁବୁ ହେଲା । ପାଣି ପିଇ ବୁଡ଼ିଯିବାକୁ ବସିଲା । ତା' ବିକଳ ଓଧ ସହି ପାରିଲା ନାହିଁ । ତାକୁ ପୋଖରୀ ଭିତରୁ ଟାଣି ବାହାରକୁ ଆଣିଲା ପରେ ବୁଝାଇଲା-'ତୁ ମାଛ ଖାଇବାକୁ ମାଗିଥିଲେ ମୁଁ ଦେଇଥାଆନ୍ତି । ତାହା ନକରି ବାଘ ନାଆଁ କହି ମୋତେ ଡରାଉଥିଲୁ କାହିଁକି ?' ବିରାଡ଼ି ଲାଜରେ ମୁଣ୍ଡ ପୋତି ସେଠାରୁ ପଳାଇଗଲା ।



### ଛୁକ୍‌ଛୁକ୍ ଚଲେ ରେଲଗାଡ଼ି

ଛୁକ୍‌ଛୁକ୍ ଚାଲେ ରେଲଗାଡ଼ି
ଷ୍ଟେସନେ ଲୋକଙ୍କ ଧାଡ଼ି ।
ଗୋଲଗୋଲ ଘୁରି ଲୁହାର ଚକା
ଡବା ପରେ ଡବା ପାଖକୁ ପାଖ
ଝଟପଟ ଦୌଡ଼େ ମୁନୀରାଣୀ
ଟୁକ୍‌ଟୁକ୍ ଦେଖେ ଝରକା ପାଖେ
ଛୁକ୍‌ଛୁକ୍ ଚାଲେ ରେଲଗାଡ଼ି..... ।
ଧକ୍‌ଧକ୍ କରି ଆସେ ଟି. ଟି.
ଟିକେଟ ଦେଖାଅ କରେ ପାଟି

ଟିକେଟ ଦେଖି କହିଲା ମୁନୀ
ଏକା ଏକା କୁଆଡ଼େ ଯାଉ ?
ଜଲଦି ଜଲଦି ଆଈ ଘରକୁ ଯିବି
ଖଟାମିଠା ଆଚାର ଖାଇବି
ଆଈ ଘରେ କେତେ ଖେଳ ଖେଳିବି
ଗୋଲଗୋଲ ଲଡୁ ଖାଇବି ।
ଛୁକ୍‌ଛୁକ୍ ଚାଲେ ରେଲଗାଡ଼ି...... ।





ସପ୍ତାହ-୬

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

୧. ଆସ, ଦିଆଯାଇଥିବା ଅକ୍ଷରରେ ମାତ୍ରା ବ୍ୟବହାର କରି ଗୋଟିଏ ଲେଖାଏଁ ଶବ୍ଦ ଲେଖିବା ।

| ଅକ୍ଷର | 'ଓ'କାର (ୋ) | 'ର'କାର (୍ର) |
|---|---|---|
| କ | କୋଳି | |
| ଘ | | |
| ମ | | |

୨. ଆସ, ପ୍ରତି ଅକ୍ଷର ପାଇଁ ୨ଟି ଲେଖାଏଁ ଶବ୍ଦ ଲେଖିବା ।

ଓ - ____________ ____________

ଐ - ____________ ____________

ର - ____________ ____________

୩. ଆସ, ବାମ ପାଖ ଘରେ ଥିବା ଅକ୍ଷରରେ ଐକାର (ୈ) ଓ ଅନୁସ୍ୱାର (ଂ) ବ୍ୟବହାର କରି ଗୋଟିଏ ଲେଖାଏଁ ଶବ୍ଦ ଲେଖିବା ।

| ଅକ୍ଷର | କାର (ୈ) | ଅନୁସ୍ୱାର (ଂ) |
|---|---|---|
| କ | କୈଳାସ | |
| ବ | | ବଂଶ |

୪. ତଳ ଗୀତଟିକୁ ପଢ଼ିବା ଓ ଦେଖି ଦେଖି ଲେଖିବା ।

କାହାରିକୁ ହିଂସା ନକର ଲବେ, ____________________

ସଂସାରେ ପ୍ରଶଂସା ପାଇବ ତେବେ । ____________________

୫. ଦିଆ ଯାଇଥିବା ଶବ୍ଦରେ ଚନ୍ଦ୍ରବିନ୍ଦୁ ( ଁ ) ଯୋଡ଼ି ପଢ଼ିବା ଓ ଲେଖିବା ।

କଇ = କଇଁ   ଭଉରୀ = ______

ଛୁଇ = ______   ଗୁଆର = ______

ନିଆ = ______   କାହିକି = ______

୬. ଆସ, ଅକ୍ଷର ମିଶାଇ ଶବ୍ଦ ଗଢ଼ିବା, ପଢ଼ିବା ଓ ଲେଖିବା ।

ମୁ + ଆଁ = ______

ଚ + ଉଁ + ରୀ = ______

ଧ + ଇଁ + ସ + ଇଁ = ______

୭. ଦିଆଯାଇଥିବା ଶବ୍ଦରେ ହଳନ୍ତ ( ୍ ) ଯୋଡ଼ି ପଢ଼ିବା ଓ ଲେଖିବା ।

ଚକଚକ = ଚକ୍‌ଚକ୍

ଟପଟପ = ______

ଖପଖପ = ______

ଧପଧପ = ______

୮. ଶବ୍ଦ ଗଢ଼ିବା, ପଢ଼ିବା ଓ ଲେଖିବା ।

କୋ + ଟ୍ = କୋଟ୍

ନୋ + ଟ୍ = ______


ସା + ର୍ = ______

ସା + ବା + ସ୍ = ______

ହ + ଠା + ତ୍ = ______

ଦିନାଙ୍କ __________

ଆସ, ବିନ୍ଦୁ ଯୋଡ଼ି ଚିତ୍ର ପୂରା କରିବା। ରଙ୍ଗ କରିବା। ଚିତ୍ରରେ କିଏ ଅଛି କୋଠରିରେ ଲେଖିବା।





ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ସପ୍ତମ ସପ୍ତାହ

## ଆମ ଦେଶ, ଆମ ରାଜ୍ୟ

### ଅଭିନୟ ଗୀତ : ଓଡ଼ିଶା ରାଇଜେ ଆମରି ଘର

ଆସ, ଗୀତଟିକୁ ଅଭିନୟ କରି ଗାଇବା ଓ ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।



ଓଡ଼ିଶା ରାଇଜେ ଆମରି ଘର ।
ଆମ ରାଜଧାନୀ ଭୁବନେଶ୍ୱର ।
ରାଜ୍ୟରେ ଆମର ତିରିଶି ଜିଲ୍ଲା ।
ଓଡ଼ିଆ ଆମର ଭାଷାଟି ଭଲା ।
ସାରା ସଂସାରରେ ଓଡ଼ିଶା ସାର ।
ଟେକ ରଖିଯିବା ଆମେ ତାହାର ।

**ସମତାନ ଶବ୍ଦ**

| | | |
|---|---|---|
| ଜିଲ୍ଲା | - | ଭଲା |
| ସାର | - | ତାହାର |
| ସାର | - | ଘର |
| ତାହାର | - | ଆମର |

ଆସ, ପ୍ରଥମ ଓ ଶେଷ ଧ୍ୱନି ଚିହ୍ନିବା ଓ କହିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭

କାର୍ଯ୍ୟପର୍ବ-୧

ଦିନାଙ୍କ ________

ଆସ, ଚିତ୍ର ଦେଖି ଆମ ଦେଶ ବିଷୟରେ କହିବା ।




ଉପର ଚିତ୍ରରେ କ'ଣ କ'ଣ ଅଛି ଦେଖିବା ଓ ତଳେ ଲେଖିବା ।

ବାଘ

ଓଡ଼ିଶୀ ନୃତ୍ୟ

ତାଜମହଲ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭

ଦିନାଙ୍କ __________

ପୂର୍ବ ପୃଷ୍ଠା ଚିତ୍ରରେ  ଭାରତର କେତେକ ପ୍ରସିଦ୍ଧ ଜିନିଷ ବିଷୟରେ କୁହାଯାଇଛି । ଆସ, ସେଗୁଡ଼ିକୁ ଚିତ୍ର ଦେଖି ଚିହ୍ନିବା ଓ ସେ ବିଷୟରେ ବାପାମାଆଙ୍କୁ ପଚାରି ବୁଝିବା । ସେହି ଚିତ୍ରଗୁଡ଼ିକୁ ତଳେ ଥିବା ଖାଲି ଜାଗାରେ ଆଙ୍କିବା, ରଙ୍ଗ ଦେବା ଓ ତା'ର ନାମ ଲେଖିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

## ଶିକ୍ଷଣକାର୍ଯ୍ୟ : ଦେଖରେ ଦେଖ

- ପିଲାମାନେ **'ଦେଖରେ ଦେଖ'** ଗୀତଟି ଅଭିନୟ ସହିତ ଗାଇବେ ।
- ଜାତୀୟ ପତାକା ଆଙ୍କି, ରଙ୍ଗ କରିବେ ।

### ଦେଖରେ ଦେଖ

ଦେଖରେ ଦେଖ, ଦେଖ, ଆମ ଜାତୀୟ ପତାକା ଦେଖ,
ତିନି ରଙ୍ଗରେ ହୋଇଛି ଠିଆ, ମଝିରେ ଅଶୋକ ଚକଟି ଥୁଆ,
ଉପରେ ଅଛି କମଳା ରଙ୍ଗ, ତଳରେ ଦେଖ ସବୁଜ ରଙ୍ଗ,
ଧଳା ରଙ୍ଗଟି ମଝିରେ ଥାଇ, କେଡ଼େ ଭଲ ସତେ ଦିଶଇ ।
ଦେଖରେ ଦେଖ ଦେଖ ।

## କଥୋପକଥନ

### ଆମ ଦେଶ ଓ ରାଜ୍ୟ

- ବାପାମାଆ, ପିଲାମାନଙ୍କ ସହ ଗାଁ / ସହର, ରାଜ୍ୟ ଓ ଦେଶ ବିଷୟରେ ନିମ୍ନ ପ୍ରଶ୍ନମାନ ପଚାରି ଆଲୋଚନା କରିବେ ।
- ଆମ ଗାଁ / ସହର ନାମ କ'ଣ ?
- ଆମ ଜିଲ୍ଲାର ନାମ କ'ଣ ?
- ଆମ ରାଜ୍ୟର ନାମ କ'ଣ ?
- ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନାମ କ'ଣ ?
- ଆମ ଭାରତର ପ୍ରଧାନମନ୍ତ୍ରୀଙ୍କ ନାମ କ'ଣ ?
- ଆମ ପଞ୍ଚାୟତର ସରପଞ୍ଚ ବା ୱାର୍ଡ଼ର ୱାର୍ଡ଼ମେମ୍ବରଙ୍କ ନାମ କ'ଣ ?
- ଆମର ଜାତୀୟ ପତାକା/ପଶୁ/ପକ୍ଷୀ/ଖେଳ/ଫଳ/ଫୁଲର ନାମ କ'ଣ ?

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭ କାର୍ଯ୍ୟଫର୍ଦ୍ଦ-୨ ଦିନାଙ୍କ ________

## ଆସ, ଚିତ୍ର ଦେଖିବା, ପଢ଼ିବା ଓ ଜାଣିବା ।




## ଆସ ଚିତ୍ର ଦେଖି ଲେଖିବା ।

ଜାତୀୟ ଖେଳ ହକି

ଜାତୀୟ ପତାକା ________

ଜାତୀୟ ପଶୁ ________

ଜାତୀୟ ପ୍ରତୀକ ________


ଜାତୀୟ ଫୁଲ ________

ଜାତୀୟ ପକ୍ଷୀ ________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଆସ, ଚିତ୍ର ଦେଖିବା, ପଢ଼ିବା ଓ ରଙ୍ଗ ଦେବା ।




ଆସ, ମନେ ପକାଇବା ଓ ଉଦାହରଣ ଦେଖି ଖାଲି ଜାଗା ପୂରଣ କରିବା ।

ଉଦାହରଣ-

ପଦ୍ମ- ଜାତୀୟ ଫୁଲ

ଆମ୍ବ-

ବାଘ-

ତ୍ରିରଙ୍ଗା-

ମୟୂର-

ହକି-

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଗଳ୍ପ କଥନ : ତୁଳସୀ ଦୁଇପତ୍ରରୁ ବାସେ

**ଆସ, ଗପଟିକୁ ପଢ଼ିବା । ତଳେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବା । ଶେଷରେ ଥିବା ଶବ୍ଦଗୁଡ଼ିକୁ ଗପରୁ ଖୋଜି ତା'ତଳେ ଗାର ଦେବା ଓ ପଢ଼ିବା ।**

ସତ୍ୟଭାମାପୁର ଗାଁରେ ଛୋଟ ପିଲାଟିଏ ଥିଲା । ସେ ଦିନେ ସ୍କୁଲ୍‌କୁ ଯାଉଥିଲା । ସେଦିନ ବର୍ଷାରେ ରାସ୍ତାଘାଟ କାଦୁଅ ହୋଇଥାଏ । ତେଣୁ ପିଲାଟିର ଗୋଡ଼ ରାସ୍ତାରେ ଖସିଗଲା । ତା'ର ଜାମା, ପ୍ୟାଣ୍ଟ କାଦୁଅ ହୋଇଗଲା । ତା'ପରେ ଦଶହରା ଛୁଟି ହେଲା । ପିଲାଟି ଗାଁର ସମସ୍ତ ପିଲାଙ୍କୁ ଏକାଠି କରି ବାଲି, ଗୋଡ଼ି ଗାଁ ଦାଣ୍ଡରେ ପକାଇ ଏପରି ରାସ୍ତାଟିକୁ ସମାନ କଲା, ଯେପରି ବର୍ଷାରେ ଗାଁ ଦାଣ୍ଡ କାଦୁଅ ହେବନି । କେହି ପିଲା ତା' ପରି ସ୍କୁଲ୍‌କୁ ଗଲା ବେଳେ ପଡ଼ି ଯିବେନି । ସ୍କୁଲ୍ ଖୋଲିଲା ପରେ ଗାଁ ଲୋକେ ଓ ସ୍କୁଲ୍ ଶିକ୍ଷକ ଗାଁର ସମସ୍ତେ ପିଲାଙ୍କୁ ସାବାସ୍ କହିଲେ । ସବୁ ପିଲାଙ୍କୁ ଏକଜୁଟ କରି ଗାଁ ରାସ୍ତାକୁ ସେଦିନ ସମତୁଲ କରିଥିବା ସେହି ପିଲାଟି ହେଉଛନ୍ତି ଆମ ଓଡ଼ିଶାର ମଧୁବାବୁ । ସେ ଓଡ଼ିଶାର ଉନ୍ନତି ପାଇଁ କାମ କରୁଥିଲେ । ତାଙ୍କ ଭଲ ଗୁଣସବୁ ପିଲାଦିନରୁ ଜଣା ପଡ଼ିଥିଲା । ତେଣୁ ଲୋକେ କହନ୍ତି:- ତୁଳସୀ ଦୁଇପତ୍ରରୁ ବାସେ ।

**ପ୍ରଶ୍ନ**

- ଛୋଟ ପିଲାଟିର ଘର କେଉଁ ଗାଆଁରେ ଥିଲା ?
- ପିଲାଟିର ଜାମା ପ୍ୟାଣ୍ଟ କିପରି କାଦୁଅ ହୋଇଗଲା ?
- ଦଶହରା ଛୁଟିରେ ପିଲାଟି କ'ଣ କଲା ?
- ସେ ଛୋଟ ପିଲାଟି କିଏ ?

**ମୁଖ୍ୟ ଶବ୍ଦ**

ବର୍ଷା, ପିଲା, ଓଡ଼ିଶା, ମଧୁବାବୁ , ତୁଳସୀ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭ | କାର୍ଯ୍ୟଫର୍ଦ୍ଦ-୪ | ଦିନାଙ୍କ __________

**ଆସ, ଚିତ୍ର ଦେଖି ଆମ ଦେଶ ଭାରତର ବିଭିନ୍ନ ଜାଗା/ ପ୍ରଦେଶର ବିଷୟରେ ଜାଣିବା ଓ ତଳେ ଦିଆଯାଇଥିବା କେତେକ ଜାଗାର ନାମ ପଢ଼ିବା ।**


ପଶ୍ଚିମବଙ୍ଗ


ଆସାମ


ଓଡ଼ିଶା


ମଣିପୁର


ମହାରାଷ୍ଟ୍ର


ଗୋଆ


ରାଜସ୍ଥାନ


ପଞ୍ଜାବ


ଗୁଜୁରାଟ


ତାମିଲନାଡୁ


ଆନ୍ଧ୍ର ପ୍ରଦେଶ


କର୍ଣ୍ଣାଟକ


ଲଦାଖ


କାଶ୍ମୀର


ହିମାଚଳ ପ୍ରଦେଶ


ନାଗାଲାଣ୍ଡ

ଆମ ଦେଶର ଭିନ୍ନ ଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ପୋଷାକ ପିନ୍ଧନ୍ତି । ଆସ, ଉପର ଚିତ୍ର ଦେଖିବା । ବାପାମାଆଙ୍କୁ ପଚାରି ଭାରତର ରାଜ୍ୟଗୁଡ଼ିକ ବିଷୟରେ ଜାଣିବା ଓ ନାମ ଲେଖିବା ।

ପଶ୍ଚିମବଙ୍ଗ ______ ______ ______

______ ______ ______ ______

______ ______ ______ ______

______ ______ ______ ______

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଆସ, ଚିତ୍ର ଦେଖିବା, ଭାବିବା ଓ କହିବା ।




ଆସ, ଆମ ରାଜ୍ୟ ବିଷୟରେ ପଢ଼ିବା ଓ ଜାଣିବା ।

| ପ୍ରାଚୀନ ମନ୍ଦିର | ପ୍ରସିଦ୍ଧ ଖାଦ୍ୟ |
|---|---|
| ଶ୍ରୀ ଜଗନ୍ନାଥ ମନ୍ଦିର ( ପୁରୀ) | ଛେନାପୋଡ଼ ( ନୟାଗଡ଼) |
| ସୂର୍ଯ୍ୟ ମନ୍ଦିର (କୋଣାର୍କ) | ରସାବଳୀ (କେନ୍ଦ୍ରାପଡ଼ା) |
| ଲିଙ୍ଗରାଜ ମନ୍ଦିର (ଭୁବନେଶ୍ୱର) | ଦହିବରା ( କଟକ) |
| ମା' ସମଲେଶ୍ୱରୀ ମନ୍ଦିର ( ସମ୍ବଲପୁର) | ବିରିବରା (ଢ଼େଙ୍କାନାଳ) |
| ମା' ଚଣ୍ଡି ମନ୍ଦିର (କଟକ) | ପାନ୍ଲୁଅ ଲଡ୍ଡୁ (ଭଦ୍ରକ) |
| ମା' ବିରଜା ମନ୍ଦିର (ଯାଜପୁର) | ଗରମ ମୁଢ଼ି (ବାରିପଦା) |
| ମା' ତାରିଣୀ ମନ୍ଦିର (କେନ୍ଦୁଝର) | କୋରାଖଇ (ଭୁବନେଶ୍ୱର) |

ଆସ, ଆମ ରାଜ୍ୟ ଓଡ଼ିଶା ବିଷୟରେ ଜାଣିବା । ଓଡ଼ିଶାର ପ୍ରାଚୀନ ମନ୍ଦିର ଓ ପ୍ରସିଦ୍ଧ ଖାଦ୍ୟ ବିଷୟରେ ବାପାମାଆଙ୍କଠାରୁ ପଚାରି ବୁଝିବା ଓ ତଳେ ଲେଖିବା ।

| ପ୍ରାଚୀନ ମନ୍ଦିର | ପ୍ରସିଦ୍ଧ ଖାଦ୍ୟ |
|---|---|
| | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୭ କାର୍ଯ୍ୟଫର୍ଦ୍ଦ-୬ ଦିନାଙ୍କ ________

ଆସ, ଉଦାହରଣ ଦେଖି ଅକ୍ଷର ଯୋଡ଼ିବା, ଶବ୍ଦ ଗଢ଼ିବା, ଖାଲି ଜାଗାରେ ଶବ୍ଦ ଲେଖିବା ଓ ପଢ଼ିବା ।

ଉଦାହରଣ-

| | | | | | | | | |
|---|---|---|---|---|---|---|---|---|
| ଦେ | + | ଶ | | | = | ଦେଶ |
| ରା | + | ଜ୍ୟ | | | = | |
| ଭା | + | ର | + | ତ | = | |
| ଓ | + | ଡ଼ି | + | ଶା | = | |
| ହ | + | କି | | | = | |
| ବା | + | ଘ | | | = | |
| ଆ | + | ମ୍ବ | | | = | |
| ପ | + | ଦ୍ମ | | | = | |
| ମ | + | ୟୂ | + | ର | = | |
| ଓ | + | ଡ଼ି | + | ଶୀ | = | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ପଢ଼ିବା ଓ ଗୀତ ଗାଇବା ।



### କାଠୁରିଆ ତା' ଭୁଲ ବୁଝିଲା


ଦିନେ ସକାଳୁ ଶାରୀ ଆସି ବଣରେ ଖବର ଦେଲା । ଜଣେ କାଠୁରିଆ ତା' କୁରାଢ଼ୀ ଧରି ଆସୁଛି । ସେ ବଣରୁ ବଡ଼ ବଡ଼ ଗଛ କାଟି ନେବ । ଏକଥା ବଣରେ ପ୍ରଚାର ହୋଇଗଲା । ସବୁ ପଶୁପକ୍ଷୀ ଜଙ୍ଗଲର ଗୋଟିଏ ବଡ଼ଗଛ ପାଖରେ ଏକାଠି ହେଲେ । ସମସ୍ତଙ୍କ ଭିତରେ ଭାଳେଣି ପଡ଼ିଗଲା । ପାରା, କାଉ, ଗୁଣ୍ଡୁଚିମୂଷା ରହିବେ କେଉଁଠି ? ଖାଇବେ କ'ଣ ? କେମିତି ବଣର ଗଛକୁ ରକ୍ଷା କରିବେ ? ମାଙ୍କଡ଼ କହିଲା, ''ମଣିଷ ଭାରି ସ୍ୱାର୍ଥପର । ସେ ଗଛ କାଟିବ । କାଠ ବିକି ଟଙ୍କା ରୋଜଗାର କରିବ ।'' ହାତୀ କହିଲା, ''ଗଛ ନରହିଲେ ମୁଁ ପିଠି ଘଷିବି କେଉଁଠି ? ଖାଇବି କ'ଣ ?'' ପାରା କାନ୍ଦି କାନ୍ଦି କହିଲା, ''ଆମେ ରହିବୁ କେଉଁଠି ?'' ସାପ କହିଲା, ''ମୁଁ କାଠୁରିଆକୁ ଚୋଟ ମାରିବି । ସେ ମରିଯିବ ।'' ଶେଷରେ ମୟୂର କହିଲା,''ଚାଲ ଆମେ ସମସ୍ତେ ମିଶି ଏ ଗଛକୁ ସଜାଇବା । ଗଛରେ ଫୁଲଫଳ ଭରିଦେବା । କାଠୁରିଆ ହୁଏତ ଆମ କଥା ବୁଝିପାରିବ । ଆଉ ଏ ଗଛ କାଟିବନି ।'' ସମସ୍ତେ ମୟୂର କଥାରେ ରାଜି ହେଲେ । ବଣର ସବୁ ପଶୁପକ୍ଷୀ କାମରେ ଲାଗିଗଲେ । ତା' ପରଦିନ ସକାଳ ହେଲା । କାଠୁରିଆ କୁରାଢ଼ୀ ଧରି ଆସିଲା । ତା' ସାଥୀରେ ତା' ଛୋଟଝିଅ ଆସିଥାଏ । ଛୋଟ ଝିଅ ଦେଖିଲା- ଗଛରେ ଖୁବ୍ ସୁନ୍ଦର ଫୁଲ, ଫଳ ସଜାହୋଇଛି । ରାତି ସାରା ମହୁମାଛିମାନେ କାମ କରି ସୁନ୍ଦର ମହୁଫେଣା ତିଆରି କରିଛନ୍ତି । ଗଛ ଉପରେ ସୁନ୍ଦର ସୁନ୍ଦର ଚଢ଼େଇମାନେ ବସିଛନ୍ତି । ଗଛ ପାଖରେ ବଣର ସବୁ ପଶୁପକ୍ଷୀ କାଠୁରିଆକୁ ଚାହିଁ ଠିଆ ହୋଇଛନ୍ତି । କାଠୁରିଆର ଝିଅ କହିଲା-''ବାପା, ତୁମେ ଏ ଗଛ କାଟ ନାହିଁ ।'' କାଠୁରିଆ କହିଲା-''ପଶୁପକ୍ଷୀମାନେ କ'ଣ କହିବାକୁ ଚାହୁଁଛନ୍ତି ତାହା ମୁଁ ବୁଝିପାରୁଛି । ମୁଁ ଆଉ ଗଛ କାଟିବିନି । ବରଂ ସବୁ ପଶୁପକ୍ଷୀମାନେ ଭଲରେ ରୁହନ୍ତୁ ।'' ଏହା କହି କାଠୁରିଆ ନିଜ ଝିଅ ସହ ଘରକୁ ଫେରିଗଲା । ଜୀବଜନ୍ତୁମାନେ ଖୁସିରେ ନାଚି ଉଠିଲେ ।



### ହାତୀରାଜା



ପେଁ...... ପେଁ.......
ହାତୀରାଜା ଭାରି ବଳୁଆ
ଦେଖ ତା'ର ରଂଗ କାଳିଆ ।
ଧୀରେ ଧୀରେ ଚାଲିରେ
ଶୁଣ୍ଢ ହଲେଇ ଚାଲିରେ
ତାକୁ ଦେଖି ପଶୁପକ୍ଷୀ
ଡରି ଯାଆନ୍ତି ବଣରେ ।
ଯେବେ ଦେଖ ଖାଏରେ
ମିଠା ଆଖୁ ଭଲ ପାଏରେ
ଛୋଟ ଛୋଟ ହାତୀ ଦେଖି
ଲୋକଙ୍କ ସାଥେ ମଜା କରନ୍ତିରେ ।
ଶରୀର ବଡ଼ ହାତୀର
ସ୍ୱଭାବ ତା'ର କୋମଳ
ସ୍ନେହରେ ଭରା ତା' ମନ
ସେଥିପାଇଁ ସେ ସୁନ୍ଦର ।
ହାତୀରାଜା ଭାରି ବଳୁଆ
ଦେଖ ତା'ର ରଂଗ କାଳିଆ ।
ହାତୀରାଜା ଭାରି ବଳୁଆ
ଦେଖ ତା'ର ଚାଲି ବଢ଼ିଆ ।



## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ପଢ଼ିବା ଓ ଗୀତ ଗାଇବା ।



### ଯେ ପାଞ୍ଚେ ପର ମନ୍ଦ

ବଣ ଭିତରେ ଘୋଡ଼ାଟିଏ ଥାଏ। ବିରାଟ ଘାସ ପଡ଼ିଆରେ ସେ ମନଇଛା ଘାସ ଖାଏ। ଖୁସିରେ ଥାଏ। ଦିନେ ଘୋଡ଼ା ଦେଖିଲା ଘାସ ପଡ଼ିଆ ଆରପଟେ ହରିଣଟିଏ ଘାସ ଚରୁଛି। ଘୋଡ଼ା ତା' ଉପରେ ରାଗିଗଲା। ତାକୁ ସେଠାରୁ ଚାଲିଯିବାକୁ କହିଲା। ହରିଣ କିଛି କହିଲା ନାହିଁ। ତା' ପରଦିନଠାରୁ ହରିଣ ସବୁ ଦିନ ଆସେ। ଘାସ ଖାଏ। ଘୋଡ଼ା କଥା କିଛି ଶୁଣେନି। ହରିଣର ମୁନିଆ ଶିଙ୍ଘ ଦେଖି ଘୋଡ଼ାକୁ ଡର ଲାଗେ। ଘୋଡ଼ା ହରିଣକୁ ସାବାଡ଼ କରିବାକୁ ଚାହିଁଲା। ମଣିଷ ପାଖକୁ ଗଲା। କହିଲା, ''ମଣିଷ ଭାଇ, ମୋତେ ସାହାଯ୍ୟ କର। ହରିଣ ମୋ ଘାସ ଖାଇ ଯାଉଛି। ଧନୁଶରରେ ତୁମେ ତାକୁ ମାରି ଦିଅ।'' ମଣିଷ କହିଲା-''ହରିଣ ତ ଖୁବ୍ ଜୋରରେ ଦଉଡ଼େ। ମୁଁ ତାକୁ ମାରିବି କିପରି ?'' ଘୋଡ଼ା କହିଲା, ''ତୁମେ ମୋ ପିଠିରେ ବସ। ମୁଁ ତୁମକୁ ହରିଣ ପାଖରେ ପହଞ୍ଚାଇ ଦେବି।'' ମଣିଷ ଭାବିଲା- ଘୋଡ଼ା ତ ଖୁବ୍ ବଳୁଆ। ପୁଣି ଏତେ ଜୋର୍‌ରେ ଦଉଡୁଛି। ହରିଣକୁ ମାରିଲେ ମୋର କ'ଣ ଲାଭ ହେବ ? ଏଇଆ ଭାବି ସେ ଘୋଡ଼ାକୁ ବାନ୍ଧି ରଖିଲା। ଆଉ ବଣକୁ ଛାଡ଼ିଲା ନାହିଁ। ଘୋଡ଼ା ବିଚରା ହରିଣର ମନ୍ଦ ପାଞ୍ଚୁଥିଲା। ହେଲେ ସେ ନିଜ ସାଧୀନତା ହରାଇଲା। ତେଣୁ କଥାରେ ଅଛି- ''ଯେ ପାଞ୍ଚେ ପର ମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ।''



### କଣ୍ଢେଇରାଣୀ



କଣ୍ଢେଇରାଣୀ ଭାରି ସିଆଣୀ
କେବେ ସିଏ କାହା କଥା ମାନେନି।
କଣ୍ଢେଇର ହାତ
ଛୋଟ ଛୋଟ
ଲଡୁ ଟେକି ପୁଣି
କରେ ସେ ତ।
ହାତରୁ ଲଡୁ ଗଲେ ଖସି
କଣ୍ଢେଇରାଣୀ ଯାଏ ରୁଷି।
କଣ୍ଢେଇରାଣୀ ଭାରି ସିଆଣୀ....।

ମାଙ୍କଡ଼ ଆସିଲା
ଘରକୁ ପଶି
ଡରି ଡରି ଗଲା
କଣ୍ଢେଇ ଲୁଚି।
ମମି ତାକୁ ଏଠି ସେଠି ଖୋଜି
ଡିଆଁ ମାରିଲା କାନ୍ଧରେ ବସି
ବାପା ତାକୁ ମନାଇବା ପାଇଁ
ବାତାପି ଦେଲେ ଆଣି
ବାତାପି ଯେବେ ଦେଖିଲା କଣ୍ଢେଇରାଣୀ
ତାପରେ ସିଏ ଖୁସିରେ ଦେଲା ମୋତେ ଆଣି
କଣ୍ଢେଇରାଣୀ ଭାରି ସିଆଣୀ.....।



ସପ୍ତାହ-୭

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

୧. ଦିଆ ଯାଇଥିବା ଅକ୍ଷରରେ 'ଔ'କାର, ବିସର୍ଗ (ଃ), ଚନ୍ଦ୍ରବିନ୍ଦୁ ( ) ଓ ହଳନ୍ତ (୍) ଲଗାଇ ଲେଖିବା ଓ କହିବା ।

| | କ | ନ | ର | ବ | ମ | ପ | ଟ | ଗ | ତ |
|---|---|---|---|---|---|---|---|---|---|
| ୖ | କୌ | | ରୌ | | | | | | |
| ଃ | କଃ | | | | | ପଃ | | | |
| ଁ | କଁ | | | | | | | ଗଁ | |
| ୍ | କ୍ | | | ବ୍ | | | | | |

୨. ଶବ୍ଦ ଗଢ଼ିବା, ପଢ଼ିବା ଓ ଲେଖିବା ।

ଔ + ଷ + ଧ = ଔଷଧ ଔଷଧ

ଦୁଃ + ଖୀ + ଜ + ନ = ________ ________

ପ + ଇଁ + ଟା + ଳି + ଶି = ________ ________

୩. ତଳେ ଦିଆଯାଇଥିବା ଶବ୍ଦରେ ଅନୁସ୍ୱାର (ଂ), ବିସର୍ଗ (ଃ), ଚନ୍ଦ୍ରବିନ୍ଦୁ (ଁ) ଓ ହଳନ୍ତ (୍) ଲଗାଇ ନୂଆଶବ୍ଦ ଗଢ଼ିବା ଓ ଲେଖିବା ।

ହସ – ________

ନିଆ – ________

ଛିଛି – ________

ଚକଚକ – ________

୪. ଆସ, ବନ୍ଧନୀରୁ ଅକ୍ଷର ନେଇ ଖାଲି ଘର ପୂରଣ କରିବା (ସଂ, ଦୁଃ, ଉଁ, ଇଁ)

| | |
|---|---|
| କା__ଚ | ____ଶୟ |
| କା__ରିଆ | ____ସାହସ |

୫. ପଢ଼ିବା ଓ ଦେଖିଦେଖି ଲେଖିବା ।

ଚୌକି : ____________ ____________ ____________

ନୌକା : ____________ ____________ ____________

୬. ଆସ, ତଳେ ଦିଆ ଯାଇଥିବା ମାତ୍ରା ବ୍ୟବହାର କରି ୩ଟି ଲେଖାଏଁ ଶବ୍ଦ ଲେଖିବା ।

| | ମାତ୍ରା | | | |
|---|---|---|---|---|
| 'ଆ' କାର | ା | କାଉ | ବାଟ | ପାରା |
| 'ଇ' କାର | ି | | | |
| 'ଈ' କାର | ୀ | | | |
| 'ଉ' କାର | ୁ | | | |
| 'ଊ' କାର | ୂ | | | |

୭. ଆସ, ତଳେ ଦିଆଯାଇଥିବା ମାତ୍ରା ବ୍ୟବହାର କରି ୩ଟି ଲେଖାଏଁ ଶବ୍ଦ ଲେଖିବା ।

| | ମାତ୍ରା | | | |
|---|---|---|---|---|
| 'ଋ' କାର | ୃ | | | |
| 'ଏ' କାର | େ | | | |
| 'ଐ' କାର | ୈ | | | |
| 'ଓ' କାର | ୋ | | | |
| 'ଔ' କାର | ୌ | | | |

୮. ଆସ, ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ ଓ ହଳନ୍ତ ବ୍ୟବହାର କରି ୩ଟି ଲେଖାଏଁ ଶବ୍ଦ ଲେଖିବା ।

| | | | | |
|---|---|---|---|---|
| ଅନୁସ୍ୱାର | ଂ | କଂସ | କଂସା | ହଂସ |
| ବିସର୍ଗ | ଃ | | | |
| ଚନ୍ଦ୍ରବିନ୍ଦୁ | ଁ | | | |
| ହଳନ୍ତ | ୍ | | | |

# ଅଷ୍ଟମ ସପ୍ତାହ

## ଆମର ସାହାଯ୍ୟକାରୀ ବନ୍ଧୁ

## ଅଭିନୟ ଗୀତ : ମୁଁ ବଡ଼ ହେଲେ ଡାକ୍ତର ହେବି

ଆସ, ଅଭିନୟ କରି ଗୀତଟିକୁ ଗାଇବା ଓ ସମତାନ ଶବ୍ଦଗୁଡ଼ିକୁ ବାରମ୍ବାର କହିବା ।

ବଡ଼ ହେଲେ ମୁଁ,
ଡାକ୍ତର ହେବି ।
ରୋଗୀ ଦେଖିବି,
ଔଷଧ ଦେବି,
ରୋଗକୁ ଦେବି ତଡ଼ି,
ଆଗରେ ମୋର
ବାତ ବେମାର
ପେଟ ଖରାପ,
କଫ କି ଜ୍ୱର
ସଭିଏଁ ଯିବେ ଉଡ଼ି ।



**ସମତାନ ଶବ୍ଦ**

ହେବି - ଦେବି
ତଡ଼ି - ଉଡ଼ି
ରୋଗ - ଆଗ
ମୋର - ଜ୍ୱର

ଆସ, ପ୍ରଥମ ଅନ୍ତିମ ଧ୍ୱନି ଚିହ୍ନିବା ଏବଂ କହିବା ।

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮ | କାର୍ଯ୍ୟଫର୍ଦ୍ଦ-୧ | ଦିନାଙ୍କ ____________

## ଆସ, ଚିତ୍ର ଦେଖି ବିଭିନ୍ନ କାମ ବିଷୟରେ ଜାଣିବା ଓ କହିବା ।


ମାଛ ଧରିବା


ମାଟି ବୋହିବା


ସିଲେଇ କରିବା


ରୋଷେଇ କରିବା


ଲୁଗା ସଫା କରିବା


କାଠ କାଟିବା

## ଆସ, ଉପର ଚିତ୍ରକୁ ଦେଖି କାମଗୁଡ଼ିକୁ ତଳେ ଲେଖିବା ।

ମାଛ ଧରିବା

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

# ଶିକ୍ଷଣକାର୍ଯ୍ୟ ଓ କଥୋପକଥନ

## ଶିକ୍ଷଣକାର୍ଯ୍ୟ : ମୁଁ ଡାକବାଲା



ଖାକି ପୋଷାକ ଦେହରେ ମୋର
ଚିଠି ବାଣ୍ଟଇ ଘରକୁ ଘର
ଡାକବାଲାଟି ମୁହିଁ
ଟଙ୍କା ପଇସା ଚିଠିପତର
ଦୂର ଜାଗାରୁ ଆସେ ଯାହାର
ଦିଏ ମୁଁ ତାକୁ ନେଇ
ଡାକବାଲାଟି ମୁହିଁ....।

## କଥୋପକଥନ

### ସାହାଯ୍ୟକାରୀ ବ୍ୟକ୍ତି

ପିଲାମାନେ ଯେକୌଣସି ଏକ ସାହାଯ୍ୟକାରୀ ବ୍ୟକ୍ତିଙ୍କ ଅଭିନୟ କରିବେ। ବାପାମାଆ ସେମାନଙ୍କୁ ଅଭିନୟରେ ସାହାଯ୍ୟ କରିବେ।

**ଯେପରି-**

- ପିଲାମାନେ ଡାକ୍ତର ହୋଇ ବାପାମାଆଙ୍କ ନାଡ଼ି ଦେଖିବେ। ଛାତିରେ ଖେଳନା ଷ୍ଟେଥୋ, ପାଟିରେ ଖେଳନା ଥର୍ମୋମିଟର ଦେଇ ପରୀକ୍ଷା କରିବେ। ଦେହର ଜଳୀୟ ଅଂଶ କମିଛି ବୋଲି କହିବେ।


ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

**ଆସ, ଚିତ୍ର ଦେଖିବା, ବିଭିନ୍ନ କାମ ବିଷୟରେ ଜାଣିବା, ପଢ଼ିବା, ଭାବିବା ଓ ଲେଖିବା ।**


ବଗିଚା କାମ


ଚା' ଓ ଜଳଖିଆ ଦୋକାନ କାମ


ଜୋତା ତିଆରିକାମ


ଲୁହା କାମ


ଘରସଫା କାମ


ପାଣି ଆଣିବା କାମ

**ଆସ, ଉପର ଚିତ୍ରକୁ ଦେଖି କାମଗୁଡ଼ିକୁ ତଳେ ଲେଖିବା ।**

ବଗିଚା କାମ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଆସ, ଚିତ୍ର ଦେଖି ଆମକୁ ସାହାଯ୍ୟ କରୁଥିବା ଲୋକଙ୍କୁ ଜାଣିବା ଓ ସେମାନଙ୍କ ନାମ ପଢ଼ିବା ।


ଡାକବାଲା


ନିଆଁ ଲିଭାଳୀ



ଟ୍ରାଫିକ୍ ପୋଲିସ୍


ଝାଡୁଦାର


କ୍ଷୀରବାଲା


ବହି ଦୋକାନୀ

## ଆସ, ଚିତ୍ର ଦେଖି ଆମକୁ ସାହାଯ୍ୟ କରୁଥିବା ଲୋକଙ୍କ ନାମ, ତଳେ ଥିବା 'ମୁଁ କିଏ' ପ୍ରଶ୍ନର ଉତ୍ତରରେ ଲେଖିବା ।

| | ମୁଁ କିଏ ? |
|---|---|
| ମୁଁ ତାଜା କ୍ଷୀର ଆଣିଦିଏ । | କ୍ଷୀରବାଲା |
| ମୁଁ ନିଆଁ ଲିଭାଇବାକୁ ଦମକଳରେ ଆସେ । | |
| ମୁଁ ଟ୍ରାଫିକ୍ ନିୟନ୍ତ୍ରଣ କରେ । | |
| ମୁଁ ରାସ୍ତାଘାଟ ସଫା କରିଦିଏ । | |
| ମୋ ଦୋକାନରେ ବହି ମିଳେ । | |
| ମୁଁ ଲୋକମାନଙ୍କୁ ଚିଠି ବାଣ୍ଟେ । | |

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮

# ଗଳ୍ପ କଥନ : ବୁଦ୍ଧିମତି ଚାଷୀଝିଅ

**ଆସ ଗପଟିକୁ ପଢ଼ିବା । ତଳ ପ୍ରଶ୍ନଗୁଡ଼ିକର ଉତ୍ତର କହିବା । ଶେଷରେ ଥିବା ଶବ୍ଦଗୁଡ଼ିକୁ ଗପରୁ ଖୋଜି ତା' ତଳେ ଗାର ଦେବା ଓ ପଢ଼ିବା ।**

ରବି ଜଣେ ଗରିବ ଚାଷୀ । ସେ ତା' ଝିଅ ମୀରା ସହ ଗୋଟିଏ ଗାଁରେ ରହୁଥିଲା । ପାଖ ଗାଁରେ ହରି ନାମରେ ଜଣେ ଦୁଷ୍ଟ ଲୋକ ରହୁଥିଲା । ସେ ତାଙ୍କ ପୁଅ ସୁବଳ ସହ ମୀରାର ବାହାଘର କରିବାକୁ ଚାହିଁଲା । ହେଲେ ସୁବଳ ଭାରି ଖରାପ ପିଲା ଥିଲା । ତେଣୁ ରବି ବାହାଘର ପାଇଁ ରାଜି ହେଲା ନାହିଁ ।

ଦିନେ ହରି, କିଛି ଲୋକ ଠିଆ ହୋଇଥିବା ବେଳେ ରବିକୁ କହିଲା, "ମୀରା ଯଦି ମୋ ପୁଅ ସୁବଳକୁ ବାହା ହେବ, ତାହେଲେ ରାଣୀ ହୋଇ ରହିବ ।" ରବି କହିଲା, "ମୀରାର ଭାଗ୍ୟରେ ଥିଲେ, ସେ ରାଣୀ ହେବ ।" ହରି କହିଲା, "ଠିକ୍ ଅଛି, ଏବେ ମୀରାର ଭାଗ୍ୟ ପରୀକ୍ଷା କରିବା । ଗୋଟିଏ ପାଣି ମାଠିଆରେ କଳା ଓ ଧଳା ରଂଗର ଦୁଇଟି ଗୋଡ଼ି ପକାଇବା । ମୀରା ଆଖିରେ ପଟି ବାନ୍ଧି, ମାଠିଆରୁ ଗୋଟିଏ ଗୋଡ଼ି ବାହାର କରିବ । ଯଦି କଳା ଗୋଡ଼ି ବାହାର କରିବ, ତେବେ ସୁବଳକୁ ବାହା ହେବ । ଆଉ ଧଳା ଗୋଡ଼ି ବାହାରିଲେ, ସେ ବାହା ହେବ ନାହିଁ ।" ଏକଥାରେ ରବି ରାଜି ହେଲା ।

ହରି ଗୋଟିଏ ପାଣି ମାଠିଆ ଆଣି ସେଥିରେ ନିଜେ ଦୁଇଟି ଗୋଡ଼ି ପକାଇଲା । ଏଥର ଆଖିରେ ପଟି ବାନ୍ଧି ମୀରା ମାଠିଆରେ ହାତ ପୂରାଇଲା । ଗୋଡ଼ି ଆଣିଲା ବେଳେ ସେ ଭାବିଲା- 'ହରି ନିଶ୍ଚୟ ଗଡ଼ବଡ଼ କରି ଦୁଇଟି କଳା ଗୋଡ଼ି ମାଠିଆରେ ପକାଇଥିବେ । କାରଣ ସେ ନିଜେ ଗୋଡ଼ି ମାଠିଆରେ ପକାଇଛନ୍ତି । ଆଉ ବାହାଘର ହେଉ ବୋଲି ଇଚ୍ଛା କରୁଛନ୍ତି ।' ତେଣୁ ମୀରା ଗୋଟିଏ ଗୋଡ଼ି ବାହାର କଲା । ଗୋଡ଼ି ଦେଖାଇବା ପାଇଁ ହାତ ମୁଠା ଖୋଲିଲା ବେଳକୁ ଜାଣିଶୁଣି କଚାଡ଼ି ହୋଇ ପଡ଼ିଲା । ତା' ହାତରୁ ଧରିଥିବା ଗୋଡ଼ିଟି କୁଆଡ଼େ ପଡ଼ିଗଲା । ଏବେ କ'ଣ ହେବ ? ମୀରା ଭାରି ଚାଲାକ ଥିଲା । ସେ କହିଲା, "ଏବେ ମାଠିଆରେ ଥିବା ଗୋଡ଼ି ବାହାର କରାଯାଉ । ଯଦି ଧଳା ଗୋଡ଼ି ବାହାରିବ, ତାହେଲେ ମୋ ହାତରେ କଳାଗୋଡ଼ି ଥିଲା । ନଚେତ୍ ମାଠିଆରେ ଥିବା ଗୋଡ଼ି କଳା ରଂଗର ହୋଇଥିଲେ ମୋ ହାତରେ ଧଳା ଗୋଡ଼ି ଥିଲା ।" ତା କଥା ସମସ୍ତଙ୍କ ମନକୁ ପାଇଲା । ମାଠିଆରୁ ଗୋଡ଼ି ବାହାର କରାଗଲା । ସେଇଟି କଳା ରଂଗର ଗୋଡ଼ି ଥିଲା । ତା' ଅର୍ଥ ମୀରା ହାତରେ ଧଳା ରଂଗର ଗୋଡ଼ି ଥିଲା ବୋଲି ପ୍ରମାଣିତ ହୋଇଗଲା । ତେଣୁ ସେ ଆଉ ସୁବଳ ପରି ଖରାପ ପିଲାକୁ ବାହା ହେଲାନାହିଁ । କଥାରେ ଅଛି- 'ଉପସ୍ଥିତ ବୁଦ୍ଧି ବଳରେ ବଡ଼ ବଡ଼ ବିପଦ ବି ଟଳିଯାଏ ।'

**ପ୍ରଶ୍ନ-**

- ରବିର ଝିଅ ନାମ କ'ଣ ?
- ହରି କ'ଣ ଚାହୁଁଥିଲା ?
- ମାଠିଆରେ କିଏ ଗୋଡ଼ି ପକାଇଥିଲେ ?
- ମାଠିଆରୁ କେଉଁ ରଂଗର ଗୋଡ଼ି ବାହାରିଲା ?
- ମୀରା, ମାଠିଆରୁ କେଉଁ ରଂଗର ଗୋଡ଼ି ବାହାର କରିଥିବ ବୋଲି ତୁମେ ଭାବୁଛ ?

**ମୁଖ୍ୟ ଶବ୍ଦ**

ଗରିବ, ଧନୀ, ମୀରା, କଳା, ଧଳା, ଖରାପ, ଚାଲାକ

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ


ସପ୍ତାହ-୮ କାର୍ଯ୍ୟଫର୍ଦ୍ଦ-୪ ଦିନାଙ୍କ ________

## ଚିତ୍ର ଦେଖି ଆମକୁ ସାହାଯ୍ୟ କରୁଥିବା ଲୋକମାନଙ୍କ କାମ ବିଷୟରେ ଜାଣିବା ଓ କହିବା ।


ସୈନିକ


ଓକିଲ


ଶିକ୍ଷୟିତ୍ରୀ


ନର୍ସ


ବୈଜ୍ଞାନିକ


ପୋଲିସ୍


ଡାକ୍ତର


ଇଂଜିନିୟର


ପାଇଲଟ୍

ଆସ ପଢ଼ିବା :

ସୈନିକ, ଦେଶ ରକ୍ଷା କରନ୍ତି ।

ଓକିଲ, ଲୋକଙ୍କୁ ନ୍ୟାୟ ଦିଅନ୍ତି ।

ଶିକ୍ଷୟିତ୍ରୀ, ପାଠ ପଢ଼ାନ୍ତି ।

ନର୍ସ, ରୋଗୀ ସେବା କରନ୍ତି ।

ବୈଜ୍ଞାନିକ, ଗବେଷଣା କରନ୍ତି ।

ପୋଲିସ୍, ଶାନ୍ତି ଶୃଙ୍ଖଳା ରକ୍ଷା କରନ୍ତି ।

ଡାକ୍ତର ଚିକିତ୍ସା କରନ୍ତି ।

ଇଂଜିନିୟର ନିର୍ମାଣ କାର୍ଯ୍ୟ କରନ୍ତି ।

ପାଇଲଟ୍, ବିମାନ ଚଲାନ୍ତି । ।

## ଆସ, ତଳେ ଲେଖାଯାଇଥିବା ନାମ ପାଖରେ ତାଙ୍କ କାମ ଲେଖିବା-

ଓକିଲ ________

ନର୍ସ ________

ସୈନିକ ________

ପୋଲିସ ________

ଶିକ୍ଷୟିତ୍ରୀ ________

ପାଇଲଟ୍ ________

ଡାକ୍ତର ________

ବୈଜ୍ଞାନିକ ________

ଇଂଜିନିୟର ________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ସପ୍ତାହ-୮ | କାର୍ଯ୍ୟଫର୍ଦ୍ଦ-୫ | ଦିନାଙ୍କ ________

## ଆସ, ଚିତ୍ର ଦେଖିବା, ଜାଣିବା ଓ ପଢ଼ିବା ।


ଶିକ୍ଷୟିତ୍ରୀ


ନର୍ସ (ସେବିକା)


ପୋଲିସ୍


ଡାକ୍ତର


ଡାକବାଲା


ଇଂଜିନିୟର

ଆମର ଅନେକ ସାହାଯ୍ୟକାରୀ ବଂଧୁ ଅଛନ୍ତି । ସେମାନେ ଆମକୁ କିପରି ସାହାଯ୍ୟ କରନ୍ତି ଆସ, ବାପାମାଆଙ୍କୁ ପଚାରି ତଳେ ଲେଖିବା ।

ଶିକ୍ଷୟିତ୍ରୀ ____________ ନର୍ସ ____________

ପୋଲିସ୍ ____________ ଡାକବାଲା ____________

ଇଂଜିନିୟର ____________ ଡାକ୍ତର ____________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଆସ, ଉଦାହରଣ ଦେଖି ଅକ୍ଷର ଯୋଡ଼ିବା, ଶବ୍ଦ ଗଢ଼ିବା, ଖାଲି ଜାଗାରେ ଶବ୍ଦ ଲେଖିବା ଓ ପଢ଼ିବା ।

ଉଦାହରଣ-

ଚା + ଷୀ = ଚାଷୀ

ଦୋ + କା + ନୀ = ________

ଡା + କ୍ତ + ର = ________

ନ + ର୍ସ = ________

ପୋ + ଲି + ସ୍ = ________

ଶି + କ୍ଷ + କ = ________

ଡା + କ + ବା + ଲା = ________

ଝା + ଡୁ + ଦା + ର = ________

କ୍ଷୀ + ର + ବା + ଲା = ________

ପ + ରି + ବା + ବା + ଲା = ________

ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର ଓ ଦିନାଙ୍କ

ଅଭିଭାବକଙ୍କ ସ୍ୱାକ୍ଷର ଓ ଦିନାଙ୍କ

## ଅତିରିକ୍ତ ଶିକ୍ଷଣକାର୍ଯ୍ୟ

### ଆସ, ଗପ ଶୁଣିବା ଓ ଗୀତ ଗାଇବା ।

#### ମୂର୍ଖ ଗଧ




ବଣର ରାଜା ସିଂହ । ବିଲୁଆ ତା'ର ସାଙ୍ଗ ହୋଇଥାଏ । ସିଂହ ଯାହା ଶିକାର କରେ ବିଲୁଆ ସେଥିରୁ ଭାଗ ପାଏ । ଦୁଇଜଣ ଏକାଠି ରହନ୍ତି । ସିଂହ ଅତି ରାଗୀ । ଦିନେ ମହାବଳ ବାଘ ସହ ସିଂହର ଲଢେଇ ହେଲା । ସିଂହ ଜିତିଗଲା । ହେଲେ କ'ଣ ହେବ ? ତା' ଗୋଡ ଓ ଅଣ୍ଟାରେ ବହୁତ ଜୋରରେ ଆଘାତ ଲାଗିଥାଏ । ସିଏ ଆଉ ଶିକାର କରିବାକୁ ଯାଇ ପାରିଲା ନାହିଁ । ଦୁଇଜଣ ଖାଇବେ କଣ ? ବିଲୁଆ କହିଲା, "ମହାରାଜ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଯାଉଛି କୌଣସି ପଶୁକୁ ବୋକା ବନାଇ ଆପଣଙ୍କ ପାଖକୁ ନେଇ ଆସିବି । ଆପଣ ତାକୁ ମାରିଦେବେ । ଆମେ ଦୁଇଜଣ ମିଶି ତାକୁ ଖାଇବା ।"




ଏକଥା କହି ବିଲୁଆ ପଶୁ ଖୋଜିବାକୁ ଗଲା । ବଣର ପଶୁମାନେ ବିଲୁଆର ଗୁଣ ଜାଣିଥିଲେ । ତେଣୁ କେହି ବିଲୁଆର କଥା ଶୁଣିଲେ ନାହିଁ । ବିଲୁଆ ଗାଁ ପାଖ ପଡ଼ିଆରେ ପହଞ୍ଚିଲା । ସେଇଠି ଗଧଟିଏ ଚରୁଥାଏ । ବିଲୁଆ ତାକୁ ଦେଖି କହିଲା- "ଗଧଭାଇ ନମସ୍କାର । ତୁମେ କ'ଣ ଏତେ ଝଡ଼ିଯାଇଛ ? ଖାଇବାକୁ ପାଉନ କି ?" ବିଲୁଆଠାରୁ ଏ ମଧୁର କଥା ଶୁଣି ଗଧ ଭଳି ଗଲା । ସେ କହିଲା- "ମୋ ମାଲିକ ମତେ ଖାଇବାକୁ ଦେଉନି । ବହୁତ କାମ କରାଉଛି ।" ବିଲୁଆ ବୁଝାଇଲା-"ଏଭଳି ମାଲିକ ପାଖରେ କାହିଁକି ରହିଛ ? ତୁମେ ମୋ ସହ ବଣକୁ ଚାଲ । ସେଇଠି ବହୁତ ଘାସ ଓ ଗଛପତ୍ର ଅଛି । ତୁମେ ଖାଇପିଇ ମୋଟା ଓ ବଳୁଆ ହୋଇଯିବ ।" ବିଲୁଆ କଥାରେ ବିଶ୍ୱାସ କରି ଗଧ ତା' ସହ ବଣକୁ ଗଲା । ବିଲୁଆ ତାକୁ ସିଂହ ପାଖକୁ ନେଇଗଲା । ସିଂହ ଗଧକୁ ମାରିଦେଲା । ମୂର୍ଖ ଗଧ ଅଜଣା ବିଲୁଆ ଉପରେ ବିଶ୍ୱାସ କଲା । ନିଜ ଜୀବନ ହରାଇଲା । ସେଥିପାଇଁ କୁହନ୍ତି- "ଅଜଣାକୁ ବିଶ୍ୱାସ କରିବା ଅନୁଚିତ" ।

#### ପିମ୍ପୁଡ଼ିଭାଇ



ପିମ୍ପୁଡ଼ିଭାଇରେ ପିମ୍ପୁଡ଼ିଭାଇ
ବଡ଼ ପରିଶ୍ରମୀ ଅଟୁରେ ତୁହି ।
ବରଷା ଆସିବା ଆଗରୁ ଯାଇ
ରଖି ଦେଉ ଦାନା ନିଜେ ତୁ ବୋହି ।
ବରଷା ଦିନରେ ଖୁସି ମନରେ
ମଜାରେ ଥାଉ ତୁ ଘର ଭିତରେ ।
ପରିଶ୍ରମ କଲେ ମିଳଇ ସୁଖ
ଅଳସୁଆ ଦିନେ ପାଇବ ଦୁଃଖ ।
ଏହି କଥାକୁ ତୁ ଦେଉଛୁ କହି
ବିନା ପରିଶ୍ରମେ ଆନନ୍ଦ କାହିଁ ?



ସପ୍ତାହ-୮

# ଅତିରିକ୍ତ ଶିକ୍ଷଣକାର୍ଯ୍ୟ



## ଆସ, ଗପ ଶୁଣିବା ଓ ଗୀତ ଗାଇବା ।

### ଏଣ୍ଡୁଅ କାହିଁକି ରଙ୍ଗ ବଦଳାଏ

ବାଘଟିଏ ଦୁଇଦିନ ଧରି ଭୋକିଲା ଥିଲା । ଅନେକ ଖୋଜିଲା ପରେ ବି ଶିକାର ପାଉ ନଥିଲା । ଶିକାର ଖୋଜୁ ଖୋଜୁ ସେ ହରିଣଟିଏ ଦେଖିଲା । ତାକୁ ଶିକାର କରିବାକୁ ଗଲା । ହଠାତ୍ କିଛି ଗୋଟାଏ ଶବ୍ଦରେ ହରିଣ ଚମକି ପଡ଼ିଲା । ଖୁବ୍ ଜୋରରେ ଧାଇଁ ପଳାଇଲା । ବାଘ ତା' ପଛରେ ଦଉଡ଼ିଲା । ହେଲେ ହରିଣକୁ ଧରି ପାରିଲାନାହିଁ । ବାଘ ଗଛ ପାଖକୁ ଫେରି ଦେଖିଲା, ଏଣ୍ଡୁଅଟାଏ ମୁଣ୍ଡ ଟୁଙ୍ଗାଉଛି । ବାଘ, ଏଣ୍ଡୁଅ ଉପରେ ରାଗିଗଲା । ଗର୍ଜନ କରି କହିଲା-''ତୁ ହରିଣକୁ ଘଉଡ଼ାଇ ଦେଲୁ । ଆଜିଠାରୁ ପ୍ରତିଦିନ ତୁ ଗୋଟିଏ ହରିଣ ଯୋଗାଡ଼ କରିବୁ । ମତେ ଖବର ଦେବୁ । ତା' ନହେଲେ ମୁଁ ତତେ ଖାଇଯିବି ।'' ଏଣ୍ଡୁଅ, ବାଘ କଥାରେ ରାଜି ହେଲା । ସେ ସବୁଦିନ ବଣ ସାରା ଖୋଜିଖୋଜି ହରିଣ ଯୋଗାଡ଼ କରେ । ବାଘକୁ ଖବର ଦିଏ । ବାଘ ସେ ହରିଣକୁ ଶିକାର କରି ଖାଏ । ଏମିତି ବହୁତ ଦିନ ଗଲା । ହରିଣ ଖୋଜି ଖୋଜି ଏଣ୍ଡୁଅ ହାଲିଆ ହୋଇଗଲା । ସେ ନିଜେ କିଛି ଖାଇବାକୁ ସମୟ ପାଇଲା ନାହିଁ । ଫଳରେ ବହୁତ ଦୁର୍ବଳ ହୋଇଗଲା । ମନଦୁଃଖରେ ସେ ଭଗବାନଙ୍କୁ ଡାକିଲା । ଏ ଅସୁବିଧାରୁ ରକ୍ଷା କରିବାକୁ ଅନୁରୋଧ କଲା । ଭଗବାନ ଏଣ୍ଡୁଅର ଡାକ ଶୁଣିଲେ । ତାକୁ ନିଜ ରଙ୍ଗ ବଦଳାଇ ପାରିବା ବର ଦେଲେ । ତାପରେ ଏଣ୍ଡୁଅ ରଙ୍ଗ ବଦଳାଇ ଗଛର ପତ୍ର ଓ ଡାଳ ଭିତରେ ଲୁଚିଗଲା । ଯେଉଁଠି ସେ ରହିଲା, ତା' ଦେହର ରଙ୍ଗ ସେହି ଭଳି ହୋଇଗଲା । ବାଘ ଆଉ ଏଣ୍ଡୁଅକୁ ଖୋଜି ପାଇଲା ନାହିଁ । ଏଣ୍ଡୁଅ ମନ ଖୁସିରେ ରହିଲା ।





### ଇଟିକିଲି ମିଟିକିଲି





ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତୁମର ଆମର ନାଲି ପାଇଁଚ
ନାଲି ପେଁ ପେଁ ବାଜଇ ବାଜା
ଗୋଟିକ ଉପରେ ଗୋଟିଏ ଖଜା ।
ଆମ୍ବ ପାଚେ
ପଣସ ପାଚେ
ତାଧେଇ ତାଧେଇ ନେଉଳ ନାଚେ ।
ଧେଇଧେଇ ତାକ୍ ଧେଇଧେଇ
ହେଇଟି ନଟ....... ହଟଚମଟ
ଛାଡ଼ ବାଟ ..... ଯିବି କଟକ
କଟକରେ ମୋର ମାମୁଘର
ଖାଇବି କ୍ଷୀରି ପୁରୀ ସର ।

ଚକା ଚକା ଭଉଁରୀ ଲୋ
ମାମୁଘର ଚଉଁରୀ
ମାମୁ ଖୁଆଇବେ ଲଡୁ
ମାଇଁ ଖୋଇବେ କ୍ଷୀରି
ମାମୁଘର କ୍ଷୀରିସା.... ମୁଣ୍ଡା ମୁଣ୍ଡା ଆରିସା
ସରୁ ଚକୁଳି ପରଷା...... ପାରିଜାତ ମହୁରୀ ।
ମାମୁ ଗାଳି ଅଲଣା
ମାଇଁଙ୍କର ଝୁଲଣା
ମାଇଁ ହାତ ପରଷାକୁ କେହି ନୁହେଁ ସରି
ଚକା ଚକା ଭଉଁରୀ ଲୋ ଚକା ଚକା ଭଉଁରୀ







ସପ୍ତାହ-୮

# ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

୧. ଆସ, ତଳଲିଖିତ ଶବ୍ଦଗୁଡ଼ିକୁ ପଢ଼ିବା ।

ଚଟ
ବଳ
ରଖ
ମନ
ସପ
ଗଢ଼

ଆସ
ଇଟି
ଉପର
ଔଷଧ
ଏତିକି

ଯୁଗଳ
କଖାରୁ
ଜେଜେମା
କୋଠରୀ
ଡେକଚି
ଭରତ

ଆମ
ଛାଇ
ଈଶ
ଊନ
ଓଠ
ଏକ

ଐରାବତ
ଓଲଟ
ଖବର
ଶଗଡ଼
ଶରତ

ଓଡ଼ିଆ
ପୋଡ଼ପିଠା
ବିଲୁଆ
ଉଷା
ବାଘୁଣୀ
ଅନୁକୂଳ

ଅଗ
ଯଶ
ଫଳ
ଐର
ଋଷି

ପଣସ
ଅଳପ
ସୂରୁଯ
ଝରଣା
ଢଗ

କିଆରି
ସୌଦାଗର
ହଲ୍‌ଚଲ୍
ଫକ୍‌ଫକ୍
ଥରଥର

ସପ୍ତାହ-୮

## ଅଭ୍ୟାସ କାର୍ଯ୍ୟ

ଦିନାଙ୍କ ________

### ଆସ, ପଢ଼ିବା ।



ଚକମକ ନଗର ।
ଝକମକ ଟଗର




ଫରଫର ପର
ଝମଝମ ଝର ।



ଗୋଲଗୋଲ ବଳା,
ଟଗର ଫୁଲ ଧଳା ।



କଟମଟ ମଗର,
ଟପଟପ ମଟର ।



ଖରାର ତାପ ।
ବାଟର ମାପ ।
ମନର ପାପ ।
ପକାନା ବାପ ।
ଖରାପ ଛାପ ।



ଗରମ ଗରମ କାକରା,
ଖାଇଲା ଆମ ମକରା ।
ରାମ ନାମ ଧଇଲା,
ନାଳ ଆଡ଼ ଧାଇଁଲା ।



ଆଇ ମନ ଊଣା କରି ବସିଥିଲେ ।
ଅଜା ବୈଠକ ଘରକୁ ଆସିଲେ ।
ସାଥିରେ ଜଣେ କୃଷକ ଓ ଋଷି ଆସିଥିଲେ ।
ସେମାନେ ଆଇକୁ ଔଷଧ ଦେଇ ଚୌକି ଉପରେ ବସିଲେ ।
ଏଥର ଐର ଖାରବେଳ ଗପ କହିଲେ ।
ଶେଷରେ ଅଜାଠାରୁ ତୂରୀ ନେଇ ଫେରିଗଲେ ।

## ଦୈନିକ ଯୋଜନା

ପ୍ରତିଦିନ ୧୦ - ୧୦.୪୫ ମିନିଟ୍ ପର୍ଯ୍ୟନ୍ତ ଭାଷା କାର୍ଯ୍ୟ କରାଯିବ। ଶିଖରରେ ୮ ସପ୍ତାହ ପାଇଁ କାର୍ଯ୍ୟ ଅଛି। ପ୍ରତି ସପ୍ତାହ ପାଇଁ ଏକ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଦିଆଯାଇଛି। ସେହି ପ୍ରସଙ୍ଗକୁ ନେଇ ପ୍ରତ୍ୟେକ ସପ୍ତାହରେ ଏକ ଅଭିନୟ ଗୀତ, ଗଳ୍ପକଥନ ପାଇଁ ଏକ ଗପ, ସାପ୍ତାହିକ ଶିକ୍ଷଣକାର୍ଯ୍ୟ, କଥୋପକଥନ ପାଇଁ ବିନ୍ଦୁ ଓ ୬ଟି କାର୍ଯ୍ୟଫର୍ଦ୍ଦ ଦିଆଯାଇଛି। ଏହି ୪୫ ମିନିଟ୍‌ରେ ୪ ଖଣ୍ଡିୟ ରୂପରେଖ ଅନୁଯାୟୀ ମୌଖିକ କାର୍ଯ୍ୟ, ଅକ୍ଷର ବା ଶବ୍ଦ ସ୍ତରର କାର୍ଯ୍ୟ, ପଠନ ଓ ଲିଖନ କାର୍ଯ୍ୟ କରାଯିବ।

| | |
|---|---|
| ମୌଖିକ କାର୍ଯ୍ୟ<br>ଅଭିନୟ ଗୀତ - (୧୦ମି.) | • ଅଭିନୟ ଗୀତକୁ ଅଭିଭାବକ ଅଙ୍ଗଭଙ୍ଗୀ ସହ ଆବୃତ୍ତି କରିବେ ଓ ପିଲା ତାଙ୍କୁ ଅନୁସରଣ କରି ଆବୃତ୍ତି କରିବେ।<br>• ପ୍ରଥମରୁ ତୃତୀୟ ଦିନ ପର୍ଯ୍ୟନ୍ତ ଅଭିନୟ ଗୀତ ଆବୃତ୍ତି କରାଯିବ।<br>• ଦ୍ୱିତୀୟ ଦିନ ଅଭିନୟ ଗୀତ ସହିତ ଦିଆଯାଇଥିବା ସମତାନ ଶବ୍ଦ କୁହାଯିବ ଓ କବିତାରେ ଶବ୍ଦକୁ ଦେଖାଇ ଚିହ୍ନଟ କରାଯିବ। ପିଲାମାନେ ଚିହ୍ନିବେ ଓ କହିବେ।<br>• ତୃତୀୟ ଦିନ ସମତାନ ଶବ୍ଦର ପ୍ରଥମ ଧ୍ୱନି ଚିହ୍ନଟ କରାଯିବ। ପିଲାମାନେ ଚିହ୍ନିବେ ଓ ସେହି ଧ୍ୱନିରେ ଆରମ୍ଭ ହେଉଥିବା ଅନ୍ୟ ଶବ୍ଦ କହିବେ (Phonological Awareness) |
| ସାପ୍ତାହିକ ଶିକ୍ଷଣକାର୍ଯ୍ୟ<br>(୧୦ମି.) | • ପ୍ରଥମ ଦିନ ଅଭିନୟ ଗୀତ ପରେ ଅଭିଭାବକ ଦିଆଯାଇଥିବା ସାପ୍ତାହିକ ଶିକ୍ଷଣକାର୍ଯ୍ୟ କରାଇବେ। (ଅଧିକା ସମୟ ଆବଶ୍ୟକ ଥିଲେ ଦ୍ୱିତୀୟ ଦିନ କାର୍ଯ୍ୟଟିକୁ ପୁନର୍ବାର କରାଇବେ)<br>• ଶିକ୍ଷଣକାର୍ଯ୍ୟ ପାଇଁ କାର୍ଯ୍ୟକଳାପ, ଖେଳ କିମ୍ବା ଅଭିନୟ ଗୀତ ଦିଆଯାଇଛି। |
| ଗଳ୍ପକଥନ (୧୫ମି.) ପଠନ<br>(ଅଭିଭାବକ ୨ / ୩ ଥର ଆଙ୍ଗୁଳି ରଖି ଗପଟିକୁ ପଢ଼ିଲା ପରେ ପିଲାମାନେ ଶବ୍ଦ ଚିହ୍ନି ବା ଅନୁମାନ କରି ପଢ଼ିବା ପାଇଁ ଚେଷ୍ଟା କରିବେ। | • ଚତୁର୍ଥ ଦିନ ଅଭିଭାବକ ପିଲାଙ୍କୁ ଗଳ୍ପକଥନରେ ଥିବା ଗପ ବିଷୟରେ ଅନୁମାନ କରିବାକୁ କହିବେ।<br>• ତା' ପରେ ସ୍ୱରର ଉତ୍‌ଥାନପତନ ସହିତ ଗପଟି କହିବେ। ଦିଆଯାଇଥିବା ସରଳ ପ୍ରଶ୍ନ ପଚାରିବେ।<br>• ପଞ୍ଚମ ଦିନ ଅଭିଭାବକ ପିଲାମାନଙ୍କୁ ଗପ ବିଷୟରେ କ'ଣ ମନେ ଅଛି ପଚାରିବେ। ନିଜେ ବୁଝିଥିବା ଭାଷାରେ ଗପଟିକୁ କହିବାକୁ କହିବେ। ତା' ପରେ ପୁଣି ଥରେ ଗପ ଶୁଣାଇବେ ଓ ପ୍ରଶ୍ନ ପଚାରିବେ।<br>• ଷଷ୍ଠ ଦିନ ଅଭିଭାବକ ପିଲାଙ୍କ ସହିତ ଗପଟି କହିବେ ଓ ଆଲୋଚନା କରିବେ। ମୁଖ୍ୟ ଶବ୍ଦର ଅର୍ଥ କହିବେ ଓ ପଚାରିବେ। ପିଲାଙ୍କୁ ନିଜ ଭାଷାରେ ଗପଟି କହିବାକୁ କହିବେ।<br>• ଅଭିଭାବକ ୨ ବା ୩ ଥର କହିବା ପରେ ଦ୍ୱିତୀୟ ଶ୍ରେଣୀର ପିଲାମାନେ ଗଳ୍ପଟିକୁ ନିଜେ ପଢ଼ିବାକୁ ଚେଷ୍ଟା କରିବେ। |
| କଥୋପକଥନ<br>(୧୦ମି.)<br>ମୌଖିକ | • ଷଷ୍ଠ ଦିନ କଥୋପକଥନ ପାଇଁ ଦିଆଯାଇଥିବା ବିଷୟବସ୍ତୁକୁ ନେଇ ଅଭିଭାବକ ପିଲାମାନଙ୍କ ସହ ଆଲୋଚନା କରିବେ। ମୌଖିକ ଅଭିବ୍ୟକ୍ତି ପାଇଁ ପିଲାଙ୍କୁ ଚର୍ଚ୍ଚା କରିବା ପାଇଁ ବା କହିବା ପାଇଁ ଉତ୍ସାହିତ କରିବେ। |
| ଗୀତ, ଗପ ମାଧ୍ୟମରେ ଅକ୍ଷର ସ୍ତର / ଶବ୍ଦ ସ୍ତର କାର୍ଯ୍ୟ<br>(୫ ମିନିଟ୍) | • ପିଲାମାନେ ଅଭିନୟ ଗୀତରୁ ସମତାନ ଶବ୍ଦ ଚିହ୍ନିବେ ଓ ନୂଆ ସମତାନ ଶବ୍ଦ କହିବେ।<br>• ସମତାନ ଶବ୍ଦର ପ୍ରଥମ - ମଧ୍ୟମ - ଅନ୍ତିମ ଧ୍ୱନି ଚିହ୍ନି ନୂଆ ଶବ୍ଦ କହିବେ।<br>• ଗଳ୍ପକଥନର ଗପରେ ଥିବା ମୁଖ୍ୟ ଶବ୍ଦର ଅର୍ଥ ଜାଣିବେ ଓ କହିବେ। |
| ଲିଖନ<br>(୧୫ ରୁ ୨୦ ମିନିଟ୍) | • ପିଲାମାନେ କାର୍ଯ୍ୟପୁସ୍ତିକାରେ ଦିଆ ଯାଇଥିବା କାର୍ଯ୍ୟଫର୍ଦ୍ଦରେ ଲିଖନ କାର୍ଯ୍ୟ କରିବେ।<br>• ପ୍ରଥମ ଶ୍ରେଣୀରେ - ପ୍ରାକ୍ ଲିଖନ, ପ୍ରାରମ୍ଭିକ ଲିଖନ (Emergent writing) ଓ ଅକ୍ଷର ସଙ୍କେତ ଲିଖନ ଉପରେ କାର୍ଯ୍ୟ କରିବେ।<br>• ଦ୍ୱିତୀୟ ଶ୍ରେଣୀରେ - ଚିତ୍ରାଙ୍କନ, ରଙ୍ଗ କରିବା, ଅକ୍ଷର ସ୍ତର, ଶବ୍ଦ ସ୍ତର ଓ ଛୋଟ ବାକ୍ୟ ବା ବାକ୍ୟାଂଶ ଦେଖି ଦେଖି ଲେଖିବେ। |

## ଶିକ୍ଷଣ ଫଳାଫଳ

| ୪ ଖଣ୍ଡିଆ ରୂପରେଖ | ଗତିବିଧି | ପ୍ରତ୍ୟାଶିତ ଫଳାଫଳ ଶ୍ରେଣୀ ୧ | ପ୍ରତ୍ୟାଶିତ ଫଳାଫଳ ଶ୍ରେଣୀ ୨ |
|---|---|---|---|
| ମୌଖିକ ଭାଷାର ବିକାଶ | କଥୋପକଥନ | OD୧୦୧.୧୦୨ | OD୨୦୪,OD୨୦୧, OD୨୧୫, OD୨୦୪ |
| | ଚିତ୍ର ବର୍ଣ୍ଣନା | OD୧୦୫,OD୧୦୬ | OD୨୦୮,OD୨୦୯ |
| | ଅଭିନୟ ଗୀତ | OD୧୦୩ | OD୨୦୨,OD୨୦୩,OD୨୦୬ |
| | ସାପ୍ତାହିକ ଗତିବିଧି | OD୧୦୧,୧୦୨,୧୦୩ | OD୨୦୪,OD୨୧୫ |
| ପଠନ | ପ୍ରିଣ୍ଟ ର ଅବଧାରଣା | OD୧୦୪,OD୧୦୯, OD୧୧୦ | OD୨୦୪,OD୨୧୦, OD୨୧୧ |
| | ଇମରଜେଣ୍ଟ ରିଡିଂଗ୍<br>ଲୋଗୋଗ୍ରାଫିକ୍ ରିଡିଂଗ୍ | OD୧୦୮,OD୧୦୯, OD୧୧୦ | OD୨୦୭,OD୨୦୩, OD୨୧୦ |
| | ଅଭିଭାବକ/ ଶିକ୍ଷକଙ୍କଦ୍ୱାରା ଗଳ୍ପକଥନ ଓ ଗପ ପଢ଼ି ଶୁଣେଇବା | OD୧୦୨ | OD୨୦୨,OD୨୦୭, OD୨୦୬,<br>OD୨୦୩, OD୨୧୫ |
| ଶବ୍ଦ ପଠନ/ ଡିକୋଡିଂ | ସମତାନ ଶବ୍ଦ ଚିହ୍ନିବା ଓ ଶବ୍ଦର ପ୍ରଥମ ଧ୍ୱନି ଚିହ୍ନିବା | OD୧୦୩ | OD୨୦୫ |
| | ଅକ୍ଷର ଚିହ୍ନିବା | OD୧୦୭, OD୧୧୦, OD୧୧୧ | OD୨୧୧ |
| ଲିଖନ | ପ୍ରାକ୍ ଲିଖନ ଓ ପ୍ରାରମ୍ଭିକ ଲିଖନ | OD୧୧୨, OD୧୧୩ | OD୨୧୪ |
| | ଅକ୍ଷର ଲିଖନ | OD୧୧୧ | OD୨୧୪ |
| | ଶବ୍ଦ ଲିଖନ, ପ୍ରଚଳିତ ଲିଖନ (Inventive spelling, Conventional writing) | --- | OD୨୧୪, ୨୧୫, ୨୧୬ |
| | ଚିତ୍ର ଦେଖି ଛୋଟ ବାକ୍ୟାଂଶ ଲିଖନ (ଅଭିବ୍ୟକ୍ତି) | --- | OD୨୧୫, OD୨୧୬ |

ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ ବା ଆଦ୍ୟ ଶୈଶବ ସ୍ତରରେ ବିଦ୍ୟାଳୟ ପ୍ରସ୍ତୁତି ପାଇଁ କରାଯାଇଥିବା କାର୍ଯ୍ୟ ସହିତ ପ୍ରଥମ ଶ୍ରେଣୀର ପ୍ରବେଶ ସ୍ତର କାର୍ଯ୍ୟ ମଧ୍ୟରେ ନିରନ୍ତରତା ରଖିବା ପାଇଁ ଓଡ଼ିଶା ସରକାରଙ୍କଦ୍ୱାରା, UNICEF ସହଯୋଗରେ ନିର୍ମିତ WCDର ନୂଆ ଅରୁଣିମା ପୁସ୍ତିକାର କେତେକ ପ୍ରତ୍ୟୟ, ଗପ ଓ ଅଭିନୟ ଗୀତକୁ ଶିଖର କାର୍ଯ୍ୟକ୍ରମରେ ଯୋଡ଼ି ଦିଆଯାଇଛି। ସେହିପରି ୫-୬ ବର୍ଷର ପିଲାମାନଙ୍କୁ ଦୃଷ୍ଟିରେ ରଖି ପ୍ରଥମ ଶ୍ରେଣୀରେ / ପ୍ରଥମ କରି ବିଦ୍ୟାଳୟରେ ପ୍ରବେଶ କରୁଥିବା ପିଲାଙ୍କ ପାଇଁ OSEPA, TE & SCERT ଦ୍ୱାରା ଓ UNICEF ର ସହଯୋଗରେ ନିର୍ମିତ 'ଆରମ୍ଭ' କାର୍ଯ୍ୟକ୍ରମର ଶିକ୍ଷକ ସାଥୀ ପୁସ୍ତିକାରୁ ମଧ୍ୟ କିଛି ଗପ ଓ କବିତାକୁ ଶିଖର କାର୍ଯ୍ୟକ୍ରମରେ ସ୍ଥାନିତ କରାଯାଇଛି। ଏତଦ୍‌ଭିନ୍ନ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ୟୁଟ୍ୟୁବ୍ (YOUTUBE) ରେ ପିଲାମାନଙ୍କ ନିମନ୍ତେ ଥିବା କିଛି ଗୀତ, ଗପ Video ମଧ୍ୟ ସ୍ଥାନ ପାଇଛି।

OSEPA ଓ LLF ଏଥିପାଇଁ Department of WCD, UNICEF, TE&SCERT ଓ YOUTUBE ପାଖରେ କୃତଜ୍ଞତା ପ୍ରକାଶ କରୁଛନ୍ତି। ଧନ୍ୟବାଦ।

ମୁଦ୍ରଣ : ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ, ଭୁବନେଶ୍ୱର